ବର୍ଷ-୨୬, ସଂଖ୍ୟା-୫୨
ଭୁବନେଶ୍ୱର
୨୨, ଫେବୃଆରୀ, ୨୦୨୬ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 52
Bhubaneswar
22 February, 2026 Sunday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଓଡିଶା ହେବ ଷ୍ଟ୍ରାଟେଜିକ୍ ଗେଟ୍‌ୱେ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୧।୨(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ୪୪ ତମ ହାଇଲେଭେଲ କ୍ଲିଅରାନ୍ସ ଅଥରିଟି ବୈଠକରେ ଆଜି ୪୪, ୨୦୦ କୋଟି ଟଙ୍କାର ୧୦ଟି ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ରାଜ୍ୟର ୮ଟି ଜିଲ୍ଲାରେ ଏହି ୧୦ଟି ପ୍ରକଳ୍ପ ସ୍ଥାପନ କରାଯିବ, ଯାହାଦ୍ୱାରା ପ୍ରାୟ ୯ ହଜାର ନିଯୁକ୍ତି ସୃଷ୍ଟି ହେବ। ଏହି ଜିଲ୍ଲାଗୁଡିକ ହେଉଛି- ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ଢେଙ୍କାନାଳ, ପୁରୀ, ନୟାଗଡ, କଳାହାଣ୍ଡି ଓ ଦେବଗଡ। ରେଆର ଆର୍ଥ ମାନୁଫାକ୍‌ଚରିଙ୍ଗ୍, ସେମିକଣ୍ଡକ୍ଟର, ସିମେଣ୍ଟ, ଅଟୋମୋବାଇଲ ଓ ଅଟୋକମ୍ପୋନେଣ୍ଟ, ଟେଲିକମ୍ ଭିତ୍ତିଭୂମି ଏବଂ ଶକ୍ତି ଓ ନବୀକରଣୀୟ ଶକ୍ତି କ୍ଷେତ୍ରରେ ନିବେଶ ପ୍ରସ୍ତାବ ଗୁଡିକୁ ମଞ୍ଜୁର କରାଯାଇଛି। ବୈଠକରେ ପୁଞ୍ଜି ଆକର୍ଷଣ ଓ ପୁଞ୍ଜି ପ୍ରସ୍ତାବ କାର୍ଯ୍ୟକାରୀ କରିବାରେ ଓଡିଶାର ଉଚ୍ଚ ପ୍ରଦର୍ଶନ ପାଇଁ ସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶା ଏବେ ପାରମ୍ପରିକ ଶିଳ୍ପ ବ୍ୟତୀତ ଆଧୁନିକ, ଟେକ୍ନୋଲୋଜି ପରିଚାଳିତ କ୍ଷେତ୍ର ଉପରେ ଗୁରୁତ୍ୱ ପ୍ରଦାନ କରୁଛି। ଏହି ଏଚଏଲସିଏ ଗୁଡିକ ଜରିଆରେ ଆମେ ଏବେ ଉଦୀୟମାନ ଶିଳ୍ପ କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି କରିପାରୁଛୁ। ବିଶେଷକରି ଆଧୁନିକ ମାନୁଫାକ୍‌ଚରିଙ୍ଗ୍ ଓ ନବୀକରଣୀୟ ଶକ୍ତି ଉତ୍ପାଦନରେ ଓଡିଶାର ସ୍ଥିତି ସୁଦୃଢ଼ ହେଉଛି। ଏହାଦ୍ୱାରା ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନର ଲକ୍ଷ୍ୟ ତ୍ୱରାନ୍ୱିତ ହୋଇପାରୁଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେବଳ ପୁଞ୍ଜି ଆକର୍ଷଣ କରିବା ଆମର ଲକ୍ଷ୍ୟ ନୁହେଁ, ଏହା ଯେପରି ତୁରନ୍ତ କାର୍ଯ୍ୟକାରୀ ହେବ, ତାକୁ ସୁନିଶ୍ଚିତ କରିବା ଦରକାର। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରକଳ୍ପ ପ୍ରସ୍ତାବ ଗୁଡିକ କାର୍ଯ୍ୟକାରୀ ହୋଇ ଉତ୍ପାଦନ ଆରମ୍ଭ ହେବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ସେ କହିଥିଲେ। ଏଥିପାଇଁ ଅଧିକାରୀମାନେ ଟିମ୍ ଓଡିଶାର ମନୋଭାବ ନେଇ କାର୍ଯ୍ୟ କରିବା ଆବଶ୍ୟକ। ସମସ୍ତଙ୍କ ସମନ୍ୱୟରେ ଆମର କାର୍ଯ୍ୟଶୈଳୀରେ ଉନ୍ନତି ଆସିପାରିବ ଏବଂ ଆମର ସଂସ୍ଥାଗତ ବ୍ୟବସ୍ଥା ଗୁଡିକୁ ସୁଦୃଢ଼ ହୋଇପାରିବ ବୋଲି ସେ କହିଥିଲେ।



## ୪୪.୨୦୦ କୋଟି ଟଙ୍କାର ପୁଞ୍ଜି ନିବେଶକୁ ମଞ୍ଜୁରୀ

ଏଚଏଲସିଏର ସଦସ୍ୟ ଓ ଅଧିକାରୀମାନଙ୍କୁ ପୁଞ୍ଜିନିବେଶରେ ଅଧିକ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଏକ ୩-ସୂତ୍ରୀ ଆକ୍ସନ ପ୍ଲାନ ଦେଇଛନ୍ତି। ପ୍ରଥମଟି ହେଉଛି ଯେ, ପୁଞ୍ଜି ଆକର୍ଷଣ ପାଇଁ ବିଭିନ୍ନ ରାଜ୍ୟ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ତେଣୁ ଆମକୁ ଏ କ୍ଷେତ୍ରରେ ଆମର ଅଭିଯାନକୁ ଆହୁରି ସୁଦୃଢ଼ କରିବାକୁ ପଡିବ। ଦ୍ୱିତୀୟ ହେଲା, ଆମର ଫଙ୍କସନାଲ୍ ସିଷ୍ଟମକୁ ଆହୁରି ଉନ୍ନତ କରିବାକୁ ପଡିବ। ଏହାଦ୍ୱାରା ଶିଳ୍ପ ସ୍ଥାପନ କ୍ଷେତ୍ରରେ ଅଧିକ ଗତି ଆସିବ ଏବଂ ଶିଳ୍ପାୟନ ପ୍ରକ୍ରିୟା ମଧ୍ୟ ସହଜ ହେବ। ତୃତୀୟ ବିଷୟଟି ହେଉଛି, ପ୍ରକଳ୍ପ ଗୁଡିକୁ ଗ୍ରାଉଣ୍ଡିଙ୍ଗ୍ କରିବା ପାଇଁ ଯେତିକି ସମୟ ଲାଗୁଛି, ତାକୁ ଆହୁରି କମ୍ କରିବାକୁ ପଡିବ। ଯେଉଁ ରାଜ୍ୟରେ ଶିଳ୍ପ ପ୍ରକଳ୍ପ ଗୁଡିକ ସବୁଠାରୁ କମ୍ ସମୟ ମଧ୍ୟରେ ଗ୍ରାଉଣ୍ଡିଙ୍ଗ ହେଉଥିବ, ନିବେଶକ ମାନେ ସେଠାକୁ ଯିବାପାଇଁ ଅଧିକ ପସନ୍ଦ କରିବେ। ତେଣୁ, ଆମକୁ ଏହିସବୁ ବିଷୟ ଗୁଡିକ ପ୍ରତି ଅଧିକ ଧ୍ୟାନ ଦେଇ ଏକ ଫୋକସ୍‌ଡ ଆପ୍ରୋଚ୍ ନେଇ ଉଦ୍ୟମ ଅବ୍ୟାହତ ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଆଜିର ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପ ଗୁଡିକ ମଧ୍ୟରେ ରହିଛି ଏଏସ୍‌ପି ସେମିକନ ପ୍ରାଇଭେଟ ଲିମିଟେଡ। ଏହି କମ୍ପାନୀ ୪,୬୨୦ କୋଟି ଟଙ୍କା ବିନିଯୋଗରେ ଖୋର୍ଦ୍ଧାରେ ଏକ ସେମିକଣ୍ଡକ୍ଟର ମେମୋରୀ ଚିପ୍ ମଡ୍ୟୁଲ୍ ପ୍ଲାଣ୍ଟ ସ୍ଥାପନ କରିବ। ଏହାଦ୍ୱାରା ପ୍ରାୟ ୨୫୦୦ ନିଯୁକ୍ତି ସୃଷ୍ଟି ହେବ। ସେହିପରି ମ୍ୟାଗନୋଭା ପ୍ରାଇଭେଟ ଲିମିଟେଡ ଖୋର୍ଦ୍ଧାରେ ୧୦୫୦ କୋଟି ଟଙ୍କା ବିନିଯୋଗରେ ଏକ ଇଣ୍ଟିଗ୍ରେଟେଡ୍ ହାଇ ପରଫର୍ମାନ୍‌ସ ମ୍ୟାଗନେଟ ମାନୁଫାକ୍‌ଚରିଙ୍ଗ୍ ଫାସିଲିଟି ନିର୍ମାଣ କରିବ। ସେମିକଣ୍ଡକ୍ଟର ଓ ରେଆର ଆର୍ଥ କ୍ଷେତ୍ରରେ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିବେଶ ଓଡିଶାକୁ ଆଧୁନିକ ଟେକ୍ନୋଲୋଜି କ୍ଷେତ୍ରରେ ଅଗ୍ରଣୀ କରିବାରେ ସହାୟକ ହେବ। ସେହିପରି ଭାରତ ଫୋରଗ ଲିମିଟେଡ ଢେଙ୍କାନାଳରେ ୩୦୦୦ କୋଟି ଟଙ୍କା ବିନିଯୋଗରେ ଏକ ଅଟୋମୋଟିଭ୍, ଏରୋସ୍ପେସ୍ ଓ ଡିଫେନ୍ସ ଉପକରଣ ନିର୍ମାଣ ୟୁନିଟ ସ୍ଥାପନ କରିବ। ଏହାଦ୍ୱାରା ୧୦୦୦ ନିଯୁକ୍ତି ସ୍ଥାପନ କରିବ। ସେହିପରି ସିମେଣ୍ଟ କ୍ଷେତ୍ରରେ ମଧ୍ୟ ଦୁଇଟି ପ୍ରସ୍ତାବ ଅନୁମୋଦନ ପାଇଛି । କୋରାପୁଟରେ ଏନସିଏଲ ଇଣ୍ଡଷ୍ଟ୍ରିଜ ଲିମିଟେଡ ୨୦୦୦ କୋଟି ଟଙ୍କା ବିନିଯୋଗରେ, ଏବଂ ମାଲକାନଗିରିରେ ଡାଲମିଆ ସିମେଣ୍ଟ ଲିମିଟେଡ ୨୦୦୦ କୋଟି ଟଙ୍କା ବିନିଯୋଗରେ ସିମେଣ୍ଟ ପ୍ରସ୍ତୁତି ୟୁନିଟ ପ୍ରତିଷ୍ଠା କରିବେ । ଏହି ଦୁଇଟି କମ୍ପାନୀ ଦ୍ୱାରା ଦକ୍ଷିଣ ଓଡିଶାରେ ୨୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସେହିପରି ନବୀକରଣୀୟ ଶକ୍ତି କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଞ୍ଜୁରୀ ହାସଲ କରିଛି। ନବୀକରଣୀୟ ଶକ୍ତି ଭିତ୍ତିଭୂମି ନିର୍ମାଣ ପାଇଁ ଆଦାନୀ ହାଇଡ୍ରୋ ଏନର୍ଜି ଟ୍ୱିଏଲଭ ଲିମିଟେଡ ନୟାଗଡରେ ୯, ୭୩୧.୪୭ କୋଟି, ସାଙ୍ଗାମାମ ସିଡି ହାଇଡ୍ରୋ କଷ୍ଟ୍ୟୁମ କୋରାପୁଟରେ ୯୦୦୦ କୋଟି, ଗ୍ରିନକୋ ଓଆର୦୧ ରିପ୍ ପ୍ରାଇଭେଟ ଲିମିଟେଡ କଳାହାଣ୍ଡିରେ ୭୫୦୬.୯୪ କୋଟି ଏବଂ ଜିନ୍ଦଲ ଗ୍ରିନ ପିଏସ୍‌ପି ଟୁ ପ୍ରାଇଭେଟ ଲିମିଟେଡ ଦେବଗଡରେ ୩୭୧୧.୫୬ କୋଟି ଟଙ୍କା ବିନିଯୋଗରେ ପମ୍ ?ଡ ଷ୍ଟୋରେଜ୍ ହାଇଡ୍‌ରୋ ପାଓ୍ୱାର ପ୍ଲାଣ୍ଟ ପ୍ରତିଷ୍ଠା କରିବେ।

ସେହିପରି ଟେଲିକମ ଭିତ୍ତିଭୂମି କ୍ଷେତ୍ରରେ ମଧ୍ୟ ନିବେଶ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ପୁରୀରେ ଶ୍ରୀଟେକ୍ ଡାଟା ଲିମିଟେଡ ସିଏଲଏସ୍ CLS କମ୍ପାନୀ ୧୬୨୨ କୋଟି ଟଙ୍କା ବିନିଯୋଗ କରି ଏକ କେବୁଲ ଲ୍ୟାଣ୍ଡିଙ୍ଗ୍ ଷ୍ଟେସନ ପ୍ରତିଷ୍ଠା କରିବ। ଏହାଦ୍ୱାରା ଡିଜିଟାଲ କନେକ୍ଟିଭିଟିରେ ଓଡିଶାର ଗୁରୁତ୍ୱ ବୃଦ୍ଧି ପାଇବ।

## କଟକଣା ସତ୍ତ୍ୱେ ଶ୍ରୀମନ୍ଦିର ଉପରେ ଉଡୁଛି ଡ୍ରୋନ



**ଭୁବନେଶ୍ୱର,୨୧।୨(ମହାଭାରତ):** ଗତ ବର୍ଷ ଶ୍ରୀ ଜଗନ୍ନାଥ ମନ୍ଦିର ହୁଣ୍ଡିରୁ ୧୮ କୋଟି ୫୯ ଲକ୍ଷ ୨୩ ହଜାର ୭୭୦ ଟଙ୍କା ଦାନ ସଂଗ୍ରହ କରାଯାଇଛି । ଭକ୍ତମାନେ ଉକ୍ତ ବର୍ଷରେ ୩ କିଗ୍ରା ୪୪୧ଗ୍ରାମ ୩୦୦ମିଗ୍ରା ମିଶ୍ରିତ ସୁନା ଓ ୩୩ କିଗ୍ରା ୬୪୮ ଗ୍ରାମ ୯୫୦ ମିଗ୍ରା ମିଶ୍ରିତ ରୁପା ଅଳଙ୍କାର ଦାନ କରିଛନ୍ତି। ୧୯୮୧ ରୁ ୨୦୨୪-୨୫ ସୁଦ୍ଧା ୫୮ କେଜି ୩୧୭ ଗ୍ରାମ ସୁନା ଏବଂ ୧୫୮ କେଜି ୮୩୬ ଗ୍ରାମ ରୁପା ଦାନ ଏବଂ ହୁଣ୍ଡିରୁ ସଂଗ୍ରହ ହୋଇଛି । ସେହିଭଳି ୨୦୧୧ ରୁ ୨୦୨୪-୨୫ ଭିତରେ ହୁଣ୍ଡି ଏବଂ ଅନ୍ୟାନ୍ୟ ଦାନରୁ ୩୦୪ କୋଟି ୫୭ ଲକ୍ଷ ଆଦାୟ ହୋଇଛି।

ଜୁନ ୨୦୨୪ ରୁ ବର୍ତ୍ତମାନ ସୁଦ୍ଧା ଶ୍ରୀମନ୍ଦିର ଉପରେ ୧୦ ଥର ବେଆଇନ ଭାବେ ଉଡ଼ିଛି ଡ୍ରୋନ। ୧୦ ଟି ମାମଲା ରୁଜୁ କରାଯାଇଥିବା ବେଳେ ୨ ଟି ମାମଲାରେ ଫାଇନାଲ ଫର୍ମ ପ୍ରଦାନ କରାଯାଇଛି ଏବଂ ବାକି ୮ ଗୋଟି ମାମଲାର ତଦନ୍ତ ଜାରି ରହିଛି। ସେହିପରି ଜୁନ ୨୦୨୪ ମସିହାରୁ ବର୍ତ୍ତମାନ ସୁଦ୍ଧା ଶ୍ରୀମନ୍ଦିର ପରିସରକୁ ୭୦୦ ଜଣ ବ୍ୟକ୍ତି ଅନଧିକୃତ ଭାବେ ମୋବାଇଲ ଫୋନ ଧରି ପ୍ରବେଶ କରିଛନ୍ତି। ଯେଉଁଥିପାଇଁ ୬ ଲକ୍ଷ ୯୩ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଏହି ଘଟଣାରେ ସିଂହଦ୍ୱାର ଥାନାରେ ୯ ଗୋଟି ମାମଲା ରୁଜୁ କରାଯାଇଥିବା ବେଳେ ୭ ଟିର ଫଇସଲା ହୋଇଛି ଓ ୨ ଟି ମାମଲା ତଦନ୍ତ ଚାଲିଛି। ଶ୍ରୀମନ୍ଦିର ଭିତରେ/ପରିସରରେ ବେଆଇନଭାବେ ଫଟୋ/ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ୮ ଥର ପ୍ରସାରଣ କରିଥିବାର ନଜରକୁ ଆସିଥିବାରୁ ସିଂହଦ୍ୱାର ଥାନାରେ ୮ ଗୋଟି ମାମଲା ରୁଜୁ କରାଯାଇଛି ଓ ସେଥି ମଧ୍ୟରୁ ୫ ଗୋଟି ମାମଲାର ତଦନ୍ତ ସରିଛି ଓ ୩ ଗୋଟି ମାମଲା ତଦନ୍ତାଧୀନ ଅଛି। ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଆଇନ ମନ୍ତ୍ରୀ।

ପୁରୀ ବାସିନ୍ଦାଙ୍କ ପାଇଁ ଶ୍ରୀମନ୍ଦିରରେ ହୋଇପାରେ ସ୍ୱତନ୍ତ୍ର ବ୍ୟବସ୍ଥା। ଏହି ବିଷୟରେ ଅନୁଧ୍ୟାନ କରି ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛି ପରିଚାଳନା କମିଟି। ବିଧାନସଭାରେ ଆଇନ ମନ୍ତ୍ରୀ ଲିଖିତ ଉତ୍ତର ରଖିଛନ୍ତି। ଜଗନ୍ନାଥ ମନ୍ଦିରରେ ପୁରୀ ବାସୀ ଙ୍କ ପାଇଁ ସ୍ୱତନ୍ତ୍ର ସମୟ, ବାର, ସପ୍ତାହ କିମ୍ବା ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯିବ କି ନାହିଁ ବୋଲି ପ୍ରଶ୍ନ କରିଥିଲେ ପୁରୀ ବିଧାୟକ।

# କୃଷକଙ୍କ ସମସ୍ୟା ନେଇ ଗୃହ ଅଚଳ

**ଭୁବନେଶ୍ୱର,୨୧।୨ (ମହାଭାରତ):** ଚାଷୀମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଜି ବିଧାନସଭାରେ ବିରୋଧୀ ବିଜେଡି ଓ କଂଗ୍ରେସର ବିଧାୟକମାନେ ଲଗାତାର ଚତୁର୍ଥ ଦିନ ମଧ୍ୟ ହଟ୍ଟଗୋଳ କରିଛନ୍ତି। ଏହି କାରଣରୁ ବଜେଟ ଅଧିବେଶନର ପଞ୍ଚମ ଦିବସର ପ୍ରଥମାର୍ଦ୍ଧରେ ପ୍ରଶ୍ନକାଳ ଓ ଶୂନ୍ୟକାଳ କାର୍ଯ୍ୟକ୍ରମ ହୋଇ ପାରି ନାହିଁ। ବାଚସ୍ପତି ଗୃହକୁ ପ୍ରଥମେ ୧୧.୩୦ ଯାଏ ଓ ପରେ ଅପରାହ୍ନ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ।



ଚଳିତ ବିଧାନସଭାର ପଞ୍ଚମ ଦିନରେ ଶନିବାର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସକାଳ ୧୦.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ସୁରମା ପାଢୀ ପ୍ରଶ୍ନକାଳ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ପ୍ରଶ୍ନର ଉତର ଦେବାକୁ ଚେଷ୍ଟା କରିଥିଲେ। ମାତ୍ର ବିରୋଧୀଙ୍କ ପକ୍ଷରୁ ପ୍ରବଳ ହଟ୍ଟଗୋଳ କରାଯାଇଥିଲା। ଧାନମଣ୍ଡି ସମସ୍ୟା, ଧାନକିଣାରେ ଅନିୟମିତତା ଓ ଚାଷୀ ମାନଙ୍କର ଅନ୍ୟ ସମସ୍ୟାକୁ ନେଇ ନେଇ ବିଜେଡି ଓ କଂଗ୍ରେସର ବିଧାୟକ ମାନେ ପ୍ରତିବାଦ କରିଥିଲେ। ସେମାନେ ଏହି ପ୍ରସଙ୍ଗରେ ନାରାବାଜୀ ସହ ଗୃହରେ ଧାନ ରଖି ହୋ ହାଲ୍ଲା କରିଥିବା ଦେଖିବାକୁ ମିଳିଥିଲା। ସେମାନଙ୍କ ହାତରେ ବ୍ୟାନର ମାନ ଥିଲା ଯେଉଁଥିରେ ବିଭିନ୍ନ ପ୍ରକାର ସରକାର ବିରୋଧୀ ସ୍ଲୋଗାନ ମାନ ଲେଖା ଯାଇଥିଲା। ବାଚସ୍ପତି ସୁରମା ପାଢୀ ହଟ୍ଟଗୋଳ କରୁଥିବା ବିଧାୟକମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ। ହେଲେ ଏହାର କୌଣସି ପ୍ରକାର ପ୍ରଭାବ ବିରୋଧୀ ବିଧାୟକଙ୍କ ଉପରେ ପଡି ନ ଥିଲା। ଏହା ଫଳରେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ।

୧୧.୩୦ରେ ଗୃହ କାର୍ଯ୍ୟ ପୁଣି ଥରେ ଆରମ୍ଭ ହେଲା ମାତ୍ରେ ସେହି ସମାନ ସ୍ଥିତି ଉତ୍ପନ୍ନ ହୋଇଥିଲା। ବିରୋଧୀ ବିଜେଡି ଓ କଂଗ୍ରେସ ଦଳର ବିଧାୟକମାନେ ଚାଷୀମାନଙ୍କ ସମସ୍ୟାକୁ ନେଇ ପୁଣି ଥରେ ହଟ୍ଟଗୋଳ ଆରମ୍ଭ କରି ଦେଇଥିଲେ।

# ଭୁବନେଶ୍ୱରରେ ଖୋଲିବ ଭିଏଫଏସ ଗ୍ଲୋବାଲ ଭିସା ଆପ୍ଲିକେସନ

**ଭୁବନେଶ୍ୱର,୨୧।୨(ମହାଭାରତ):** ଆସନ୍ତା ୧ ଏପ୍ରିଲ ୨୦୨୬ ଅର୍ଥାତ୍ 'ଓଡ଼ିଶା ଦିବସ' ଅବସରରେ ଭୁବନେଶ୍ୱରରେ ଏକ 'ଭିଏଫଏସ ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର' କାର୍ଯ୍ୟକ୍ଷମ ହେବାକୁ ଯାଉଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ର ଲେଖି ଭିଏଫଏସ ଗ୍ଲୋବାଲ ଗ୍ରୁପର ପ୍ରତିଷ୍ଠାତା ତଥା ସିଇଓ ଜୁବିନ କର୍କାରିଆ ସୂଚିତ କରିଛନ୍ତି।

ଓଡ଼ିଶାରୁ ବିଦେଶକୁ ଉଚ୍ଚଶିକ୍ଷା ଓ ବ୍ୟବସାୟ ପାଇଁ ଯାଉଥିବା ଯୁବବର୍ଗଙ୍କ ସୁବିଧା ପାଇଁ ଶ୍ରୀ ପ୍ରଧାନ ଗତବର୍ଷ ଅର୍ଥାତ୍ ସେପ୍ଟେମ୍ବର ୨,୨୦୨୫ରେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡଃ ଏସ୍. ଜୟଶଙ୍କରଙ୍କୁ ପତ୍ର ଲେଖି ଏକ ସ୍ଥାନୀୟ କେନ୍ଦ୍ର ପ୍ରତିଷ୍ଠା ପାଇଁ ଅନୁରୋଧ କରିଥିଲେ। ଏଥିସହିତ ସେ ଭିଏଫଏସର ଗ୍ଲୋବାଲ ସିଇଓ ଜୁବିନ କର୍କାରିଆଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିଲେ। ତେବେ ଭିଏଫଏସର ଗ୍ଲୋବାଲ ସିଇଓ ଏହି ପ୍ରସ୍ତାବକୁ ସ୍ୱୀକାର କରି ଭୁବନେଶ୍ୱରରେ ୧ ଏପ୍ରିଲ ୨୦୨୬ ରୁ ଭିସା ଆବେଦନ କେନ୍ଦ୍ର ଖୋଲିବା ନେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ପତ୍ର ଲେଖି ଜଣାଇଛନ୍ତି। ସେ ଉଲ୍ଲେଖ କରିଛନ୍ତି, ପ୍ରଥମ ପର୍ଯ୍ୟାୟରେ ଏହି କେନ୍ଦ୍ରରୁ ୟୁକେ ଏବଂ କେତେକ ବଛାବଛା ଦେଶ ପାଇଁ ଭିସା ଆବେଦନ ଗ୍ରହଣ କରାଯିବ। ପରବର୍ତ୍ତୀ ସମୟରେ ଚାହିଦା ଅନୁଯାୟୀ ଅନ୍ୟ ଦେଶଗୁଡ଼ିକୁ ମଧ୍ୟ ଏଥିରେ ସାମିଲ କରାଯିବ। ଏହି କେନ୍ଦ୍ର ମାଧ୍ୟମରେ ସ୍ଥାନୀୟ ଯୁବକଯୁବତୀଙ୍କୁ ପ୍ରଶିକ୍ଷଣ ଦିଆଯାଇ ନିଯୁକ୍ତି ପ୍ରଦାନ କରାଯିବ। ଭିସା କେନ୍ଦ୍ର ସହିତ 'ଭିସା କନସିଅର୍ଜ ସେବା' ମଧ୍ୟ ଉପଲବ୍ଧ ହେବ, ଯାହା ଫର୍ମ ପୂରଣ, ବୀମା ଏବଂ ଅନ୍ୟାନ୍ୟ ପ୍ରକ୍ରିୟାକୁ ସହଜ କରିବ।



ଶ୍ରୀ ପ୍ରଧାନ 'ଏକ୍ସ'ରେ ଏ ନେଇ ଖୁସି ବ୍ୟକ୍ତ କରିବା ସହ ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଷ୍ପତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏବଂ ଭିଏଫଏସର ଗ୍ଲୋବାଲ ସିଇଓ ଜୁବିନ କର୍କାରିଆଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାର ଛାତ୍ରଛାତ୍ରୀ ଏବଂ ବ୍ୟବସାୟୀମାନଙ୍କୁ ଆଉ ଭିସା କାମ ପାଇଁ କୋଲକାତା କିମ୍ବା ଅନ୍ୟ ସହରକୁ ଯିବାକୁ ପଡ଼ିବ ନାହିଁ। ଏହାଦ୍ୱାରା ସେମାନଙ୍କର ସମୟ, ଅର୍ଥ ଓ ପରିଶ୍ରମ ବଞ୍ଚିବା ସହ ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ। ଓଡ଼ିଶାର ଆନ୍ତର୍ଜାତୀୟ ସଂଯୋଗୀକରଣ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ହେବ। ଶ୍ରୀ ପ୍ରଧାନଙ୍କୁ ଏହି କେନ୍ଦ୍ରର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ଭିଏଫଏସ ଗ୍ଲୋବାଲ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ଏହି ପଦକ୍ଷେପ ଓଡ଼ିଶାର ଆନ୍ତର୍ଜାତୀୟ ସଂଯୋଗୀକରଣକୁ ଏକ ନୂତନ ଦିଗ ଦେବ।

# ବୃହତ୍ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସାରିବାକୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୧।୨ (ମହାଭାରତ):** ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରିତା ସଂପର୍କିତ ୬ଷ୍ଠ ଟାକ୍ସଫୋର୍ସ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ପ୍ରାରମ୍ଭରେ ମାନ୍ୟବର ପ୍ରଧାନମନ୍ତ୍ରୀ "ପ୍ରଗତି" ବୈଠକରେ ଗୁରୁତ୍ୱ ଦେଉଥିବା ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡିକର କାର୍ଯ୍ୟ ଅଗ୍ରଗତି ଉପରେ ସମୀକ୍ଷା କରାଯାଇଥିଲା। ବୈଠକରେ ନିର୍ମାଣାଧିନ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସଡ଼କ ଭିତ୍ତିଭୂମି ପ୍ରକଳ୍ପ ସହିତ ଜାତୀୟ ରାଜପଥ ପ୍ରକଳ୍ପ, ଶିଳ୍ପ, ଜଳସଂପଦ ବିଭାଗ ସଂପର୍କିତ ବୃହତ୍ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା ।

ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ପ୍ରତିବର୍ଷ ରାଜ୍ୟ ବଜେଟ୍ ?ରେ ଭିତ୍ତିଭୂମି ପ୍ରକଳ୍ପକୁ ଗୁରୁତ୍ୱ ଦିଆଯାଉଛି। ସେସବୁ ବୃହତ୍ ଭିତ୍ତିଭୂମିପ୍ରକଳ୍ପ ରାଜ୍ୟର ବିକାଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ବୃହତ୍ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକାରିତାରେ ରହୁଥିବା ସମସ୍ୟାର ସମାଧାନ କରି ପ୍ରକଳ୍ପ କାର୍ଯ୍ୟ ତ୍ୱରାନିତ୍ୱ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂ, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢୀଙ୍କ ସମେତ ପୂର୍ତ୍ତ ବିଭାଗ, ଜଳ ସଂପଦ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ବୃନ୍ଦ, ଇଡକୋର ପରିଚାଳନା ନିର୍ଦ୍ଦେଶକ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡ଼ିଶା, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଆଂଚଳିକ ଅଧିକାରୀ ଏବଂ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ସଂପୃକ୍ତ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ। ବିଭିନ୍ନ ଜିଲ୍ଲାରେ ବୃହତ୍ ଶିଳ୍ପ ପ୍ରକଳ୍ପର କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା କରାଯାଇଥିଲା । ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା, କାର୍ଯ୍ୟ ଅଗ୍ରଗତି ନେଇ ରହୁଥିବା ସମସ୍ୟା ଓ ସେସବୁର ସମାଧାନ ସଂପର୍କରେ ଆଲୋଚନା କରିଥିଲେ। ସଂପୃକ୍ତ ଜିଲ୍ଲାପାଳମାନଙ୍କ ସହିତ ପ୍ରକଳ୍ପର କାର୍ଯ୍ୟ ଅଗ୍ରଗତି ସ୍ଥିତି, ନିଆଯାଇଥିବା ପଦକ୍ଷେପ, ବାକି ରହିଥିବା କାର୍ଯ୍ୟ ଓ ସେସବୁ ଶୀଘ୍ର ସାରିବା ନେଇ ବୈଠକରେ ଆଲୋଚନା କରାଯାଇଛି। ଶିଳ୍ପ ବିଭାଗ ତରଫରୁ ଅନ୍ୟାନ୍ୟ ପ୍ରକଳ୍ପ ମଧ୍ୟରେ ଝାରସୁଗୁଡା, ବରପାଲି-ସରଡେଗା ଫେଜ୍-୨ ରେଳ ସଂଯୋଗୀକରଣ କାର୍ଯ୍ୟରେ ଜମି ଅଧିଗ୍ରହଣ ସ୍ଥିତି ଓ କାର୍ଯ୍ୟ ଅଗ୍ରଗତି ସଂପର୍କରେ ଆଲୋଚନା କରାଯାଇ ପରାମର୍ଶ ଦିଆଯାଇଥିଲା।



ସେହିପରି ଜଳସଂପଦ ବିଭାଗ ତରଫରୁ ନିର୍ମାଣାଧୀନ ବିଭିନ୍ନ ଜଳସେଚନ ପ୍ରକଳ୍ପର ଅଗ୍ରଗତି ନେଇ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ତଥ୍ୟ ରଖିଥିଲେ। କାନୁପୁର ପ୍ରକଳ୍ପର କାର୍ଯ୍ୟ ସନ୍ତୋଷଜନକ ରହିଛି ଏବଂ ମୁଖ୍ୟ କେନାଲର କାର୍ଯ୍ୟ ଓ ଶାଖା କେନାଲର କାର୍ଯ୍ୟ ଶୀଘ୍ର ଶେଷ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ନବରଙ୍ଗପୁର ଜିଲ୍ଲା ତୁରୀ-ଗୁନ୍ତାତ୍? ଡାଇଭରସନ୍‌ୱେର ବ୍ୟାରେଜ ପ୍ରକଳ୍ପ, ନୂଆପଡା ଜିଲ୍ଲାର ଅପର ଉଦନ୍ତୀ ବ୍ୟାରେଜ ପ୍ରକଳ୍ପ, ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲି ସମ୍ନ୍ୱିତ ନଦୀବନ୍ଧ ପ୍ରକଳ୍ପ, ଗଂଜାମ ଜିଲ୍ଲାର ପିପଲପଙ୍କ ଡ୍ୟାମ ପ୍ରକଳ୍ପ ଆଦି ସମେତ ଅନ୍ୟ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

ବୈଠକରେ ରାଜ୍ୟ ପୂର୍ତ୍ତ ବିଭାଗର ଜାତୀୟ ରାଜପଥ ଶାଖା କାର୍ଯ୍ୟ ସଂପର୍କିତ କାର୍ଯ୍ୟକାରୀ ହେଉଥିବା କୁଆଖିଆ-ମଙ୍ଗଳପୁର (ଯାଜପୁର) ଅଂଶ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ବାଲିଗୁଡା-ମୂଳାକାନୀ ଅଂଶ ରାସ୍ତା, ଟିଟିଲାଗଡ ସହରକୁ ବାଇପାସ ରୋଡ, କୋକସରାରୁ ନବରଙ୍ଗପୁରକୁ ଦୀର୍ଘ ରାସ୍ତାର ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ, ରାଇରଙ୍ଗପୁର ସହରକୁ ବାଇପାସ ରାସ୍ତା, ଧର୍ମଗଡ (କଳାହାଣ୍ଡି) ବାଇପାସ ରାସ୍ତା, ଦାରିଙ୍ଗବାଡି ଘାଟ ଅଂଚଳର ସୁଦୀର୍ଘ ରାସ୍ତାର ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ, ମୋହନା- ରାଇପଙ୍କା-ତଣ୍ଡିକୋନାକୁ ଯୋଗାଯୋଗ କରୁଥିବା ଜାତୀୟ ରାଜପଥର ସଂପ୍ରସାରଣ ଓ ସୁଦୃଢ଼ୀକରଣ ଆଦି ବିଭିନ୍ନ ରାସ୍ତାର ଉନ୍ନତିକରଣ, ନୂତନ ରାସ୍ତା ନିର୍ମାଣ ଓ ପ୍ରଶସ୍ତିକରଣ ନେଇ ରହୁଥିବା ଜମି ଅଧିଗ୍ରହଣ, ପ୍ରତିପୂରଣ ବନୀକରଣ, କ୍ଷତିପୂରଣ ଅର୍ଥ ପ୍ରଦାନ ଆଦି ସମସ୍ୟାର ସମାଧାନ କରାଯାଇ କାର୍ଯ୍ୟ ଅଗ୍ରଗତି ସଂପର୍କରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ ଉପସ୍ଥାପନ କରି ଆଲୋଚନା କରିଥିଲେ । ଅଦ୍ୟାବଧି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର କାର୍ଯ୍ୟକାରିତା ନେଇ ସଂପୃକ୍ତ ଜିଲ୍ଲାପାଳମାନଙ୍କର ରହିଥିବା ସହଯୋଗକୁ ମୁଖ୍ୟ ଶାସନ ସଚିବ ପ୍ରଶଂସା କରିବା ଏହି ପ୍ରୟାସ ଜାରି ରଖିବା ଏବଂ ରହୁଥିବା ଅନ୍ୟ ସମସ୍ୟା ସବୁକୁ ସମୟସୀମା ଭିତରେ ଶୀଘ୍ର ସମାଧାନ କରି ପ୍ରକଳ୍ପ କାର୍ଯ୍ୟ ତ୍ୱରାନିତ୍ୱ କରିବା ନେଇ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି ।

ସେହିପରି ଓଡ଼ିଶାରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ)ଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ମଧ୍ୟରେ ବଅଁରପାଳ ଗୋଡିବନ୍ଧ ସଡ଼କ (୧୭ କି.ମି), କଟକ-କନ୍ଦରପୁର ରାସ୍ତା କାର୍ଯ୍ୟ ଅଗ୍ରଗତି, କ୍ୟାପିଟାଲ ରିଜିଅନ୍ ରିଂ ରୋଡ୍ କାର୍ଯ୍ୟରେ ବିଭିନ୍ନ ଭାଗ କାର୍ଯ୍ୟ ଅଗ୍ରଗତି, ଏଥିନେଇ ଜମି ଅଧିଗ୍ରହଣ ବାବଦକୁ କ୍ଷତିପୂରଣ ସହାୟତା ଏବଂ ଅନ୍ୟ ରହୁଥିବା ସମସ୍ୟା ଓ ସମାଧନ ସଂପର୍କରେ ଆଲୋଚନା କରାଯାଇଥିଲା ।

# ବ୍ରେଡ ଉତ୍ତପମ

ଆବଶ୍ୟକୀୟ ସାମଗ୍ରୀ : ୪/୬ ପିସ ବ୍ରେଡ, ୫ଚାମଚ ସୁଜି, ୫ଚାମଚ ମଇଦା, ଅଧା ଚାମଚ ମଇଦା, ଜିରା, କଞ୍ଚା ଲଙ୍କା, ୨ଚାମଚ କଟା ଅଦା, ଧନିଆ ପତ୍ର, ଅଧା ଚାମଚ ସିମ୍ଲା ଲଙ୍କା, ଟମାଟୋ କଟା ଅଳ୍ପ, ତେଲ ଓ ସ୍ୱାଦ ଅନୁସାରେ ଲୁଣ।

ପ୍ରସ୍ତୁତ ପ୍ରଣାଳୀ: ବ୍ରେଡ ଉତ୍ତପମ ପ୍ରସ୍ତୁତ କରିବା ପାଇଁ ସର୍ବପ୍ରଥମେ ବ୍ରେଡର ଚାରିପଟକୁ ଛୁରୀରେ କାଟି ବାହାର କରିଦିଅନ୍ତୁ। ତାପରେ ଏକ ମକ୍ସଚର ଗ୍ରାଇଣ୍ଡରରେ ବ୍ରେଡ, ସୁଜି, ମଇଦା, ଦହି, ଲୁଣ ଓ ପାଣି ମିଶାଇ ଭଲଭାବେ ପେଷି ଦିଅନ୍ତୁ। ପ୍ରସ୍ତୁତ ପେଷ୍ଟକୁ ଏକ ପାତ୍ରରେ କାଢି ସେଥିରେ କଟା ଅଦା, ଟମାଟୋ,ଜିରା,ସମିଲା ଲଙ୍କା, କଞ୍ଚା ଲଙ୍କା ଓ ଧନିଆ ପତ୍ର ମିଶାଇ ଭଲଭାବେ ଦିଅନ୍ତୁ । ଧ୍ୟାନ ରଖନ୍ତୁ ଘୋଳ ଯେପରି ବେଶୀ ପତଳା କିମ୍ବା ବେଶୀ ଗାଢା ନହୁଏ । ବର୍ତ୍ତମାନ ଏକ ନନଷ୍ଟିକ ପ୍ୟାନ ଗରମ କରି ସେଥିରେ ଟିକିଏ ତେଲ ଗରମ କରନ୍ତୁ ତାପରେ ପ୍ରସ୍ତୁତ ଘୋଳକୁ ଦେଇ ଉତ୍ତପମ ଆକାରରେ ବୁଲାଇ ଦିଅନ୍ତୁ । ଏହାର ଚାରିପଟେ ମଧ୍ୟ ତେଲ ଲଗାନ୍ତୁ। ତାପରେ ତାକୁ ଓଲଟାଇ ଅନ୍ୟ ପାଖଟି ମଧ୍ୟ ଠିକ୍ ସେହିପରି ସେକି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଆପଣଙ୍କର ବ୍ରେଡ ଉତ୍ତାପମ । ଏହାକୁ ଆପଣ କାଢି ଗରମ ଗରମ ଯେ କୌଣସି ଚଟଣୀ ସହିତ ସର୍ଭ କରନ୍ତୁ।



ଖବର

# ଶୀଘ୍ର ରିଲିଜ ହେବାକୁ ଯାଉଛି 'ଜେଲର ୨' ଫିଲ୍ମ




ରଜନୀକାନ୍ତଙ୍କ ଆଗାମୀ ଫିଲ୍ମ 'ଜେଲର ୨'କୁ ନେଇ ପ୍ରଶଂସକମାନେ ଉତ୍ସାହିତ ରହିଛନ୍ତି । ଏବେ 'ଜେଲର ୨'ରେ ମୁଖ୍ୟ ଖଳନାୟକ ଭୂମିକାରେ ଅଭିନୟ କରୁଥିବା ଅଭିନେତାଙ୍କ ନାଁ ପ୍ରକାଶ ପାଇଛି । ଶାହରୁଖ ଖାନଙ୍କ ସିନକୁ ନେଇ ମଧ ବଡ଼ ଅପଡେଟ୍ ଆସିଛି ।ନେଲସନ୍ ଦିଲୀପ କୁମାରଙ୍କ ନିର୍ଦ୍ଦେଶିତ ଏବଂ ରଜନୀକାନ୍ତଙ୍କ ଅଭିନୀତ ବହୁ ପ୍ରତୀକ୍ଷିତ ସିକ୍ୱେଲ୍ରେ ଜତିନ୍ ସରନା ମୁଖ୍ୟ ଖଳନାୟକ ଭୂମିକାରେ ଅଭିନୟ କରୁଛନ୍ତି । ସେ ଗତ ଅଗଷ୍ଟରେ ତାଙ୍କ ଭୂମିକାର ସୁଟିଂ କରିଥିଲେ । ଜତିନ୍ ସରନା ଏହି ଭୂମିକାକୁ ତାଙ୍କ କ୍ୟାରିଅର୍ର ବଡ଼ ମୋଡ଼ ବୋଲି କହିଛନ୍ତି । ସେଟରେ ରଜନୀକାନ୍ତଙ୍କ ସହିତ ତାଙ୍କର ଏକ ଫଟୋ ଫ୍ୟାନ୍ସଙ୍କ ମଧ୍ୟରେ ଏକ୍ସାଇଟମେଣ୍ଟକୁ ବଢାଇଦେଇଛି ।ଜତିନ୍ ସରନା ନେଗେଟିଭ୍ ସିକ୍ୱେଲ୍ କାହାଣୀ ଆଗକୁ ବଢାଇଛନ୍ତି । ତାଙ୍କୁ ରଜନୀକାନ୍ତଙ୍କ ଚରିତ୍ରର ସିଧାସଳଖ ବିପକ୍ଷରେ ରଖିବ ।ସାକ୍ରେଡ୍ ଗେମ୍ସ ସିରିଜରେ ତାଙ୍କର ଚମତ୍କାର ଅଭିନୟ ପାଇଁ ଜଣାଶୁଣା ଏହି ଅଭିନେତା ଏହି ଫିଲ୍ମ ସହିତ ଏକ ବହୁତ ବଡ଼ କମର୍ସିଆଲ ସ୍ପେଶରେ ପାଦ ରଖିଛନ୍ତି । ଏହି ଫିଲ୍ମରେ ରାମ୍ୟା କୃଷ୍ଣନ୍, ଯୋଗୀ ବାବୁ, ଶିବରାଜକୁମାର ଏବଂ ବିନାୟକନ୍ ସମେତ ଅନେକ ଅଘୋଷିତ କଳାକାର ଅଭିନୟ କରିବେ ବୋଲି କୁହାଯାଉଛି ।ଜେଲର ୨ ଜୁନ୍ ୨୦୨୬ ରେ ରିଲିଜ ହେବ ବୋଲି ଅନୁମାନ କରାଯାଉଛି । ଏଥିସହିତ ଏହା ବକ୍ସ ଅଫିସରେ ଧମାକା କରିବ ବୋଲି ଆଶା ରହିଛି ।

## ଅଣ୍ଡା ଠାରୁ ଅଧିକ ପ୍ରୋଟିନ୍ ରହିଛି ୩ଟି ଖାଦ୍ୟରେ

ସୁସ୍ଥ ଶରୀର ପାଇଁ ସଠିକ ପରିମାଣରେ ପ୍ରୋଟିନ୍ ଯୁକ୍ତ ଜିନିଷର ସେବନ କରିବା ଉଚିତ ନଚେତ୍ ଶରୀର ଦୁର୍ବଳ ଓ ଅନ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ସେହିପରି ଅନେକଙ୍କ ଧାରଣା ଅଣ୍ଡା ଏବଂ ଆମିଷ ଜିନିଷରେ ହିଁ ଅଧିକ ପ୍ରୋଟିନ୍ ରହିଥାଏ। ମାତ୍ର ଏଭଳି କେତେକ ପନିପରିବା ରହିଛି, ଯେଉଁଥିରେ ଅଣ୍ଡା ଠାରୁ ମଧ ଅଧିକ ପ୍ରୋଟିନ୍ ରହିଛି। ଏହି ସମସ୍ତ ପନିପରିବାକୁ ଆପଣ ନିଜର ଦୈନନ୍ଦିନ ଖାଦ୍ୟରେ ସାମିଲ କରି ପାରିବେ୍ୟ ଏହା ଶରୀରକୁ ଅନେକ ରୋଗରୁ ଦୂରେଇ ରଖିଥାଏ। ଜାଣନ୍ତୁ ସେହି ୩ଟି ପନିପରିବା ବିଷୟରେ..

ଯଦି ଆପଣ ଆମିଷ ସେବନ କରୁନଥିବେ, ତେବେ ଫୁଲ କୋବି ନିଜ ଖାଦ୍ୟରେ ନିଶ୍ଚୟ ସାମିଲ କରନ୍ତୁ। ଫୁଲକୋବି ଓ ବ୍ରୋକଲି ପ୍ରୋଟିନରେ ଭରପୁର। ଏହାର ସେବନ ଦ୍ୱାରା ଶରୀରକୁ ଅନେକ ଲାଭ ମିଳିଥାଏ।ଏଥିରେ ଅଳ୍ପ ଫ୍ୟାଟ୍ ଓ କ୍ୟାଲୋରୀ ଥିବାରୁ ଓଜନ ବୃଦ୍ଧିର ମଧ ସମ୍ଭାବନା ନଥାଏ। କୋବିରେ ମାଗ୍ନେସିୟମ, ପୋଟାସିୟମ, ଭିଟାମିନ କେ ଓ ଅନ୍ୟ ଭିଟାମିନ୍ ମଧ ରହିଛି। ଏହା କର୍କଟ ଭଳି ମାରାତ୍ମକ ରୋଗ ସହ ଲଢେଇ କରିବାରେ ମଧ ସହାୟକ ହୋଇଥାଏ।

ସବୁଜ ମଟର -ମଟରରେ ଆବଶ୍ୟକୀୟ ମିନେରାଲ୍ସ, ମାଗ୍ନେସିୟମ, ଫୋଲେଟ, ଜିଙ୍କ ଓ ଆଇରନ ରହିଛି।ଏହା ଫ୍ୟାଟ୍ ଓ କୋଲେଷ୍ଟେରୋଲ୍ ସ୍ତରକୁ ହ୍ରାସ କରିଥାଏ। ଖରାଦିନେ ଏଥିରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପିଲାଙ୍କୁ ଖୁଆଇବା ନିତାନ୍ତ ଆବଶ୍ୟକ।

ପୋଷକ ତ□ରେ ଭରପୁର ପାଳଙ୍ଗ ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ୍ୟ ଏଥିରେ ଭିଟାମିନ ଏ, ସି ରହିଛି। ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏଥିରେ ପ୍ରୋଟିନ୍ ବ୍ୟତୀତ ଆଇରନ ରହିଥାଏ। ଏହା ଶରୀରରେ ରକ୍ତର ଅଭାବକୁ ଦୂର କରିଥାଏ।୦




## ଶ୍ରୀରାମଙ୍କ ନାମର ମହିମା



'ରାମ' ଶବ୍ଦର ଅର୍ଥ ଯେତିକି ତାତ୍ପର୍ଯ୍ୟପୂର୍ଣ୍ଣ ଏହାର ଉଚ୍ଚାରଣ ସେତିକି ମଧୁର । ଶ୍ରଦ୍ଧାର ସହ 'ରାମ' ନାମ ଉଚ୍ଚାରଣ କରିବା ମାତ୍ରେ ଶରୀର ଏବଂ ମନରେ ଏକ ଅଦ୍ଭୁତ ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ । ଯାହା ଆତ୍ମାକୁ ଶାନ୍ତି ପ୍ରଦାନ କରିଥାଏ । ଏହି ଶବ୍ଦର ଧ୍ୱନିକୁ ନେଇ ଅନେକ ଗବେଷଣା ହୋଇଛି । ଏହାଦ୍ୱାରା ରାମନାମ ଉଚ୍ଚାରଣ ଦିବ୍ୟ ପ୍ରଭାବ ସିଦ୍ଧ ହୋଇପାରିଛି । ସେଥିପାଇଁ କୁହାଯାଏ ରାମଙ୍କ ଠାରୁ ଶ୍ରେଷ୍ଠ 'ଶ୍ରୀରାମଙ୍କ ନାମ" । ଶ୍ରୀରାମଙ୍କ ନାମ ଜପ କରି ଅନେକ ସାଧୁସନ୍ଥ ମୁକ୍ତିଲାଭ କରିଛନ୍ତି । ପ୍ରଭୁ ଶ୍ରୀରାମଙ୍କ ନାମ ଉଚ୍ଚାରଣ ଦ୍ୱାରା ଜୀବନରେ ସକାରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ । ଏହି ଧ୍ୱନିର ବିଜ୍ଞାନ ସହିତ ପରିଚିତ ଥିବା ଲୋକମାନେ 'ରାମ' ନାମର ମହିମାକୁ ନିଶ୍ଚିତରୂପେ ଅନୁଭବ କରିଥିବେ । 'ରାମ' ଶବ୍ଦର ଉଚ୍ଚାରଣ କରିବା ମାତ୍ରେ ପବନରେ ଏକ ବିଶେଷ ଆକୃତି ସୃଷ୍ଟି ହୋଇଥାଏ । ଫଳରେ ବିଚାର ଶୁଦ୍ଧ ହୋଇଥାଏ । ବ୍ୟକ୍ତି ଲଗାତାର 'ରାମ' 'ରାମ' ଜପ କରି ଚାଲିଲେ ସମଗ୍ର ଶରୀରରେ ଏହାର ଅନୁଭବ ହୋଇଥାଏ । ମନୁଷ୍ୟ ଶରୀର ବାହାରେ ଏକ ଅଦ୍ଭୁତ ସୁରକ୍ଷା ବଳୟ ସୃଷ୍ଟି ହୋଇଥାଏ । ଏହି ସକାରାତ୍ମକ ସୁରକ୍ଷା ବଳୟ ଅର୍ନ୍ତମନ ଏବଂ ବାହାରେ ଥିବା ସମସ୍ତ ନକାରାତ୍ମକ ଶକ୍ତିକୁ ଦୂର କରିଥାଏ ।



# ତ୍ୱଚ ପାଇଁ କେତେ ଉପକାରୀ ମସୁର ଡାଲି





ସୁନ୍ଦର ଦେଖାଯିବା ପାଇଁ କିଏ ବା ନ ଚାହେଁ। ସମସ୍ତେ ସୁନ୍ଦର ଦେଖାଯିବା ପାଇଁ ଅନେକ ଉପାୟ ଆପଣାଇଥାନ୍ତି। ତ୍ୱଚର ଚମକ ବାଢିବା ପାଇଁ କିଏ କସମେଟିକର ସହାୟତା ନିଅନ୍ତି ତ ଆଉ କିଏ ଘରୋଇ ଉପଚାର। ଏଭଳି ଏକ ଘରୋଇ ଉପଚାର ହେଉଛି ମସୁର ଡାଲି। ମସୁର ଡାଲିକୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚର ଉଜ୍ଜଳତା ବଢିବା ସହ ସୁନ୍ଦରତା ଦ୍ୱିଗୁଣ ହୋଇଯିବ। ଏଥିସହ ତ୍ୱଚ ନରମ ମଧ କରିଥାଏ୍ୟ ତେବେ ଆସନ୍ତୁ ଜାଣିବା ଏହାକୁ କିଭଳି ବ୍ୟବହାର କରିବେ..

ମସୁର ଡାଲିକୁ ବାଟି ଏଥିରେ ମହୁ ଏବଂ ଘିଅ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ମିଶ୍ରଣକୁ ୧୫ରୁ ୨୦ ମିନିଟ ଯାଏଁ ମୁହଁରେ ଲଗାନ୍ତୁ। ପରେ ଧୀରେ ଧୀରେ ମସାଜ କରନ୍ତୁ୍ୟ ଏହାପରେ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ। ଆପଣ ଚାହିଁଲେ ଏଥିରେ କ୍ଷୀର ମିଶାଇ ମଧ ଲଗାଇ ପାରିବ। ସପ୍ତାହରେ ୨ ଥର ଏହି ଫେସ ପ୍ୟାକକୁ ଲଗାଇଲେ ରିଙ୍କଲ୍ସ ଦୂର ହେବା ସହ ମୁହଁର ଉଜ୍ଜଳତା ବଢିଥାଏ୍ୟ

ଏକ ଚାମଚ ମସୁର ଡାଲି ଗୁଣ୍ଡରେ ଦୁଇ ଚାମଚ କ୍ଷୀର ମିଶାଇ ଏକ ମିଶ୍ରଣ ତିଆରି କରନ୍ତୁ। ଯଦି ଆପଣଙ୍କ ବ୍ରଣ ସମସ୍ୟା ଥାଏ ତେବେ ଏଥିରେ ଏକ ଚୁଟକି ହଳଦୀ ମିଶାଇ ପାରିବ। ଏହି ମିଶ୍ରଣକୁ ମୁହଁରେ ୧୦ରୁ ୧୫ ମିନିଟ ଯାଏ ଲଗାଇ ରଖନ୍ତୁ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଯଦି ମୁହଁରେ କିଛି କଳା ଦାଗ ଥାଏ ତେବେ ଏହାକୁ ଦୂର କରିବା ପାଇଁ ମସୁର ଡାଲିକୁ ବାଟି ସେଥିରେ ଦେଶୀ ଘିଅ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏଥିରେ ଆପଣ ଚାହିଁଲେ ମହୁ ମଧ ମିଶାଇ ପାରିବେ୍ୟ ଏହି ମଶ୍ରଣକୁ ମୁହଁ, ବେକ, ହାତ ଏବଂ ଗୋଡରେ ଥିବା କଳା ଦାଗ ଦୂର କରିବା ପାଇଁ ବ୍ୟବହାର କରିପାରିବେ। ଏହି ପେଷ୍ଟକୁ ନିୟମିତ ବ୍ୟବହାର କଲେ ତ୍ୱଚରେ ଥିବା ଦାଗ ଦୂର ହେବା ସହ ମୁହଁର ସୁନ୍ଦରତା ଧୀରେ ଧୀରେ ବିଢ଼୍ୟ ମସୁର ଡାଲିରେ ପ୍ରଚୁର ମାତ୍ରାରେ ପ୍ରୋଟିନ ରହିଛି। ଏହାକୁ ଫେସ ପ୍ୟାକ ଭଳି ବ୍ୟବହାର କଲେ ତ୍ୱଚ ସମ୍ବନ୍ଧୀୟ ଅନେକ ସମସ୍ୟା ଦୂର ହୋଇଥାଏ। ତ୍ୱଚ ନରମ ହେବା ସହ ଚିକ୍କଣ ମଧ୍ୟ ହୋଇଥାଏ।

## ଶନିବାର ଏହି ଭୁଲ୍ କରୁଥିଲେ ; ସାବଧାନ

ସପ୍ତାହର ପ୍ରତ୍ୟେକ ବାର ଦେବାଦେବୀଙ୍କୁ ସମର୍ପିତ। ସେହି ଦିନ ଦେବୀଦେବତାଙ୍କୁ ବିଶେଷ ଭାବେ ପୂଜାର୍ଚ୍ଚନା କରିବା ଦ୍ୱାରା ଶୁଭଫଳ ପ୍ରାପ୍ତି ହୋଇଥାଏ। ଶନିବାର ଦିନ ନ୍ୟାୟର ଦେବତା ଶନିଦେବଙ୍କ ଆରାଧନା କରାଯାଇଥାଏ। ଏହି ଦିନ ଶନିଦେବଙ୍କୁ ପୂଜାର୍ଚ୍ଚନା କରିବା ଦ୍ୱାରା ବିଶେଷ କୃପା ପ୍ରାପ୍ତି ହୋଇଥାଏ। ମାନ୍ୟତା ଅନୁଯାୟୀ ଏହି ଦିନ ଏଭଳି କେତେକ ଜିନିଷ ରହିଛି, ଯାହାକୁ କିଣିବା ଦ୍ୱାରା ଶନିଦେବ ଅସନ୍ତୋଷ ହୋଇଥାଆନ୍ତ। ଜାଣନ୍ତୁ..ଶାସ୍ତ୍ର ଅନୁଯାୟୀ, ଶନିବାର ଦିନ ଲୁହା ଜିନିଷ ଆଦୌ କିଣିବା ଉଚିତ ନୁହେଁ। ଲୁହା କିମ୍ବା ଲୁହାରେ ତିଆରି ଜିନିଷ କିଣି ଘରକୁ ଆଣନ୍ତୁ ନାହିଁ। ଏହାଦ୍ୱାରା ଶନିଦେବ କ୍ରୋଧିତ ହୋଇଥାଆନ୍ତି ।ଶନିବାର ଦିନ ଲୁଣ ମଧ କିଣିବା ଉଚିତ ନୁହେଁ। ମାନ୍ୟତା ଅନୁଯାୟୀ, ଶନିବାର ଦିନ ଲୁଣ କିଣିବା ଦ୍ୱାରା କରଜ ସମସ୍ୟା ଲାଗି ରହିଥାଏ। ଆର୍ଥିକ ସ୍ଥିତି ଦୁର୍ବଳ ହୋଇଥାଏ। ତେଣୁ ଏହି ଦିନ ଲୁଣ କିଣନ୍ତୁ ନାହିଁ ।ଶନିବାର ଦିନ କଳାରାଶି ମଧ କିଣନ୍ତୁ ନାହିଁ। ମାନ୍ୟତା ଅନୁଯାୟୀ ଏହି ଦିନ କଳାରାଶି କିଣିବା ଦ୍ୱାରା କାର୍ଯ୍ୟରେ ବାଧା ଲାଗି ରହିଥାଏ। ଏହି ଦିନ କଳାରାଶି ଓ ସୋରିଷ ତେଲରେ ଶନିଦେବଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ତେଣୁ ଏହି ଦିନ କଳାରାଶି କିଣିବା ଉଚିତ ନୁହେଁ ।ଶନିବାର ଦିନ କଳାରଙ୍ଗର ଜୋତା କିଣନ୍ତୁ ନାହିଁ। ମାନ୍ୟତା ଅନୁଯାୟୀ, ଏହି ଦିନ କଳାରଙ୍ଗର ଜୋତା ପିନ୍ଧିବା ଓ କିଣିବା ଦ୍ୱାରା କାର୍ଯ୍ୟରେ ଅସଫଳତା ମିଳିଥାଏ।



# 'ସେଣ୍ଟର ଅଫ୍ ଏକ୍ସିଲେନ୍ସ' ଭାବେ ଉନ୍ନିତ ହେବ ୨୨ ଆଇଟିଆଇ

ଭୁବନେଶ୍ୱର, ୨୧।୨ (ମହାଭାରତ): ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଉପସ୍ଥିତିରେ ଆଜି ଚାରୋଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ବିନିମୟ ହୋଇଛି। ଏହା ରାଜ୍ୟର ଦକ୍ଷତା ଇକୋସିଷ୍ଟମର ରୂପାନ୍ତରଣ କରିବା ସହ ଶିଳ୍ପ ଆବଶ୍ୟକତା ସହ ଯୋଡିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ। ସମାବେଶକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି, ଓଡ଼ିଶାର ଯୁବପିଢ଼ିଙ୍କୁ ଶିଳ୍ପ-ଉପଯୋଗୀ କରିବା ସରକାରଙ୍କର ମୁଖ୍ୟ ପ୍ରାଥମିକତା । ଭିତିଭୂମି ଶିଳ୍ପ ଗଢେ, ହେଲେ ଦକ୍ଷତା ହିଁ ମାନବ ସମ୍ବଳକୁ ସମୃଦ୍ଧ କରେ ଯାହା ସେହି ଶିଳ୍ପକୁ ବଢ଼ାଇବା ପାଇଁ ଆବଶ୍ୟକ। ଏଥିସହ ସେ କହିଥିଲେ ଯେ, ଦକ୍ଷତା ବିକାଶ କେବଳ ଏକ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ନୁହେଁ; ଏହା ଏକ ମୁଖ୍ୟ ଅର୍ଥନୈତିକ ରଣନୀତି ଯାହା ସାମଗ୍ରିକ ବିକାଶ କରିବା ସହ



ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିବ । ଏହାସହ ରାଜ୍ୟର ଦୀର୍ଘକାଳୀନ ବିକାଶ ଲକ୍ଷ୍ୟ ହାସଲ କରିବାକୁ ହେଲେ ଯୁବପିଢ଼ିଙ୍କୁ ଭବିଷ୍ୟତ ଉପଯୋଗୀ ଦକ୍ଷତାରେ ସଶକ୍ତ କରିବା ଜରୁରୀ ବୋଲି ମନ୍ତ୍ରୀ କହିଛନ୍ତି। ଟାଟା ଟେକ୍ନୋଲୋଜି ସହିତ ସହଭାଗିତାରେ ଓଡ଼ିଶାର ୨୨ଟି ସରକାରୀ ଆଇ.ଟି.ଆଇକୁ ୭୭୯ କୋଟି ଟଙ୍କା ବ୍ୟୟରେ 'ସେଣ୍ଟର ଅଫ୍ ଏକ୍ସିଲେନ୍ସ' ଭାବେ ଉନ୍ନିତ କରାଯିବ । ଚୁକ୍ତିନାମା ଅନୁଯାୟୀ, ଓଡ଼ିଶା ସରକାର, ପ୍ରକଳ୍ପ ଖର୍ଚ୍ଚର ୧୪ ପ୍ରତିଶତ ବହନ କରିବେ ଏବଂ ଟାଟା ଟେକ୍ନୋଲୋଜି ପ୍ରାୟ ୮୬ ପ୍ରତିଶତ ଅବଦାନ ଦେବେ। ଏହି ଆଇ.ଟି.ଆଇ ଗୁଡ଼ିକରେ ଅତ୍ୟାଧୁନିକ ପରୀକ୍ଷାଗାର ଏବଂ ଶିଳ୍ପ ଉପଯୋଗୀ ଆଧୁନିକ ଯନ୍ତ୍ରପାତି ସ୍ଥାପନ କରାଯିବ। ଯାହା ଆଧୁନିକ ଶିଳ୍ପ ମାନଦଣ୍ଡ ସହ ସମକକ୍ଷ ତାଲିମ ଭିତ୍ତିଭୂମି ପ୍ରଦାନ କରିବ । ଉତ୍କର୍ଷ କେନ୍ଦ୍ରଗୁଡ଼ିକରେ ଅଟୋ ମୋବାଇଲ୍ ଯଥା ବୈଦ୍ୟୁତିକ ଯାନବାହାନ, ଡିଜାଇନ୍ ଓ ଯାଞ୍ଚ ଉପକରଣ, ୩ଡି ପ୍ରିଣ୍ଟିଂ, ରୋବୋଟିକ୍ସ, ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍, ଆଧୁନିକ ମାନୁଫାକ୍ଚରିଂ, ଉନ୍ନତ ସି.ଏନ.ସି ଓ ଭି.ଏମ.ସି ମେସିନିଂ ଏବଂ ପ୍ରୋସେସ୍ କଣ୍ଟ୍ରୋଲ୍ ପରି ଉଦୀୟମାନ କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯିବ। ଟାଟା ଟେକ୍ନୋଲୋଜି ୫ ବର୍ଷ ପର୍ଯ୍ୟନ୍ତ ପ୍ରଶିକ୍ଷକ ନିୟୋଜନ, ଯନ୍ତ୍ରପାତି ରକ୍ଷଣାବେକ୍ଷଣ ଏବଂ ନିଯୁକ୍ତି କ୍ଷେତ୍ରରେ ସହାୟତା ପ୍ରଦାନ କରିବ।

ଏହି ଅବସରରେ ଅନ୍ୟ ତିନୋଟି ବୁଝାମଣାପତ୍ର ମଧ୍ୟ ବିନିମୟ ହୋଇଥିଲା । ୟୁନିସେଫ ସହ ସହଭାଗିତାରେ 'ୟୁଥ୍ ହବ୍' ପ୍ଲାଟଫର୍ମ ମାଧ୍ୟମରେ ୨ହଜାରରୁ ଅଧିକ ଛାତ୍ରୀଙ୍କୁ ଡିଜିଟାଲ୍ ଦକ୍ଷତା ପ୍ରଶିକ୍ଷଣ ଏବଂ ନିଯୁକ୍ତିରେ ସହାୟତା କରାଯିବ। ୱାର୍ଲ୍ଡ ସ୍କିଲ୍ ସେଣ୍ଟର ଏବଂ କାୱାସାକି ରୋବୋଟିକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ସହଭାଗୀତାରେ ରୋବୋଟିକ୍ସ, ଅଟୋମେସନ୍ ଏବଂ 'ଇଣ୍ଡଷ୍ଟ୍ରି ୪.୦' ଟେକ୍ନୋଲୋଜି କ୍ଷେତ୍ରରେ ଯୁବପିଢ଼ିଙ୍କୁ ଦକ୍ଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ କାର୍ଯ୍ୟକ୍ଷମ ଦାବି

ଭୁବନେଶ୍ୱର, ୨୧।୨ (ମହାଭାରତ): ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ୍ ସାମଲ ଉତ୍କଳ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ତଥା ଗ୍ରାମୀଣ କ୍ୟାମ୍ପସ କୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଦାବୀ ଜଣାଇଛନ୍ତି। ଶ୍ରୀ ସାମଲ ତାଙ୍କ ଚିଠି ମାଧ୍ୟମରେ ଉଲ୍ଲେଖ କରିଛନ୍ତି ଯେ ଗତ ସରକାର ସମୟରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ଏକ ଗ୍ରାମୀଣ କ୍ୟାମ୍ପସ ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ ନିକଟସ୍ଥ ସିହା ଠାରେ ନିର୍ମାଣ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ଏହି ନିଷ୍ପତି ତତ୍କାଳୀନ ସରକାର ନେବା ପରେ ଉକ୍ତ ଅଞ୍ଚଳ ରେ ରାଜ୍ୟ ସରକାର ପଚାଶ ଏକରରରୁ ଉର୍ଦ୍ଧ ଜମି ମଧ୍ୟ ଯୋଗାଇ ଦେବା ସହ ପାଖାପାଖି ତିନିଶହ କୋଟିରୁ ଉର୍ଦ୍ଧ ଟଙ୍କା ର ବ୍ୟୟ ଅଟକଳ ମଧ୍ୟ କରିଥିଲେ। ସେତେବେଳର ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ୨୦୧୭ ମସିହା ଜୁଲାଇ ମାସ ୩୧ ତାରିଖ ରେ ଶିଳାନ୍ୟାସ କରିବା ପରେ ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିଲା , ଗ୍ରାମୀଣ ବିଶ୍ୱବିଦ୍ୟାଳୟ ର ନିର୍ମାଣ କାର୍ଯ୍ୟ୍ୟ ଶେଷ ହେବା ପର୍ଯ୍ୟନ୍ତ ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ଶିକ୍ଷାଦାନ କରାଯାଉଥିଲା। ତଥ୍ୟ ଅନୁସାରେ ବିଶ୍ୱବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ସ୍ଥଳେ ବିଗତ ଦେଢ଼ ବର୍ଷ ହେବ ନାମ ଲେଖା ସହ ପାଠ ପଢା ମଧ୍ୟ ବନ୍ଦ ରହିଛି। କୋଟି କୋଟି ଟଙ୍କା ବ୍ୟୟ ରେ ନିର୍ମିତ ଗ୍ରାମୀଣ କ୍ୟାମ୍ପସର କୋଠାଘର ଗୁଡ଼ିକ ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଉକ୍ତ ସ୍ଥାନରେ ଉତ୍କଳ ବିଶ୍ୱବିଦ୍ୟାଳୟ ର ଗ୍ରାମୀଣ କ୍ୟାମ୍ପସ କାର୍ଯ୍ୟକ୍ଷମ ହେଲେ ସେଠାରେ ଏକ ଶୈକ୍ଷିକ ବାତାବରଣ ସୃଷ୍ଟି ହେବା ସହ ରାଜ୍ୟର ବିଭିନ୍ନ ଜିଲ୍ଲାର ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପ୍ରାପ୍ତ ନିମନ୍ତେ ସୁବିଧା ସୁଯୋଗ ମଧ୍ୟ ପାଇପାରିବେ ବୋଲି ଶ୍ରୀ ସାମଲ ଏହି ପତ୍ର ମାଧ୍ୟମରେ ଦାବୀ କରିଛନ୍ତି।

# 'ୱେଭ୍ସ କ୍ରିଏଟର୍ସ କର୍ଣ୍ଣରକୁ ଉଦଘାଟିତ

ଭୁବନେଶ୍ୱର, ୨୧।୨ (ମହାଭାରତ): ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ୨୦୨୬ ଅବସରରେ ୱେଭ୍ସ କ୍ରିଏଟର୍ସ କର୍ଣ୍ଣରକୁ ଉଦଘାଟନ କରିଛନ୍ତି। ଏହି ପାଭିଲିୟନକୁ ସମ୍ପୂର୍ଣ୍ଣ କ୍ରିୟାଶୀଳ ଏବଂ ବ୍ୟବହାରିକ ନବସୃଜନ କାର୍ଯ୍ୟକ୍ଷେତ୍ର ରୂପେ ପରିକଳ୍ପନା କରାଯାଇଛି। ଏହି ପାଭିଲିୟନକୁ ଏଭିଜିସି-ଏକ୍ସଆର (ଆନିମେସନ, ଭିଏଫଏକ୍ସ, ଗେମିଂ, କମିକ୍ସ ଏବଂ ଏକ୍ସଟେଣ୍ଡେଡ୍ ରିୟଲିଟି) ଇକୋସିଷ୍ଟମ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇର ପରିବର୍ତ୍ତନକାରୀ ପ୍ରୟୋଗ ନିମନ୍ତେ ଡିଜାଇନ୍ କରାଯାଇଛି। ୱେଭ୍‌ଏକ୍ସ, ୱେଭ୍ସ ବଜାର ଏବଂ କ୍ରିଏଟ୍ ଇନ୍ ଇଣ୍ଡିଆ ଚ୍ୟାଲେଞ୍ଜ ଭଳି ମନ୍ତ୍ରଣାଳୟର ପ୍ରମୁଖ ପଦକ୍ଷେପର ୱେଭ୍ସ କ୍ରିଏଟର୍ସ କର୍ଣ୍ଣର ରଣନୀତିକ ଭାବେ ପ୍ରସାର କରିବ। ଶ୍ରୀ ବୈଷ୍ଣବ ପାଭିଲିୟନକୁ ବିସ୍ତୃତ ଭାବେ ବୁଲି ଦେଖିଥିଲେ। ଏହି ଅବସରରେ ସେ




ୱେଭ୍‌ଏକ୍ସ ଷ୍ଟାର୍ଟଅପ୍ ଗ୍ରୁପର ଉଦୀୟମାନ ଉଦ୍ୟୋଗୀଙ୍କ ସହିତ ଆଡୋବ୍, ନେଟଫ୍ଲିକ୍ସ, ସୋନି ଏବଂ ଆମାଜନ ଭଳି ବିଶ୍ୱସ୍ତରୀୟ ସଂଗଠନର ବରିଷ୍ଠ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ରକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ସ୍ୱରୂପ, ୱେଭେକ୍ସ ଦ୍ୱାରା ସମର୍ଥିତ ୫୧ଟି ପ୍ରତିଭା ସମ୍ପନ୍ନ ଏଭିଜିସି-ଏକ୍ସଆର ଏବଂ ମିଡିଆ ଟେକ୍ ଷ୍ଟାର୍ଟଅପ୍ ପାଭିଲିୟନ୍ରେ ଏଆଇ-ଚାଳିତ ସମାଧାନ ଏବଂ ଇମର୍ସିଭ୍ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ କରୁଛନ୍ତି। ଶ୍ରୀ ବୈଷ୍ଣବ ଭାଷା ସେତୁ ଏବଂ କଳା ସେତୁ ଚ୍ୟାଲେଞ୍ଜର ବିଜେତାମାନଙ୍କ ସମେତ ଏହି ଉଦ୍ୟୋଗୀମାନଙ୍କ ସହିତ ଆଲୋଚନା କରିଥିଲେ। ଶ୍ରୀ ବୈଷ୍ଣବ ମିଡିଆ ଲାଉଞ୍ଜରେ ୟୋର୍ ଷ୍ଟୋରୀର ଶ୍ରଦ୍ଧା ଶର୍ମାଙ୍କ ସହ ଏକ ଉଚ୍ଚସ୍ତରୀୟ ଆଲୋଚନାରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଏହି ଅଧିବେଶନରେ, ସେ ସମାଜ ଉପରେ ଏଆଇର ଗଭୀର ପ୍ରଭାବ ବିଷୟରେ ତାଙ୍କର ବିଚାର ବ୍ୟକ୍ତ କରିଥିଲେ।

# ଛତ୍ରପତି ଶିବାଜୀଙ୍କ ଜନ୍ମୋତ୍ସବରେ ବିଜେପିର ରାଷ୍ଟ୍ରୀୟ ଗୌରବ ଯାତ୍ରା

ଭୁବନେଶ୍ୱର, ୨୧।୨ (ମହାଭାରତ): ଛତ୍ରପତି ଶିବାଜୀ ମହାରାଜା ଭାରତର ସାହସୀ ଓ ପ୍ରଗତିଶୀଳ ଶାସକମାନଙ୍କ ମଧ୍ୟରୁ ଜଣେ ଥିଲେ। ଛତ୍ରପତି ଶିବାଜୀ ମହାରାଜ ମରାଠା ସାମ୍ରାଜ୍ୟର ସ୍ଥାପକ ଥିଲେ ଏବଂ ଏକ ଶ୍ରେଷ୍ଠ ସେନାନାୟକ ଓ ପ୍ରଶାସକ ଭାବେ ପରିଚିତ। ସେ ମୋଗଲ ସାମ୍ରାଜ୍ୟ ବିରୋଧରେ ଅନେକ ଯୁଦ୍ଧରେ ବିଜୟ ହାସଲ କରିଥିଲେ। ୧୬୭୪ ମସିହାରେ ସେ "ଛତ୍ରପତି" (ସମ୍ରାଟ) ଭାବେ ରାଜ୍ୟାଭିଷେକ ହୋଇଥିଲେ। ତାଙ୍କ ସାହସ ଓ ଜୀବନ ଦର୍ଶନ ଆଜି ମଧ୍ୟ ଆମ ସମସ୍ତଙ୍କୁ ପ୍ରେରଣା ଦେଇଆସୁଛି। ଏହି ପର୍ବଟି ଭାରତର ସର୍ବାଧିକ ସମ୍ମାନିତ ଶାସକମାନଙ୍କ ମଧ୍ୟରୁ ଜଣଙ୍କ ଜୀବନ ଓ ଅବଦାନକୁ ସ୍ମରଣ କରି ପାଳନ କରାଯାଏ। ସେ ତାଙ୍କର ଉତ୍କୃଷ୍ଟ ପ୍ରଶାସନିକ କୌଶଳ, ସେନା ଦକ୍ଷତା



ପାଇଁ ପରିଚିତ ବୋଲି ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଛତ୍ରପତି ଶିବାଜୀ ମହାରାଜ ମରାଠା ସାମ୍ରାଜ୍ୟର ସର୍ବଶ୍ରେଷ୍ଠ ବୀର ରାଜା ଭାବେ ପରିଚିତ ଥିଲେ । ପ୍ରାଚୀନ ଭାରତୀୟ ରାଜନୈତିକ ପରମ୍ପରା ଓ ଦରବାରୀ ପଦ୍ଧତିକୁ ସୁରକ୍ଷିତ ରଖିବାରେ ତାଙ୍କ ଅବଦାନ ସ୍ମରଣୀୟ । ଛତ୍ରପତି ଶିବାଜୀ ମହାରାଜ ଜୟନ୍ତୀ ପ୍ରତିବର୍ଷ ଫେବୃଆରୀ ୧୯ ତାରିଖରେ ପାଳନ କରାଯାଏ। ଏହି ଅବସରରେ ମହାରାଷ୍ଟ୍ରର ନାସିକରୁ ବାହାରି ପୁରୀ ଯାଉଥିବା "ରାଷ୍ଟ୍ରୀୟ ଗୌରବ ଯାତ୍ରା" ଆଜି ରାଜ୍ୟ କାର୍ଯ୍ୟାଳୟରେ ପହଁଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଛତ୍ରପତି ଶିବାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି। ଏହି ଅବସରରେ ଯୋଗଦେଇ ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ଏହି ଯାତ୍ରା ଆମ ପ୍ରେରଣାର ଉତ୍ସ ଯାତ୍ରା ଅଟେ। ଏହି ଭବ୍ୟ ଯାତ୍ରା ସାରା ଦେଶକୁ ଯୋଡି ଏକତା, ଅଖଣ୍ଡତା, ସାର୍ବଭୌମତ୍ୱକୁ ସ୍ମରଣ କରାଇବ।

# ଅପରେସନ ସାଇବର କବଚ : ୮୪ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୧।୨ (ମହାଭାରତ): ସାଇବର ଅପରାଧ ନେଟୱର୍କକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ଲକ୍ଷ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ କରାଯାଇଥିବା 'ଅପରେସନ ସାଇବର କବଚ' ଅଭିଯାନ ରାଜ୍ୟବ୍ୟାପୀ ଜୋରଦାର ଜାରି ରହିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଏହି ଅଭିଯାନ ସପ୍ତମ ଦିନରେ ପହଂଚିଥିବା ବେଳେ ସମ୍ବଲପୁର, ରାଉରକେଲା ଓ ଝାରସୁଗୁଡ଼ା ପୋଲିସ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଆଜି ସାଇବର ସେଲ, କ୍ରାଇମବ୍ରାଂଚ ଏବଂ ସମ୍ବଲପୁର ଜିଲ୍ଲା ପୋଲିସ ଏକ ବଡ ଧରଣର ସାଇବର ଠକେଇକୁ ଧ୍ୱଂସ କରିବାରେ ସଫଳ ହୋଇଛନ୍ତି। ଏହି ଘଟଣାରେ ପୋଲିସ ୩୦୦ରୁ ଅଧିକ ସନ୍ଦେହଜନକ ବେନାମୀ ବ୍ୟାଙ୍କ ଆକାଉଂଟ ଯାଂଚ କରିବା ସହ ସେଥିମଧ୍ୟରୁ ୧୪୦ ଟି ବ୍ୟାଙ୍କ ଆକାଉଂଟ ମାଧ୍ୟମରେ ୧୧୦ କୋଟି ୩୦ ଲକ୍ଷରୁ ଅଧିକ ଟଙ୍କା କାରବାର ହୋଇଥିବା ସମ୍ପର୍କରେ ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏହା ବ୍ୟତୀତ ୫୨ଟି ଆକାଉଂଟ ଜରିଆରେ ୭୫ କୋଟି ୩୬ ଲକ୍ଷ ଟଙ୍କା କାରବାର ହୋଇଥିବା ସମ୍ପର୍କରେ ପୋଲିସ ସୂଚନା ପାଇଛି । ଏହି ଘଟଣାରେ ପୋଲିସ ୨୦ ଜଣଙ୍କୁ ଗିରଫ କରିଥିବା ବେଳେ ୩୨ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି।

ସେହିପରି ରାଉରକେଲା ପୋଲିସ ଜିଲ୍ଲା ବନ୍ଧମୁଣ୍ଡା ଥାନା ଅଂଚଳରେ ସକ୍ରିୟ ଥିବା ଏକ ଆନ୍ତଃରାଜ୍ୟ କ୍ରିକେଟ୍ ବେଟିଂ ସିଣ୍ଡିକେଟ୍ କୁ ପୋଲିସ ସଫଳତାର ସହିତ ଧ୍ୱଂସ କରିଛି। ଟି-୨୦ ବିଶ୍ୱକପ୍ ମ୍ୟାଚ୍ କୁ ଆଧାର କରି ଏହି ବେଆଇନ ବେଟିଂ କାରବାର ଚାଲୁଥିବା ବେଳେ ପୋଲିସ ଚଢାଉ କରି ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ନଗଦ ୩୦.୬୫ ଲକ୍ଷ ଟଙ୍କା, ଏକ ମହିନ୍ଦ୍ରା ଥାର୍ ଗାଡ଼ି, ୨ଟି ଲାପଟପ୍ ଏବଂ ୭ଟି ଦାମୀ ମୋବାଇଲ୍ ଫୋନ୍ ଜବତ କରାଯାଇଛି। "ସିଲଭର ଏକ୍ସଚେଞ୍ଜ" ନାମକ ଅନଲାଇନ୍ ଗେମିଂ ଆପ୍ ମାଧ୍ୟମରେ ଅଭିଯୁକ୍ତମାନେ ସାଧାରଣ ଲୋକଙ୍କୁ ଅଧିକ ଲାଭର ପ୍ରଲୋଭନ ଦେଖାଇ ଠକୁଥିବା ପ୍ରାଥମିକ ତଦନ୍ତରୁ ପ୍ରକାଶ ପାଇଛି।

ସେହିପରି ଭାବେ ଝାରସୁଗୁଡ଼ା ଜିଲ୍ଲା ପୋଲିସ ଏହି ମାମଲାରେ ୧୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୮ ଜଣଙ୍କୁ ନୋଟିସ୍ ଜାରି କରାଯାଇଛି। ଅଭିଯୁକ୍ତମାନେ ବିଭିନ୍ନ ବ୍ୟକ୍ତିଙ୍କ ନାମରେ 'ମ୍ୟୁଲ୍ ଆକାଉଂଟ' ଖୋଲି ପ୍ରାୟ ୫ କୋଟି ୨୭ ଲକ୍ଷ ଟଙ୍କାର ବେଆଇନ ଆର୍ଥିକ କାରବାର କରିଥିବା ଜଣାପଡ଼ିଛି। ଏହି ଅଭିଯାନରେ ଅନୁଗୁଳ ଜିଲ୍ଲା ପୋଲିସ ୧ଟି ବେନାମୀ ଆକାଉଂଟ ଯାଂଚ କରି ୧ଟି ସାଇବର ମାମଲା ରୁଜୁ କରି ୧ଜଣଙ୍କୁ ଗିରଫ କରିଛି। ଝାରସୁଗୁଡ଼ା ଜିଲ୍ଲା ପୋଲିସ ୩୩ଟି ବେନାମୀ ଆକାଉଂଟ ଯାଂଚ କରି ମ୍ୟୁଲ୍ ବ୍ୟାଙ୍କ ଆକାଉଂଟ ସମ୍ପର୍କିତ ୫ଟି ମାମଲା ଓ ଚେକ୍ ଉଠାଣ ସମ୍ପର୍କିତ ୧ଟି ମାମଲା ରୁଜୁ କରି ୧୬ଜଣଙ୍କୁ ଗିରଫ କରିଥିବା ସହ ୧ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ସେହିପରି କନ୍ଧମାଳ ଜିଲ୍ଲା ପୋଲିସ ୧୨ଟି ବେନାମୀ ଆକାଉଂଟ ଯାଂଚ କରି ୨ଟି ସାଇବର ମାମଲା ରୁଜୁ କରିଛି। ନୂତନ ଓ ୬ଟି ପୁରୁଣା ମାମଲାରେ ୧୧ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। କେନ୍ଦ୍ରାପଡ଼ା ଜିଲ୍ଲା ପୋଲିସ ୨ଟି ବେନାମୀ ଆକାଉଂଟ ଯାଂଚ କରି ୧ଟି ମାମଲା ରୁଜୁ କରି ୨ଜଣଙ୍କୁ ଗିରଫ କରିଛି।କେନ୍ଦୁଝର ଜିଲ୍ଲା ପୋଲିସ ୬ଟି ବେନାମୀ ଆକାଉଂଟ ଯାଂଚ କରି ମ୍ୟୁଲ୍ ବ୍ୟାଙ୍କ ଆକାଉଂଟ ସମ୍ପର୍କିତ ୧ଟି ଓ ଚେକ୍ ଉଠାଣ ସମ୍ପର୍କିତ ୨ଟି ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରିଛି। ନୂତନ ଓ ୪ଟି ପୁରୁଣା ମାମଲାରେ ୫ଜଣଙ୍କୁ ନୋଟିସ୍ ଜାରି କରିଛି। ନବରଙ୍ଗପୁର ଜିଲ୍ଲା ପୋଲିସ ୮ଟି ବେନାମୀ ଆକାଉଂଟ ଯାଂଚ କରି ୧ଟି ମାମଲା ରୁଜୁ କରିଛି। ନୂତନ ଓ ୪ଟି ପୁରୁଣା ମାମଲାରେ ୭ଜଣଙ୍କୁ ନୋଟିସ୍ ଜାରି କରିଛି। ସେହିପରି ସୁନ୍ଦରଗଡ଼ ଜିଲ୍ଲା ପୋଲିସ ୧୫ଟି ବେନାମୀ ଆକାଉଂଟ ଯାଂଚ କରି ୨ଟି ମାମଲା ରୁଜୁ କରି ୪ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ଢେଙ୍କାନାଳ ଜିଲ୍ଲା ପୋଲିସ ୬ଟି ବେନାମୀ ଆକାଉଂଟ ଯାଂଚ କରି ୧ଟି ମାମଲା ରୁଜୁ କରିଛି। ସେହିପରି କଳାହାଣ୍ଡି ଜିଲ୍ଲା ପୋଲିସ ୧୬ଟି ବେନାମୀ ଆକାଉଂଟ ଯାଂଚ କରି ୧ଟି ପୁରୁଣା ମାମଲାରେ ୧୪ଜଣଙ୍କୁ ନୋଟିସ୍ ଜାରି କରିଛି।

# ଜାତୀୟ ରାଜପଥ ଓ ଆରଓବି ପ୍ରକଳ୍ପ ସମୀକ୍ଷା

ଭୁବନେଶ୍ୱର, ୨୧।୨ (ମହାଭାରତ): ଯୋଗାଯୋଗ ଏବଂ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ୀକରଣ ଲକ୍ଷ୍ୟରେ ରାଜ୍ୟରେ ଅନେକଗୁଡ଼ିଏ ଜାତୀୟ ରାଜପଥ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଜାତୀୟ ରାଜପଥ ପ୍ରକଳ୍ପ ଗୁଡିକ ର ସମୀକ୍ଷା ବୈଠକ କରି ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅନୁମୋଦନ ଏବଂ ଟେଣ୍ଡର ପ୍ରକ୍ରିୟା କୁ ତ୍ୱରାନ୍ୱିତ କରିବା ପାଇଁ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସମ୍ପୃକ୍ତ ଜିଲ୍ଲାପାଳ, ବିଭାଗୀୟ ଅଧିକାରୀ ଏବଂ ଯନ୍ତ୍ରୀ ପ୍ରମୁଖଙ୍କୁ ପରାମର୍ଶ ଦେଇଛନ୍ତି।


ବୈଠକରେ ୧୧୧ କି.ମି. ଦୀର୍ଘ କ୍ୟାପିଟାଲ ରିଜିଅନ୍ ରିଂ ରୋଡ ପ୍ରକଳ୍ପ, ୨୧ କି. ମି. ଦୀର୍ଘ କଟକ-କନ୍ଦରପୁର ରାସ୍ତା, ୧୭ କି.ମି. ବଂରପାଲ-ଗୋଡ଼ିବନ୍ଧ ରାସ୍ତା, ୩୫ କି.ମି.ଦୀର୍ଘ ସମ୍ବଲପୁର ବାଇପାସ ରାସ୍ତା, ୧୬୦ କି.ମି. ଦୀର୍ଘ ଉପକୂଳ ରାଜପଥ ପ୍ରକଳ୍ପକୁ ଆଗେଇ ନେବା ସହ ଆଗାମୀ ଦିନରେ ଆସିବାକୁ ଥିବା ପ୍ରମୁଖ ପ୍ରକଳ୍ପଗୁଡ଼ିକ ବିଷୟରେ ଆଲୋଚନା ହୋଇଥିଲା। ଏଥିସହିତ କଟକ-ଅନୁଗୁଳ, ଡୁବୁରୀ-ଚଣ୍ଡିଖୋଲ, ଚଣ୍ଡିଖୋଲ-ପାରାଦୀପ, ଏନ୍‌ଏଚ୍ ୪୯ ଅନ୍ତର୍ଗତ ବାହାରଗୋଡ଼ା-ସିଂହାର ରାସ୍ତା ଏବଂ ନିର୍ମାଣ ବିଭାଗ ଅଧୀନରେ କରାଯାଉଥିବା ୩୨ ଗୋଟି ପ୍ରକଳ୍ପରେ ଆସୁଥିବା ସମସ୍ୟା ଓ ଏହାର ସମାଧାନ ଦିଗରେ ଆଲୋଚନା ହୋଇଥିଲା। ଅନେକ ସ୍ଥାନରେ ଜମି ଅଧିଗ୍ରହଣ ନେଇ ଆସୁଥିବା ସମସ୍ୟାକୁ ଜିଲ୍ଲାପାଳଙ୍କ ନେତୃତ୍ୱରେ ସମାଧାନ କରିବାକୁ ପ୍ରମୁଖ ଶାସନ ସଚିବ ପରାମର୍ଶ ଦେଇଥିଲେ। ରାଜ୍ୟରେ ବିଭିନ୍ନ ରେଲୱେ ଓଭରବ୍ରିଜ୍ ପ୍ରକଳ୍ପର ଅଗ୍ରଗତି ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରକଳ୍ପର ସ୍ଥିତି, ଅଗ୍ରଗତି ଏବଂ ନିର୍ମାଣ ସମୟରେ ଆସୁଥିବା ବିଭିନ୍ନ ପ୍ରତିବନ୍ଧକ ବିଷୟରେ ଆଲୋଚନା ହୋଇଥିଲା। ସବୁ ନିର୍ମାଣ ପ୍ରକଳ୍ପଗୁଡ଼ିକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବାକୁ ସରକାରଙ୍କ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ଥିବାରୁ ଏହାକୁ କାର୍ଯ୍ୟକାରୀ କରିବାକୁ ସଚିବ ଶ୍ରୀ ସିଂହ ବୈଠକରେ ପରାମର୍ଶ ଦେଇଥିଲେ। ବୈଠକରେ କଟକ, ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୁଳ, ସମ୍ବଲପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ମୟୁରଭଞ୍ଜର ଜିଲ୍ଲାପାଳଙ୍କ ସମେତ ଜାତୀୟ ରାଜପଥର ପ୍ରାଧିକରଣ, ରେଳବାଇ ବିଭିନ୍ନ ବରିଷ୍ଠ ଅଧିକାରୀ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବ୍ରହ୍ମପୁର ରେଳ ଷ୍ଟେସନ ବିକାଶ ପାଇଁ ୯୩.୧୯ କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର, ୨୧।୨ (ମହାଭାରତ): ଦକ୍ଷିଣ ଓଡ଼ିଶାରେ ରେଳ ଭିତିଭୂମି ଏବଂ ଆଂଚଳିକ ବିକାଶକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ସ୍ୱରୂପ, ପ୍ରଥମ ପର୍ଯ୍ୟାୟ ଅନ୍ତର୍ଗତ ୯୩.୧୯ କୋଟି ଟଙ୍କା ବ୍ୟୟରେ ବ୍ରହ୍ମପୁର ରେଳ ଷ୍ଟେସନର ପୁନଃବିକାଶକୁ ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଷ୍ଟେସନକୁ ଏକ ଆଧୁନିକ, ଯାତ୍ରୀ ଅନୁକୂଳ, ସ୍ମାର୍ଟ ଏବଂ ସ୍ଥାୟୀ ପରିବହନ ହବ୍ ଭାବରେ ପରିଣତ କରିବା ଯାହା ଭବିଷ୍ୟତର ଅଭିବୃଦ୍ଧି ଆବଶ୍ୟକତାକୁ ଆରାମରେ ପୂରଣ କରିପାରିବ। ଓଡ଼ିଶାର ସିଲ୍କ ସିଟି ଭାବେ ଜଣାଶୁଣା ବ୍ରହ୍ମପୁର ଏବଂ ଗୋପାଳପୁର ସମୁଦ୍ର ବେଳାଭୂମି ଏବଂ ତାରାତାରିଣୀ ମନ୍ଦିର ଭଳି ପ୍ରସିଦ୍ଧ ସ୍ଥାନଗୁଡ଼ିକର ପ୍ରବେଶ ଦ୍ୱାର ଭାବରେ ପରିଚିତ ବ୍ରହ୍ମପୁର ରେଳ ଷ୍ଟେସନ, ଏହି ଅଞ୍ଚଳର ସବୁଠାରୁ ପୁରୁଣା ଏବଂ ବ୍ୟସ୍ତବହୁଳ ରେଳ ଷ୍ଟେସନ ମଧ୍ୟରୁ ଗୋଟିଏ। ଅଦ୍ୟତନ କରାଯାଉଥିବା ଏହି ଷ୍ଟେସନଟି ପୀକ୍ ଆୱରରେ ୫,୦୦୦ରୁ ଅଧିକ ଯାତ୍ରୀ ଭିଡ଼କୁ ସୁଚାରୁ ଭାବେ ପରିଚାଳନା କରିବା ପାଇଁ ଡିଜାଇନ୍ କରାଯାଉଛି, ଯାହା ଫଳରେ ଭିଡ଼ ସମୟ ଏବଂ ପର୍ବପର୍ବାଣୀ ଭିଡ଼ ସମୟରେ ମଧ୍ୟ ସୁଗମ ଏବଂ ବାଧାମୁକ୍ତ ଗତିବିଧି ସୁନିଶ୍ଚିତ ହେବ। ପୁନଃବିକାଶ ପ୍ରକଳ୍ପରେ ଅନ୍ତର୍ଭୁକ୍ତ ଅଛି ୧୨ ମିଟର ଓସାର ଫୁଟ ଓଭର ବ୍ରିଜର ନିର୍ମାଣ ଏବଂ ସମ୍ପ୍ରସାରଣ – ୬.୭୦ କୋଟି, ଦ୍ରୁତ ଜଳ ଯୋଗାଣ ବ୍ୟବସ୍ଥାର ସ୍ଥାପନ –୮.୨୬ କୋଟି, ଷ୍ଟେସନ ବିଲ୍ଡିଂର ଦ୍ୱିତୀୟ ପ୍ରବେଶ ଦ୍ୱାରର ବିକାଶ ସହିତ ଏକ ନୂତନ ଏ+୨ ମୁଖ୍ୟ ଷ୍ଟେସନ ବିଲ୍ଡିଂର ନିର୍ମାଣ- ୯୩.୧୯ କୋଟି, ଭିଡ଼ ହ୍ରାସ କରିବା ପାଇଁ ପ୍ଲାଟଫର୍ମ ସମ୍ପ୍ରସାରଣ କାର୍ଯ୍ୟ , ଦୁଇ ଲେନ ବିଶିଷ୍ଟ ବସ୍ ଡ୍ରପ୍-ଅଫ୍ ଜୋନ୍ . ଭବିଷ୍ୟତର ପାର୍କିଂ ଏବଂ/କିମ୍ବା ବାଣିଜ୍ୟିକ ବିକାଶ ପାଇଁ ୧୩,୧୦୦ ବର୍ଗ ମିଟର ସ୍ଥାନର ବ୍ୟବସ୍ଥା , ମୋଟ କ୍ୟାନୋପି ଏରିଆ: ୧,୭୬୩ ବର୍ଗ ମିଟର ଏବଂ ରୁଫ ପ୍ଲାଜା ସୁବିଧା: ୧,୦୯୮ ବର୍ଗ ମିଟର। ଏହାସହ ୫୦୦ ରୁ ଅଧିକ ଯାତ୍ରୀଙ୍କ ପାଇଁ ବସିବା କ୍ଷମତା ସହିତ ଏକ ପ୍ରଶସ୍ତ ପ୍ରତୀକ୍ଷାଳୟ, ୦୮ ଟି ଟିକେଟିଂ ୱିଣ୍ଡୋର ବ୍ୟବସ୍ଥା, ଲିଫ୍ଟ ୧୬ଟି, ଏସ୍କାଲେଟର ୦୫ଟି, ଦିବ୍ୟାଙ୍ଗ-ଅନୁକୂଳ ଭିତ୍ତିଭୂମି, ଭବିଷ୍ୟତ ଯାତାୟାତ ବୃଦ୍ଧିକୁ ଧ୍ୟାନରେ ରଖି ଉନ୍ନତ ପାର୍କିଂ ଏବଂ ଟ୍ରାଫିକ୍ ସଞ୍ଚାଳନ ବ୍ୟବସ୍ଥା ରହିଛି। ଦିନକୁ ପ୍ରାୟ ୧୬୨ଟି ଟ୍ରେନ୍ ର ଚଳାଚଳ ସହ ଗଞ୍ଜାମ, କନ୍ଧମାଳ, ରାୟଗଡା, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାର ଯାତ୍ରୀମାନଙ୍କୁ ସେବା ଯୋଗାଇଥିବା ବ୍ରହ୍ମପୁର ରେଳ ଷ୍ଟେସନ ଦକ୍ଷିଣ ଓଡ଼ିଶାର ଆର୍ଥିକ ଓ ସାମାଜିକ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରୁଛି। ଏହି ପୁନଃବିକାଶ ପ୍ରକଳ୍ପ ଭିଡ଼ ହ୍ରାସ କରିବା, ସୁରକ୍ଷା ବୃଦ୍ଧି, ଯାତ୍ରୀ ସୁବିଧାରେ ଉନ୍ନତି ଆଣିବ ଏବଂ ଏକ ପ୍ରମୁଖ ବାଣିଜ୍ୟିକ ଏବଂ ପର୍ଯ୍ୟଟନ କେନ୍ଦ୍ର ଭାବରେ ସହରର ସ୍ଥିତିକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ।

# ଏଫଏମ୍ ପ୍ରସାରଣର ସମ୍ପୂର୍ଣ୍ଣ ଉପଯୋଗ ପାଇଁ ଏଡିଜିଙ୍କ ପରାମର୍ଶ

ଭୁବନେଶ୍ୱର, ୨୧।୨ (ମହାଭାରତ): ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ପତ୍ର ସୂଚନା କାର୍ଯ୍ୟାଳୟ ରାଞ୍ଚି/ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ରାଞ୍ଚିକୁ ତାଙ୍କର ତିନି ଦିନିଆ ଗସ୍ତରେ ଯାଇ ଆଜି ରାଞ୍ଚି ଆକାଶବାଣୀ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ଆଲୋଚନା କରିବା ସହିତ 'ବିକଶିତ ଭାରତ ୨୦୪୭' ଲକ୍ଷ୍ୟ ସମ୍ପର୍କରେ ଗଣମାଧ୍ୟମ ଏବଂ ପ୍ରସାରଣ କ୍ଷେତ୍ରରେ ହେଉଥିବା ଡିଜିଟାଲ ପରିବର୍ତ୍ତନ ଉପରେ ବିସ୍ତୃତ ଭାବେ ମତ ବିନିମୟ କରିଥିଲେ। ଶ୍ରୀ ମିଶ୍ର କହିଥିଲେ ଯେ ସମଗ୍ର ବିଶ୍ୱରେ ଡିଜିଟାଲ ପରିବର୍ତ୍ତନ ଦ୍ରୁତ ଗତିରେ ଘଟୁଛି ଏବଂ ଭାରତ ମଧ୍ୟ ଏହି ପରିବର୍ତ୍ତନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ସେ କହିଛନ୍ତି ଯେ ଜନସାଧାରଣଙ୍କ ସୂଚନା ଏବଂ ମନୋରଞ୍ଜନର ବ୍ୟବହାର ଢାଂଚାରେ ବ୍ୟାପକ ପରିବର୍ତ୍ତନ ଆସିଛି, ଯାହା ସୂଚନା ପ୍ରସାର ପ୍ରକ୍ରିୟାକୁ ମଧ୍ୟ ପ୍ରଭାବିତ କରିଛି। ନୂତନ ମନୋରଞ୍ଜନ ମାଧ୍ୟମ ଏବଂ ଡିଜିଟାଲ ପ୍ଲାଟଫର୍ମର ଆଗମନ ସହିତ, ବିଷୟବସ୍ତୁର ପ୍ରକୃତି ଏବଂ ଏହାର ଚାହିଦା କ୍ରମାଗତ ଭାବରେ ବଦଳୁଛି। ସେ କହିଥିଲେ ଯେ ଗଣମାଧ୍ୟମ କ୍ଷେତ୍ରରେ ଆଜି ଅନେକ ଧାରା ପ୍ରଚଳିତ ରହିଛି, ଯାହା ୩୦ ବର୍ଷ ପୂର୍ବେ ନଥିଲା। ବୈଷୟିକ ପ୍ରଗତି ସହ ସ୍ଥାନୀୟ କଣ୍ଟେଣ୍ଟର ଗୁରୁତ୍ୱ ମଧ୍ୟ ଉଲ୍ଲେଖ କରି ସେ କର୍ମଚାରୀମାନଙ୍କୁ ଏହି ସୁଯୋଗର ସମ୍ପୂର୍ଣ୍ଣ ଉପଯୋଗ କରିବାକୁ ଆହ୍ୱାନ କରିଥିଲେ। ସେ ଏହା ମଧ୍ୟ କହିଥିଲେ ଯେ ପ୍ରସାରଣ କ୍ଷେତ୍ରରେ ଆର୍ଥିକ



ବୃଦ୍ଧି ପାଇଛି। ବିଶେଷ କରି ରାଂଚି ଭଳି ସହରରେ ଏହା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ। ଶ୍ରୀ ମିଶ୍ର ଆକାଶବାଣୀ କେନ୍ଦ୍ରର କର୍ମଚାରୀମାନଙ୍କୁ ପ୍ରଶଂସା କରି କହିଥିଲେ ଯେ ସ୍ଥାନୀୟ ବିଷୟବସ୍ତୁ ଏବଂ ଆଂଚଳିକ ସାମଗ୍ରୀକୁ ପ୍ରୋତ୍ସାହିତ କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଫ.ଏମ. ପ୍ରସାରଣରେ ସୃଜନଶୀଳତାର ବିପୁଳ ସମ୍ଭାବନା ରହିଛି ବୋଲି ଦିଗ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଲାଭର ଉଦ୍ଦେଶ୍ୟ ରଖି କେବେ ବି ଜନସେବାର ମୌଳିକ ଲକ୍ଷ୍ୟକୁ ଦୁର୍ବଳ କରିବା ଉଚିତ ନୁହେଁ। ରାଂଚି ଆକାଶ ବାଣୀ କେନ୍ଦ୍ରର ମୁଖ୍ୟ ଡି. ସି. ହେମ୍ବ୍ରମ୍, କାର୍ଯ୍ୟକ୍ରମ ମୁଖ୍ୟ ଜାଭିୟର୍ କାଣ୍ଡୁଲନା, ସମ୍ବାଦ ବିଭାଗ ମୁଖ୍ୟ ଶ୍ରୀମତୀ ମହବିଶ୍ ରହମାନ୍, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ପ୍ରଭୁ ଶରଣ, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ସଞ୍ଜୀବ କୁମାର ଲାଲ୍ ଉପସ୍ଥିତ ଥିଲେ।

# ବେଲୁଚିସ୍ତାନର ବିଦ୍ରୋହ

ପାକିସ୍ତାନ ବଳ ପ୍ରୟୋଗକରି ଏହାକୁ ବହୁ ବର୍ଷ ହେବ ଚାପି ରଖିଛନ୍ତି। ଏବେ ଏହା ବିସ୍ଫୋରକ ରୂପ ନେଇଛି। ବେଲୁଚିସ୍ତାନକୁ କ୍ରମାଗତ ଅବହେଳା ଏହାର ମୁଖ୍ୟ କାରଣ। ବେଲୁଚିସ୍ତାନର ବିଦ୍ରୋହୀମାନେ ଏବେ ପାକ ସେନା ବିରୋଧରେ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଛନ୍ତି। ପାକିସ୍ତାନ ଅନ୍ୟ ବିରୋଧରେ ଯେଉଁ ଅସ୍ତ୍ର ପ୍ରୟୋଗ କରୁଥିଲା, ଏବେ ସେହି ଅସ୍ତ୍ର ବୁମେରାଂ ହୋଇ ପାକିସ୍ତାନକୁ ଫେରିଛି। ଏହାକୁ ନେଇ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ବିବାଦ ଉଗ୍ର ରୂପ ନେଇଛି।ପାକିସ୍ତାନ ନିକଟରେ ଶକ୍ତିଶାଳି ଲଢୁଆ ବିମାନ, ଟ୍ୟାଙ୍କ ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ରହିଛି। ଭାରତ ବିରୋଧରେ ପାକିସ୍ତାନ ଏହାକୁ ପ୍ରସ୍ତୁତ କରି ରଖିଛି। ପୂର୍ବରୁ ପାକିସ୍ତାନ ଅଧିକାଂଶ ଅସ୍ତ୍ରଶସ୍ତ୍ର ଆମେରିକାରୁ ସଂଗ୍ରହ କରୁଥିଲା। କିଛି ବର୍ଷ ତଳେ ରୁଷ ମଧ୍ୟ ପାକିସ୍ତାନକୁ ସାମରିକ ସହାୟତା ପ୍ରଦାନ କରିଥିଲା। ଏବେ ଚୀନ ପାକିସ୍ତାନକୁ ସାମରିକ ସହାୟତା ପ୍ରଦାନ କରୁଛି। କାରଣ ଚୀନ ଏହାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି ଭାରତ ବିରୋଧରେ ପାକିସ୍ତାନକୁ ଶକ୍ତିଶାଳି କରିବାକୁ ଚାହୁଁଛି। ଚୀନ ସିଧାସଳଖ ଭାରତକୁ ଆକ୍ରମଣ ନକରି ପାକିସ୍ତାନ ମାଧ୍ୟମରେ ଭାରତକୁ ଦୁର୍ବଳ କରିବାକୁ ଚାହୁଁଛି। ଏଥିଲାଗି ପାକିସ୍ତାନକୁ ଚୀନ ଅଯାଚିତ ସାହାଯ୍ୟ କରୁଛି। ଏବେ ପାକିସ୍ତାନ ଏହାକୁ ଆଫଗାନିସ୍ତାନ ବିରୋଧରେ ପ୍ରୟୋଗ କରୁଛି। ଆଫଗାନିସ୍ତାନ ପାକିସ୍ତାନ ସହ ସମ୍ମୁଖ ଯୁଦ୍ଧ ନକରି ଛାୟା ଯୁଦ୍ଧ କରୁଛି। ପାକିସ୍ତାନର ପାଖତୁନଖ୍ୱା ପ୍ରଦେଶରେ ତାଲିବାନୀ ମାନେ ନରସଂହାର ଚଳାଇଛନ୍ତି। ଏହାର ପ୍ରତିଶୋଧ ନେବାକୁ ପାକିସ୍ତାନ ଏୟାର ଷ୍ଟ୍ରାଇକ କରିଥିଲା। ଆଫଗାନିସ୍ତାନରେ ତାଲିବାନକୁ କ୍ଷମତା ଅକ୍ତିଆର କରିବାରେ ପାକିସ୍ତାନ ହିଁ ସହାୟତା କରିଥିଲା। ତତ୍କାଳୀନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଖୋଲାଖୋଲି ଭାବେ ତାଲିବାନକୁ ସହାୟତା ଏବଂ ସମର୍ଥନ କରିଥିଲେ। ଏପରିକି ପାକ ସେନା ଆଫଗାନିସ୍ତାନ ଯାଇ ସେଠାରେ ତାଲିବାନୀଙ୍କ ସହାୟତା ଏବଂ ସହଯୋଗ କରିଥିଲେ। ପୂର୍ବରୁ ପାକିସ୍ତାନରେ ଅଲକାଏଦା ମୁଖ୍ୟ ଓସାମା ବିନ ଲାଡେନ ଲୁଚି ରହିଥିଲା। ଆମେରିକା ସେନା ତାକୁ ଖୋଜିଖୋଜି ହତ୍ୟା କଲା। ପାକିସ୍ତାନର ଆତଙ୍କବାଦ ପ୍ରୀତି ବିଶ୍ୱରେ ସମସ୍ତେ ଜାଣନ୍ତି। ଏବେ ଏହା ପାକିସ୍ତାନ ବିରୋଧରେ ଭସ୍ମାସୁର ପାଲଟିଛି। ଆଫଗାନିସ୍ତାନରେ କାରଜାଇଙ୍କ ନେତୃତ୍ୱରେ ଗଣତାନ୍ତ୍ରିକ ସରକାର ଚାଲିଥିବା ବଳେ ଭାରତ ସହ ଏହାର ସମ୍ପର୍କ ମଧୁର ଥିଲା। ଆଫଗାନିସ୍ତାନର ବିକାଶ ନିମନ୍ତେ ଭାରତ ସହାୟତା ପ୍ରଦାନ କରୁଥିଲା। କିନ୍ତୁ ତାଲିବାନ କ୍ଷମତାକୁ ଆସିବା ପରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ କୂଟନୈତିକ ସମ୍ପର୍କ ବିଚ୍ଛିନ୍ନ ହୋଇଥିଲା। ଭାରତ ମଧ୍ୟ ଆଫଗାନିସ୍ତାନକୁ ସମସ୍ତ ପ୍ରକାର ସହାୟତା ବନ୍ଦ କରି ଦେଇଥିଲା। ଏବେ ପୁନର୍ବାର ଆଫଗାନିସ୍ତାନ ଧିରେ ଧିର ଭାରତ ଆଡ଼କୁ ଢଳିବା ଆରମ୍ଭ କରିଛି। ମୁମ୍ବାଇରେ ଆଫଗାନିସ୍ତାନର ଜଣେ ପ୍ରତିନିଧି ଅବସ୍ଥାପିତ ହୋଇଛନ୍ତି। ଆଫଗାନିସ୍ତାନ ପାଇଁ ଭାରତର ମହତ୍ୱକୁ ତାଲିବାନ ଭଲଭାବେ ବୁଝିଛି। ଭାରତ ସହ ଆଫଗାନିସ୍ତାନର କୌଣସି ବିବାଦ ନାହିଁ। ବରଂ ପାକିସ୍ତାନ ବିରୋଧରେ ଆଫଗାନିସ୍ତାନକୁ ଭାରତ ସହାୟତା କରିବାକୁ ପ୍ରସ୍ତୁତ। ଏବେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ସୀମା ବିବାଦକୁ ନେଇ ଉ□ଜନା ଏବଂ ଲଢ଼େଇ ଭାରତ ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି। କାବୁଲ ସହ ଉ□ମ ସମ୍ପର୍କ ସ୍ଥାପନ କରି ଭାରତ ଏକ ନୂତନ ବନ୍ଧୁ ସୃଷ୍ଟି କରିବା ଉଚିତ। ଭାରତର ଅନ୍ୟତମ ପଡ଼ୋଶୀ ବାଂଲାଦେଶରେ ସରକାର ପରିବ□ର୍ନ ପରେ ନୂଆ ସରକାର ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଭଳି ପରିସ୍ଥିତିରେ ପାକିସ୍ତାନ ସହ କୂଟନୈତିକ ଏବଂ ସାମରିକ ସ୍ତରରେ ଲଢ଼ିବା ପାଇଁ ଆଫଗାନିସ୍ତାନ ସହ ବନ୍ଧୁତାର ନିହାତି ଆବଶ୍ୟକତା ରହିଛି। ସୁଯୋଗକୁ ହାତ ଛଡ଼ା କରିବା ଅନୁଚିତ।

“

;ମ୍ୟାଡାମ୍ କହିଲେ କିଛି ଦିନ ତଳେ ଟିଭିରେ ଦେଖିଥିଲି ଜଣେ ପୁରୁଷ ଏକାଧିକ ଝିଅଙ୍କୁ ଠକି ବାହା ହୋଇଛି । ସେ ଝିଅ ମାନଙ୍କ ଅବସ୍ଥା ଏବେ କ'ଣ ହେବ ? ଏତେ ଖରାପ ଲୋକ ବି ଦୁନିଆରେ ଅଛନ୍ତି ? ଛି ଛି ଏଗୁଡା ଲଜ୍ୟାକର ଘଟଣା । ମୁଁ କହିଲି ଆପଣ ଠିକ୍ କହୁଛନ୍ତି ଯେ ପୁରୁଷଟି ଦୋଷୀ କିନ୍ତୁ ସେ ଝିଅମାନଙ୍କର କ'ଣ କିଛି ଦୋଷ ନାହିଁ କି ? ବାହାଘର ପୂର୍ବରୁ ଝିଅ ଘର ତରଫରୁ କେତେ କ'ଣ ବୁଝନ୍ତି ଓ ଦେଖନ୍ତି ।

# ଭିତରକନିକାର ଭିତିରି କଥା

॥ ଡ. ଗଣେଶ ଚନ୍ଦ୍ର କୁଣ୍ଡ ॥

ଭିତରକନିକାର ବିଶ୍ ପ୍ରସିଦ୍ଧ କୁମ୍ଭୀର, ଡ଼ଲଫିନ, ଅଲିଭ୍ ରିଡ଼ଲେ କଇଁଛ, ହେନ୍ତାଳବଣ, ବିସ୍ତୃତ ବେଳାଭୂମି ସହିତ ଜୀବଜନ୍ତୁ ଭରା ସବୁଜ ସୁନ୍ଦର ପରିବେଶ ଦେଶ ବିଦେଶର ପର୍ଯ୍ୟଟକ ଓ ଗବେଷକଙ୍କୁ ଆକୃଷ୍ଟ କରିଥାଏ । ବିଗତ ଏକ ଦଶନ୍ଧି ହେଲା, ମୁଁ ପ୍ରତି ବର୍ଷ ଭିତରକନିକା ଭ୍ରମଣ କରିବାକୁ ଯାଇଛି । ଏମିତି ଯିବା ଆସିବା ଭିତରେ ଅନେକ ଅନୁଭୂତିର କଥା ମଧ ଅଛି । ଗତ ବର୍ଷ ମୁଁ ଓ ମୋର ଛଅ ଜଣ ବନ୍ଧୁ ଭିତରକନିକା ବୁଲିବାକୁ ଯାଇଥିଲୁ । ଭିତରକନିକା ଅଭୟାରଣ୍ୟ ମଧରେ ବୋଟରେ ବୁଲିକି କୁମ୍ଭୀର, ପଶୁପକ୍ଷୀ ତଥା ହେନ୍ତାଳ ବଣ ଦେଖିବା ଅତି ଆକର୍ଷଣୀୟ । ବୋଟ ଚାଳକ କହିଲେ ବୋଟର କ୍ଷମତା ୨୦ ଜଣ, ଜଣେ ଲୋକ ଗଲେ ଯେତିକି ଟଙ୍କା ପଡିବ, ୨୦ ଜଣ ଗଲେ ମଧ ସେତିକି ଟଙ୍କା ଲାଗିବ । ତେଣୁ ଆମେ ଚିନ୍ତା କଲୁ ଯଦି ଆଉ କିଛି ପର୍ଯଟକ ଆମ ସହିତ ମିଶିକି ବୁଲନ୍ତେ ତେବେ ଟଙ୍କା ଭାଗକରି ଦେଲେ ଖର୍ଚ୍ଛ ପରିମାଣ କମିଯାଆନ୍ତା । ଯାହା ହେଉ ଆଉ ତିନି ଜଣ ପର୍ଯ୍ୟଟକ ମିଳିଗଲେ । ସେମାନଙ୍କ ମଧରେ ୨ ଜଣ ପୁରୁଷ ଓ ଜଣେ ମ୍ୟାଡାମ୍ ଥିଲେ ।




ବୋଟରେ ଯାତ୍ରା କରୁଥିବା ସମୟରେ ବିଭିନ୍ନ କଥା ଆଲୋଚନା ଚାଲିଥାଏ କିନ୍ତୁ ସେ ମ୍ୟାଡାମ୍ ଜଣକ ଚୁପଚାପ ଥାଅନ୍ତି । କିଛି ସମୟ ପରେ ମୋର ଜଣେ ବନ୍ଧୁ କହିଲେ ସମସ୍ତେ ମିଶିକି ଗୋଟେ ଫଟୋ ଉଠେଇବା । ତା'ପରେ ବନ୍ଧୁ ପଚାରିଲେ ମ୍ୟାଡାମ୍ ଆପଣ କେଉଁଠାରୁ ଆସିଛନ୍ତି ? କ'ଣ କରନ୍ତି ଆପଣ ? ମ୍ୟାଡାମ୍ ଟିକେ ରାଗିଲା ଭଳି କହିଲେ ମୋ ବିଷୟରେ ଜାଣିବାକୁ ଆପଣ କାହିଁକି ଏତେ ବ୍ୟସ୍ତ ? ଖବର କାଗଜ ଓ ଟିଭି ମାଧମରେ ଜାଣିବାକୁ ମିଳୁଛି । ପ୍ରତିଦିନ ଠକ ଓ ଚୋରମାନେ ନୂଆ ନୂଆ ପ୍ରକାରର କୌଶଳ ଅବଲମ୍ବନ କରି ଅନେକ ଝିଅ ଓ ମହିଳା ମାନଙ୍କୁ ଅସୁବିଧାରେ ପକାଉଛନ୍ତି । ତେଣୁ ଅଜଣା ଲୋକଙ୍କ ସହିତ ବେଶି ମିଶିବା, ସେମାନଙ୍କ ସହିତ ଫଟୋ ଉଠେଇବା ଓ ବ୍ୟକ୍ତିଗତ କଥା ସେୟାର କରିବା ଠିକ ନୁହେଁ । ଏପ୍ରକାର କଥା ଶୁଣି ମୁଁ କହିଲି ମ୍ୟାଡାମ୍ ଆପଣଙ୍କୁ ଆମେ ସବୁ ଚୋର ଆଉ ଠକ ଭଳି ଦେଖାଯାଉଛୁ କି ? ମ୍ୟାଡାମ୍ କହିଲେ ଅନେକ ଅଛନ୍ତି ଭଦ୍ରଲୋକ ପରି କଥା କୁହନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କର ପ୍ରକୃତ ରୂପ ଜଣାପଡେ, ସେତେବେଳକୁ ସେମାନଙ୍କ କବଳରୁ ରକ୍ଷା ପାଇବାର ଉପାୟ ନଥାଏ । ଆଜିକାଲି ଦୁନିଆରେ ଏମିତ ସବୁ ଘଟୁଛି ଯେ ଠକମାନେ ବିଭିନ୍ନ ଉପାୟରେ ବିଶ୍ୱାସ ଜିତିବାକୁ ଚେଷ୍ଟା କରିଥାନ୍ତି ତା'ପରେ ବ୍ଲାକମେଲ୍ କରିଥାନ୍ତି । ମନ୍ଦ ଉଦେଶ୍ୟ ରଖିଥିବା ବ୍ୟକ୍ତି ଯଦି କୌଣସି ଫଟୋ ପାଇଗଲେ ତାକୁ କମ୍ପୁଟର ମାଧମରେ ପରିବ ର୍ନ କରି ଫେକ ଆକାଉ ଖୋଲି ପୋଷ୍ଟିଂ କରିଥାନ୍ତି, ଆଜିକାଲି ଏଗୁଡା ନିତି ଦିନିଆ ହୋଇଗଲାଣି । ଦୟାକରି ମୋ କଥାକୁ ଖରାପ ଭାବନ୍ତୁନି । ଯାହା କହିଲି ଆଜିକାଲିର ପରିସ୍ତିତିକୁ ଦେଖିକି କହିଛି, କିଛି ମନ୍ଦ ଲୋକଙ୍କ କାର୍ଯ୍ୟ ପାଇଁ ଭଲ ଲୋକମାନଙ୍କୁ ମଧ ବିଶ୍ୱାସ କରି ହଉନି । ଅବିଶ୍ୱାସର ବାତାବରଣ ମଧରେ ସବୁ କିଛି ଚାଲିଛି । ଆମେ ନାରୀମାନେ ଠକ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଅସୁବିଧାରେ ପଡୁଛୁ । ମୁଁ କହିଲି ଆପଣ ଯାହା କହିଲେ ଠିକ୍ କଥା, ଆଜିକାଲିକା ପରିସ୍ଥିତି ବି ସେମିତି ହୋଇଗଲାଣି । ନିଜେ ସଚେତନ ହେଲେ, ଠକ ମାନଙ୍କ କବଳରୁ ବହୁ ପରିମାଣରେ ରକ୍ଷା ପାଇପାରିବା ।

ମ୍ୟାଡାମ୍ କହିଲେ କିଛି ଦିନ ତଳେ ଟିଭିରେ ଦେଖିଥିଲି ଜଣେ ପୁରୁଷ ଏକାଧିକ ଝିଅଙ୍କୁ ଠକି ବାହା ହୋଇଛି । ସେ ଝିଅ ମାନଙ୍କ ଅବସ୍ଥା ଏବେ କ'ଣ ହେବ ? ଏତେ ଖରାପ ଲୋକ ବି ଦୁନିଆରେ ଅଛନ୍ତି ? ଛି ଛି ଏଗୁଡା ଲଜ୍ୟାକର ଘଟଣା । ମୁଁ କହିଲି ଆପଣ ଠିକ୍ କହୁଛନ୍ତି ଯେ ପୁରୁଷଟି ଦୋଷୀ କିନ୍ତୁ ସେ ଝିଅମାନଙ୍କର କ'ଣ କିଛି ଦୋଷ ନାହିଁ କି ? ବାହାଘର ପୂର୍ବରୁ ଝିଅ ଘର ତରଫରୁ କେତେ କ'ଣ ବୁଝନ୍ତି ଓ ଦେଖନ୍ତି । ଯେମିତିକି ପୁଅଟି ଦେଖିବାକୁ କେମିତିକା, ତା'ର ବ୍ୟବହାର, ପୁଅର ଘରେ ସବୁ କିଏ କିଏ ଅଛନ୍ତି, ସେମାନେ କଣ କରୁଛନ୍ତି, ସେମାନଙ୍କ ବ୍ୟବହାର କେମିତିକା, ପୁଅ କେଉଁ ସାଙ୍ଗମାନଙ୍କ ସହିତ ମିଶୁଛି, ନିଶା ଖାଉଛି କି ନାହିଁ, କେଉଁ ଅନୁଷ୍ଠାନରେ ପଢୁଥିଲା, ଚାକିରି କରିଥିବା ଅନୁଷ୍ଠାନରେ ବୁଝନ୍ତି ପୁଅ ଚାକିରି କରିଛି କି ନାହିଁ, ସ୍ଥାୟୀ କି ଅସ୍ଥାୟୀ, କେତେ ଦରମା ପାଉଛି, ଏମିତି କେତେ କ'ଣ । ପୁଅଟି ସତ କହୁଛି କି ମିଛ କହୁଛି ତାହା ଜାଣିବା ପାଇଁ ଅନେକ ପ୍ରକାର ମାଧମ ଅବଲମ୍ବନ କରାଯାଇଥାଏ । ସେ ଝିଅମାନେ ସେ ବାବୁଙ୍କ ବିଷୟରେ ଏମିତି କ'ଣ ସବୁ ବୁଝିଲେ ଯେ ଗୋଟେ ପରେ ଗୋଟେ ବାହା ହୋଇପଡିଲେ ? ସାଧାରଣତଃ ଜଣେ ପରିବା କିଣିଲା ବେଳେ ପରିବାକୁ ହାତରେ ନେଇ ବାରମ୍ବାର ଦେଖିଥାଏ । ତା'ପରେ ମନ ନବୁଝିଲେ ଦୋକାନୀକୁ ପଚାରେ ବାଇଗଣ କେଉଁଠାରୁ ଆଣିଛ, ଶୁଖିଗଲାଣି, ଦେଶୀ ନା ବିଦେଶୀ ଏମିତି କେତେ କ'ଣ । ଯଦି ପରିବା କିଣିବାବେଳେ ଏତେ ସଚେତନ ତେବେ ଜୀବନସାଥୀ ବାଛିଲା ବେଳେ କେତେ ସଚେତନ ହେବା କଥା ? ମ୍ୟାଡାମ୍ କହିଲେ ଆପଣ ଯାହା କହୁଛନ୍ତି ସତ କଥା କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ମହିଳା ଜଣକ ନା ଘରେ ନା ବାହାରେ ନା କର୍ମକ୍ଷେତ୍ରରେ, ସେ କେଉଁଠି ବି ସୁରକ୍ଷିତ ନୁହେଁ । ସମାଜିକ ହିଂସା, ବଳାତ୍କାର, ଦୁଷ୍କର୍ମ, ଯୌତୁକ ହତ୍ୟା ଓ ଘରୋଇ ହିଂସାର ଶିକାର ହେଉଛନ୍ତି । ଆଜିବି ଜଣେ ଝିଅ ଦିନରେ ହେଉ ବା ରାତିରେ ହେଉ ରାସ୍ତାରେ ସୁରକ୍ଷିତ ନୁହେଁ । ମହିଳାଙ୍କ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାରର ଆଇନ ରହିଛି ତା'ପରେ ମଧ ଅନେକ ମହିଳା ବିଭିନ୍ନ ପ୍ରକାରର ଶୋଷଣର ଶିକାର ହେଉଛନ୍ତି । ଏଥିପାଇଁ ଲୋକଙ୍କ ମାନସିକତାରେ ପରିବ ର୍ନ ଆସିବା ଦରକାର ଏବଂ ଦୋଷୀ ମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ଯାହା ଫଳରେ ଜଣେ ଖରାପ କାର୍ଯ୍ୟ କରିବା ପୂର୍ବରୁ ବାରମ୍ବାର ଚିନ୍ତା କରିବ । ମୁଁ କହିଲି ପରିସ୍ଥିତି ଏମିତି ହୋଇଗଲାଣି ଯେ ପ୍ରତିଦିନ ନୂଆ ନୂଆ ପ୍ରକାରର ଘଟଣା ଘଟୁଛି । ପ୍ରଥମେ ନିଜେ ସଚେତନ ହେଲେ ଓ ସତର୍କତା ଅବଲମ୍ବନ କଲେ, ଆମେ ନିଜକୁ ସୁରକ୍ଷିତ ରଖିପାରିବା ।

ପଟାମୁଣ୍ଡାଇ, କେନ୍ଦ୍ରାପଡା
ମୋ : ୯୯୩୮୦୬୦୮୮୬

# ଘେରାଏ ପୃଥିବୀର ଅସରନ୍ତି ମଣିଷ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଆମେ ଯିଏ ଯେତେ, ଆମ ସଂସାରର ପୃଥିବୀବି ସେତିକି । ଦୂର ଯେତିକି, ନିକଟ ବି ସେତିକି । ଚିହ୍ନା ଯେତିକି, ଅଚିହ୍ନା ବି ସେତିକି । କୁଳାଣ ଯେତିକି ଅକୁଳଣ ବି ସେତିକି । ଆମେ ଆମ ପୃଥିବୀକୁ ଯେତିକି ଲାଗିଛୁ, ସେତିକି ବି ବିଲଗ ହୋଇଛୁ। ତେଣୁ ଅନେକ ଖନ୍ଦାରୁ ଦେଖିଲେ ଆମେ ପୃଥିବୀର ଅଗଣାକୁ ବୁଝିପାରି ନାହୁଁ, ନିବିଡ଼ ଏଇ ଓଡ଼ିଶା ଭୂଇଁରେ ଆମେ କେତେ କେତେ ମାପରେ ଆତଯାତ ହେଉଥିଲେ ହେଁ ଆମେ କେତେ ବାଗିର ସରି ସରି ଯାଉଛୁ ଆମ ଘେରାଏ ଏଇ ପୃଥିବୀର ସଂସାର ନିକଟରେ । ଆମ ଜଣା ଅଜଣା ଅନେକଙ୍କ ନିକଟରେ ପ୍ରିୟ ଚିତ୍ତଭାଇ (ପ୍ରଫେସର ଚିତ୍ତରଞ୍ଜନ ଦାସ) ଏହିପରି ବେଭାରରେ ଜଣେ ସଳଖ ମଣିଷ ହୋଇ ବଞ୍ଚିରହିଥିଲେ, ଯାହାଙ୍କ ନିକଟରେ ଏହି ଘେରାଏ ପୃଥିବୀ ସଂସାର ଜ୍ଞାନରେ ଏମୁଣ୍ଡରୁ ସେମୁଣ୍ଡ ଯାଏଁ ଆବୋରି ରହିଥିଲା। ମଣିଷ ସରି ସରି ଆସେ, କେତେ କେତେ ପଣର ଅନ୍ଦାଜ ଗୁଡ଼ିକରୁ । ମାତ୍ର ଚିତ୍ତଭାଇ ନିଜ ନିଦାପଣରେ ଅସରନ୍ତି ହୋଇ ଚାଲୁଥିଲେ। ଆଉ ସମସ୍ତଙ୍କ ଦିହରେ ଅସରନ୍ତି ମଣିଷର ବୈଚିତ୍ର୍ୟଯୁକ୍ତ ମହିମାକୁ କେତେ ଠାଣିରେ ଆଘ୍ରାଣ କରିନେଇଥିଲେ। କେମିତି କେଜାଣି ବିଧି ତାଙ୍କୁ କେଉଁ ଧାତୁରେ ଗଢ଼ିଥିଲା କେଜାଣି, ଏଇ ସଳଖ ମଣିଷ ଜଣକଯେ କେତେଦୂର ନଇଁ ଆସନ୍ତି ଓ ନଇଁ ପାରନ୍ତି ତାହା ବିସ୍ମୟାଭିଭୂତ କରିଦିଏ। ହଁ, କହିହେବ, ସ୍କୁଲ ଶିକ୍ଷାର ଅମିଳନ ଶିକ୍ଷକବୃନ୍ଦଙ୍କୁ, ସହପାଠୀଙ୍କୁ ଯିଏ ପ୍ରିୟ ଚିତ୍ତଭାଇଙ୍କ ଆଖିର ମହିମାକୁ, ହୃଦୟର ଗଭୀରତାକୁ ଆହୁରି ବାଙ୍ମୟ କରିବାରେ ଆଲକେମି ପରି କାର୍ଯ୍ୟ କରିଥିଲେ। ଦେଶ ସ୍ୱାଧୀନ ହୋଇ ଆସିବାର ସକ୍ରିୟ ସଙ୍କେତ ଗୁଡ଼ିକ ମିଳିଯାଉଥିବା ଜାଣି ଚିତ୍ତରଂଜନ ଶାନ୍ତିନିକେତନର ବିଦ୍ୟାର୍ଥୀ ହେବାକୁ ଅଭିଳାଷ ପୋଷଣ କରିଥିଲେ। ଶାନ୍ତିନିକେତନରୁ କୋପେନହେଗେନ୍ ଏବଂ ତହିଁ ଉତ୍ତାରୁ କେତେ କେତେ ସ୍ୱପ୍ନର ଅଭିଳାଷରେ ମୁଖର ଚିତ୍ତରଂଜନ ଶିକ୍ଷକ ହେବାର ପ୍ରତିଜ୍ଞାରେ ନିଜ ଚିନ୍ତନକୁ ଭିଜାଇ ଦେବାରେ ଉଛୁର କରିନଥିଲେ। ବିଦେଶମାଟିର କେତେ କେତେ ପରିବର୍ତ୍ତନକାମୀ ବିଚାର, ବ୍ୟବସ୍ଥା, ଜାଗରଣ, ଉଦ୍‌ବେଳନ, ବିଦ୍ୟା, ଅଭିପ୍ରାୟ, ନୈକଟ୍ୟକୁ କଦର କରିପାରିଥିବା ଚିତ୍ତରଂଜନ ଓଡ଼ିଶାକୁ ଛୁଉଁ ଛୁଉଁ ଜନ୍ମମାଟି ବାଗଲପୁରକୁ ନୟାଇ ଅନୁଗୁଳର ଚମ୍ପତିମୁଣ୍ଡାରେ ଜୀବନ ବିଦ୍ୟାଳୟ ତୀର୍ଥ-ଦର୍ଶନରେ ନିଜକୁ ମୁହାଁଇ ଆଣିଥିଲେ। ଅଗ୍ନିକନ୍ୟା ଶ୍ରୀମତୀ ମାଳତୀ ଚୌଧୁରୀ (ନୁମା) ଓ ଭୂଇଁଛୁଆଁ ମଣିଷ ବାପି (ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ)ଙ୍କ ହାତ ଗଢ଼ା ଅନୁଷ୍ଠାନ ବାଜିରାଉତ ଛାତ୍ରାବାସରୁ ରାସ୍ତା ପଡ଼ିଲା ଚମ୍ପତିମୁଣ୍ଡା-ଜୀବନ ବିଦ୍ୟାଳୟକୁ। ତମସାତୀରର ତୀର୍ଥଦର୍ଶନ-ଜୀବନ ବିଦ୍ୟାଳୟ। ୧୯୫୨ ମସିହାରେ ପ୍ରତିଷ୍ଠା ହେଲା ଜୀବନ ବିଦ୍ୟାଳୟ। ସତ୍ୟବାଦୀ ବନ ବିଦ୍ୟାଳୟ ଲୋକଲୋଚନରେ ଯେତେ ଚର୍ଚ୍ଚିତ, ଚମ୍ପତିମୁଣ୍ଡାର ଜୀବନ ବିଦ୍ୟାଳୟ-ଓଡ଼ିଶାର ଆଲୋଚନା ଅଙ୍ଗନରେ ତତୋଧିକ ଅବହେଳିତ । ମାତ୍ର ଜୀବନ-ବିଦ୍ୟାଳୟର ପୁଣ୍ୟ ସକାଳକୁ ଫୁଟାଇ ପାରୁଥିବା ଚିତ୍ତରଂଜନଙ୍କୁ କ୍ରମଶଃ ଅପସାରଣ କରିଦିଆଯାଇଥିଲା। ଏକମାତ୍ର ପୁସ୍ତକ /ଦଲିଲ୍- "ଚାଲିଛି ନିକର" (ଲେଖକ-ଶ୍ରୀ ନନିଗୋପାଳ ପାଲିତ, ଜୀବନ-ବିଦ୍ୟାଳୟର ଛାତ୍ର, ପ୍ରକାଶକ - ଶିକ୍ଷା ସନ୍ଧାନ) ରେ ଜୀବନ-ବିଦ୍ୟାଳୟ କାହିଁକି ଓ କିପରି ନିଷ୍ପନ୍ଦ ପାଲଟିଗଲା ତାହାର କୋହ-ବିବରଣ ସନ୍ନିବେସିତ। କଟକ ଜେଲ୍‌ରେ ସ୍ୱାଧୀନତା ସଂଗ୍ରାମୀଙ୍କ ମେଳରେ ନିଜ ବ୍ରତକୁ ପଅଟାଇଥିବା ଚିତ୍ତରଂଜନ ଜୀବନ ବିଦ୍ୟାଳୟର ଉଭୟ ପରିଣତି ଓ ପଣତକୁ ଦେଖି ନିଶ୍ଚୟ ବିବ୍ରତ ହୋଇଥିବେ କି ନାହିଁ, ତାହା କିଏ ଅବା କହିବ ! ଏବେବି ଅଛନ୍ତି ଛାତ୍ର ଶ୍ରୀ ଶଶିଭୂଷଣ ପାଣିଗ୍ରାହୀ, ବୁର୍ଲା, ସମ୍ବଲପୁରରେ। କାଳ ଲମ୍ଭି ଲମ୍ଭି ଯାଉଥିବ । ଚିହ୍ନମାନ କେଜାଣି ହଜିଯିବେ! ଘେରାଏ ପୃଥିବୀର ପଣତରେ ଏଇ ଅମଳିନ ବିଦ୍ରୋହୀ ଆତ୍ମାଙ୍କୁ ହେଜିବାର ଅବସର ହାତଛଡ଼ା ନହେଉ। ହଁ, ଜୀବନ-ବିଦ୍ୟାଳୟରୁ ଆସିବାପରେ, ଚିତ୍ତରଂଜନ ସକାଳର ଘ୍ରାଣରେ ଆଗକୁ ପାଦ ବଢ଼ାଇଲେ, ବିଚ୍‌ପୁରୀ ଆଗ୍ରା ଗ୍ରାମୀଣ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଜୀବନର ଅୟମାରମ୍ଭ କଲେ। ସେତେବେଳର ଛାତ୍ର ଉତ୍ତରାଖଣ୍ଡର ଶ୍ରୀ ସଦନ ମିଶ୍ର, ଅଧ୍ୟାପକ ଶ୍ରୀ ରମେଶ ଘୋଡ଼େ (ନାଗପୁର) ଏବେବି ଏହି ପୁଣ୍ୟପ୍ଳୁତ ମଣିଷଙ୍କୁ କେତେ ଗଭୀର ଶ୍ରଦ୍ଧା-ନିବେଦନରେ ବିନୟାବନତ ହୋଇ ରହିଛନ୍ତି, ତାହା ଦେଖିଲେ ହିଁ ବିଶ୍ୱାସକରିହୁଏ। ଗଡ଼୍‌ୱାଲର ହାଟକଲ୍ୟାଣୀ ଗାଆଁରୁ ହିମାଳୟ ଦର୍ଶନର ଯାତ୍ରା ଶିଳାତୀର୍ଥରେ ପରିଣତ ହେଲା। ପାଦରେ ଚାଲି ଚାଲି ଶିଳାତୀର୍ଥର ନୟନାଭିରାମ ଅନୁଭୂତିର ପରାକାଷ୍ଠା। ଦୁଇଖଣ୍ଡ ପୁସ୍ତକରୁ ହିମାଳୟଦର୍ଶନ 'ଶିଳାତୀର୍ଥ'ର ସିନା ରୂପନେଲା ମାତ୍ର 'ଯମୁନେତ୍ରୀ'ର ଦର୍ଶନ ପୁସ୍ତକର ରୂପ ନେଇପାରିଲା ନାହିଁ। ଯମୁନେତ୍ରୀର ପାଣ୍ଡୁଲିପି ଓ ପ୍ରିୟ କ୍ୟାମେରା ଖଣ୍ଡକ କାହା ଲୋଭ ସମ୍ବରଣରେ କାଳ କାଳକୁ ଅତୀତ ହୋଇଗଲା। ଶିଳାତୀର୍ଥର ଉଲ୍ଲାସ ଓ ମହିମା ଯମୁନେତ୍ରୀ ଦର୍ଶନକୁ ଆଉ ଛୁଇଁ ପାରିଲା ନାହିଁ। ଘେରାଏ ପୃଥିବୀ ଓ ଅସରନ୍ତି ଅନୁଭୂତିର ଠୁଳ ସମ୍ମୋହନରୁ ବଞ୍ଚିତ ହେଲା କ୍ଷଣ କ୍ଷଣର ଜୀବନ। କ୍ଷଣ କ୍ଷଣର ଲୋଭନୀୟ ବିପଣିରୁ ଚିତ୍ତରଂଜନ ଆଖିଫେରାଇ ନେଇଥିଲେ । ମାତ୍ର ଯାହାକୁ ସେ ସାଉଁଟିନେଉଥିଲେ ତାହା କେବଳ ନିଜ ପାଇଁ ରଖିନଥିଲେ, ଆଉଜି ଦେଉଥିଲେ ଆଉ ଏକ ପୃଥିବୀର ଆତ୍ମାପାଇଁ । ସଂଗୃହୀତ ବିଭିନ୍ନ ଦେଶର ହଜାର ହଜାର ଡାକଟିକେଟକୁ ସେ କାହାକୁ ଦେବେ କାହାକୁ ଦେବେ ଖୋଜି ଖୋଜି - ଉଷାନଗରୀକୁ (ଅରୋଭିଲ) ଶେଷରେ ସମର୍ପି ଦେଇଗଲେ। ବିଶ୍ୱନୀଡ଼ମ୍‌ର ସଂପତ୍ତି ବିଶ୍ୱଅଙ୍ଗନର ସଂପତ୍ତି ପାଲଟିଗଲା। ମାଆ ହାରାମଣି ଦେବୀ ଓ ବାପା ଶ୍ରୀଯୁକ୍ତ ଖୋସାଲି ଚରଣ ଦାସଙ୍କ ଏଇ ପୁଅଟି ଯେଉଁଠିକୁ ଯାଉଥିଲେ ତାହାକୁ ଅସରନ୍ତି ଡୋରରେ ବାନ୍ଧି ରଖିଥିଲେ। ସେଥିପାଇଁ ବିଦେଶକୁ ଗଲାବେଳେ, ବାପା ବାଟେଇ ଦେବାକୁ ଆସି କହିଥିଲେ, "ତୁ ଫେରିଲା ବେଳକୁ ମୁଁ ଥିବିକି ନାହିଁ କିଏ କହିବରେ ! ମାତ୍ର ପୃଥିବୀର ଯୁଆଡ଼କୁ ଯିବୁ ତୋତେ ପୁଅ କରିନେବାକୁ କେତେ କେତେ ବାପା ମାଆ ମିଳିଯିବେ" । ହଁ, ତାହାହିଁ ହେଲା-ଅଧୀର ଘେରାଏ ପୃଥିବୀର ଅସରନ୍ତି ମଣିଷ ପ୍ରିୟ ଚିତ୍ତଭାଇ। ଯେତେବେଳେ ହେଉ ଯେଉଁଠି ବି ହେଉ, ଠୋ'ଠୋ' ହୋଇ ନାଗି ଆସନ୍ତି ସଳଖ ଭାବରେ, ବଡ଼ ନିଦା ଭାବରେ। ଭିଡ଼ ଠେଲି ଆଗକୁ, ଆମେ ପଛରେ ଥିଲେ, ସେ ଆଡ଼ ହୋଇ ଅନାଇ ରହିଛନ୍ତି କି !

ବିଷମ କଟକ, ରାୟଗଡ


# ଗୁଡ଼ିର ମୃତ୍ୟୁ ଫାଶ ଓ ମାଞ୍ଜା ସୂତା

॥ ବାଦଲ ଭୂୟାଁ ॥

କଟକ ଜିଲ୍ଲାରେ ମାଞ୍ଜା ସୂତା ବ୍ୟବହାର ଓ ବିକ୍ରି ସମ୍ପୂର୍ଣ୍ଣ ନିଷେଦ୍ଧ କରାଯାଇଛି। ମାନ୍ୟବର ହାଇକୋର୍ଟଙ୍କ ଜାନୁଆରୀ ୯ ତାରିଖର କଡ଼ା ନିର୍ଦ୍ଦେଶ ପରେ କଟକର ଜିଲ୍ଲାପାଳ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ ମାଞ୍ଜା ଦିଆଯାଇଥିବା ନାଇଲନ ବା ଅନ୍ୟ ସୂତା ତିଆରି, ବିକ୍ରି, ରଖିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ। ପଶୁ, ପକ୍ଷୀ ଓ ମଣିଷଙ୍କ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ଆଇନର ଧାରା ୫ ରେ ଏପରି ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ମାଞ୍ଜା ସୂତାରେ କଟି ନିକଟରେ କେତେକ ବ୍ୟକ୍ତି ଗୁରୁତର ଆହତ ହୋଇଥିବାବେଳେ ଅତୀତରେ କେତେକ ଘଟଣାରେ ଲୋକମାନଙ୍କ ଜୀବନ ଯାଇଛି। ମକର ସଂକ୍ରାନ୍ତି ଅବସରରେ ସବୁଆଡ଼େ ଗୁଡ଼ିର ମାହୋଲ ଦେଖାଯାଏ। ମକର ଯେତିକି ପାଖେଇ ପାଖେଇ ଆସେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁଡ଼ି ଉଡା ପର୍ବ ସେତିକି ଅଧିକରୁ ଅଧିକ ଦେଖିବାକୁ ମିଳେ। ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଏହା ବିଶେଷ ଭାବରେ ପରିଲକ୍ଷିତ ହୁଏ। କଟକ ମହାନଗର କାଠଯୋଡ଼ି ବାଲିରେ ପ୍ରତିବର୍ଷ ଗୁଡ଼ି ଉଡା ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଏହାବାଦ ଛୋଟ ପିଲାଙ୍କ ଠାରୁ ବଡ଼ ପର୍ଯ୍ୟନ୍ତ ନିଜ ଘରର ଛାତ ଉପରେ ବସି ଉଡେଇବା ପାଇଁ ଅନେକ ଲୋକ ପସନ୍ଦ କରନ୍ତି। ଶୀତଋତୁ ଥିବାରୁ ପବନର ତୀବ୍ରତା ନଥାଏ ଏବଂ ଏହି ଅବସରରେ ଗୁଡ଼ି ଉଡାଇବା ବେଶ ଆମୋଦଦାୟକ ହୋଇଥାଏ। ଖାଲି ସେତିକି ନୁହେଁ, ଆକାଶରେ ଉଡୁଥିବା ଆଉ ଏକ ଗୁଡ଼ିକୁ କାଟି ଖସାଇ ଦେବା ପାଇଁ ଏକ ପ୍ରତିଯୋଗିତା ମଧ୍ୟ ଲାଗେ। ଏହି ପ୍ରତିଯୋଗିତା ବର୍ତ୍ତମାନ ଆତ୍ମଘାତୀ ପ୍ରତିଯୋଗିତାରେ ପରିଣତ ହୋଇଛି। ଗୁଡ଼ି ଉଡ଼େଇବା ପାଇଁ କୌଣସି ନୀତିନିୟମ କି କଟକଣା ନାହିଁ। କିନ୍ତୁ ଗୁଡ଼ି ଉଡାରେ ବ୍ୟବହୃତ ହେଉଥିବା ସୂତା ହେଉଛି ଏକ ଭୟଙ୍କର ଅସ୍ତ୍ର। ଏହି ସୂତା ଲାଗି ପୂର୍ବ ବର୍ଷମାନଙ୍କରେ ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ଜୀବନ ଯାଇଛି। ଯେଉଁମାନଙ୍କ ବୟସ ୧୫ରୁ ୨୨ ବର୍ଷ ଭିତରେ।

ଭଙ୍ଗାକାଚକୁ ଗୁଣ୍ଡ କରି ସୂତାରେ ଅଠା ଗୋଳାଇ ଏହି କାଚ ଗୁଣ୍ଡକୁ ଲଗାଇ ଅନ୍ୟର ଗୁଡ଼ି ଗୁଡ଼ିକୁ କାଟିବା ପାଇଁ ମାଞ୍ଜା ସୂତା ବ୍ୟବହାର କରାଯାଏ। ଏହି ଗୁଡ଼ିର ସୂତା ରାସ୍ତାରେ ଯାଉଥିବା ଲୋକଙ୍କ ଶରୀରରେ ବାଜିଲେ ତାକୁ କାଟି ପକାଏ ଏବଂ ପୂର୍ବ ବର୍ଷମାନଙ୍କରେ ଯେତିକି ଜୀବନ ଯାଇଛି ସେମାନଙ୍କ ସମସ୍ତଙ୍କର ବେକରେ ମାଞ୍ଜା ସୂତା ଲାଗି ତଣ୍ଟି କଟିଛି। ଏହି ମାଞ୍ଜା ସୂତାର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ୨୦୧୬ ମସିହାରେ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ଦାଏର ହୋଇଥିଲା ଏବଂ ମାନବ୍ୟର ଉଚ୍ଚ ନ୍ୟାୟଳୟ କଟକଣା ଲଗାଇଥିଲେ। ଖାଲି ସେତିକି ନୁହେଁ ରାଜ୍ୟ ସରକାରଙ୍କୁ ମାଞ୍ଜା ସୂତା ଉପରେ କଟକଣା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୭ ମସିହାରେ ମାଞ୍ଜା ସୂତାର ପ୍ରସ୍ତୁତି ଏବଂ ବିକାକିଣା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଥିଲା। ଏହାବାଦ ରାଜ୍ୟରେ ଗୁଡ଼ି ଉଡାଇବାରେ ଏହି ମାଞ୍ଜା ସୂତା ବ୍ୟବହାର ହେଉଛି। ବିଶେଷକରି ମକରପର୍ବ ପାଳନ ଅବସରରେ ଗୁଡ଼ି ଉଡା ଏକ ସଉକ ଭାବରେ ଲୋକେ ପାଳନ କରିଥାନ୍ତି। ତା ପୂର୍ବରୁ ରାଜ୍ୟ ସରକାର ବଜାରରେ ଚଢ଼ାଉ କରି ମାଞ୍ଜା ସୂତା ବିକ୍ରେତା, କ୍ରେତା ଏବଂ ପ୍ରସ୍ତୁତକର୍ତ୍ତା ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ରାସ୍ତାରେ ଯାତାୟତ କରୁଥିବା ସାଧାରଣ ନିରୀହ ଲୋକ ଏହି ମାଞ୍ଜା ସୂତାରେ ଆହତ କିମ୍ବା ମୃତ୍ୟୁବରଣ କରୁଛନ୍ତି। ତେଣୁ ଏ ପ୍ରକାରର ସୂତା ବ୍ୟବହାର କରି ଗୁଡ଼ି ଉଡାଉଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ହତ୍ୟା ଷଡ଼ଯନ୍ତ୍ର ଅପରାଧରେ ଗିରଫ କରାଯିବା ଉଚିତ। ଏଭଳି ଏକ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କୁ ଗାଇଡ଼୍‌ଲାଇନ ଆଣିବା ନିମିତ୍ତ ହାଇକୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ପୂର୍ବରୁ ରୁଜ୍ଜୁ ହୋଇ ସାରିଥିବାରୁ, ଏଭଳି ଏକ ପ୍ରସଙ୍ଗକୁ ରାଜ୍ୟ ସରକାର ହାଲୁକା ଭାବେ ଗ୍ରହଣ କରିବା ଅନୁଚିତ। ଏହା ଏପରି ଏକ ଆତଙ୍କ ଯେ କେତେବେଳେ କାହାଠାରେ କାହାବେକରେ ଏହି ମାଞ୍ଜା ସୂତା ଲାଗିଯିବ ତାର କଳନା ମଧ୍ୟ କେହି କରିପାରିବେ ନାହିଁ। ଆକାଶରେ ବଜ୍ରପାତ ଭଳି ଆଖି ପିଛୁଳାକେ ମାଞ୍ଜା ସୂତା ଆସି ତଣ୍ଟି କାଟି ଚାଲିଯିବ। ତେଣୁ ଏ ପ୍ରକାରର ଏକ ଆମୋଦକୁ ଜନଗହଳି ଭିତରେ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ପାଇଁ ସରକାର ପଦକ୍ଷେପ ନେବା ଉଚିତ। ଜନଗହଳି ଅଞ୍ଚଳରେ ଯେତେ ଉଚ୍ଚର ଛାତ ହେଲେ ବି ଗୁଡ଼ି କଟିଗଲେ ତାର ସୂତା ତଳେ ପଡ଼ିବା ନିଶ୍ଚିତ ଏବଂ ଏହି ସୂତା କାହା ପାଇଁ ମୃତ୍ୟୁ ଦୂତ ସାଜିବ କେହି ବି ଆକଳନ କରିପାରିବେ ନାହିଁ। ଏ ଦୃଷ୍ଟିରୁ ଗୁଡ଼ି ଉଡାକୁ ମଧ୍ୟ କଟକଣା ଭିତରେ ରଖାଯିବା ଉଚିତ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଭୋଟର ଏବଂ ଆଧାର କାର୍ଡ ନ ଥିବାରୁ ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ ରାମବତୀ ଗଣ୍ଡ

ରାଇଘର, (ମହାଭାରତ): ସ୍ୱାମୀ ମୃତ୍ୟୁକୁ ୮ ବର୍ଷ ବିତିଗଲାଣି, ବିଧବା ରୁ ବୃଦ୍ଧା ପାଲଟି ଗଲାଣି ତଥାପି ଏଯାଏ ଭତ୍ତାରୁ । ବଂଚିତ ରହିଛି ଜଣେ ମହିଳା । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଦେବାଗା ପଂଚାୟତର କୁରୁବେଲା ଗ୍ରାମର ରାମବତୀ ଗଣ୍ଡ ଙ୍କ ବୟସ ପାଖାପାଖି ୭୭ବର୍ଷ ହୋଇଥିବା ବେଳେ ସ୍ୱାମୀ ମୃତ୍ୟୁକୁ ୮ ବର୍ଷରୁ ଉର୍ଦ୍ଧ ହୋଇଗଲାଣି ଗୋଟେ ବୋଲି ପୁଅ ତୁଳାରାମ ଗଣ୍ଡ ମୁଣ୍ଡ ଠିକ ରେ କାମ କରୁନି ଭଙ୍ଗା ଘରେ ମା ପୁଅ ରହୁଥିବା ବେଳେ ଲୋକଙ୍କ ଘରେ କୁଲି କାମ କରି ମା ପୁଅ ଗୁଜ ରାଣ ମେଣ୍ଟାଉ ଥିବା ବେଳେ ଚାଉଳ ମଧ୍ୟ ମିଳୁନି ପରିବାର ଦୁଇ ଜଣଙ୍କୁ ସଚେତ ସାଙ୍ଗକୁ ପ୍ରଶାସନ ଅଧିକାରୀ ମାନଙ୍କ ଅବହେଳା ଯୋଗୁଁ ଆଧାର କାର୍ଡ ଓ ଭୋଟର ପରିଚୟ ପତ୍ର ବି ମିଳିନି ଭୋଟର ପରିଚୟ ପତ୍ର ଓ ଆଧାର ର କାର୍ଡ ପାଇଁ ଅନେକ ଥର ଆବେଦନ କରି ଥିଲେ ହେଁ ତନତା ଅଭାବ ଭୋଟର କାର୍ଡ ଆଧାର କାର୍ଡ ହୋଇପାରିନି ଫଳରେ ବିଧବା ଭତ୍ତା କି ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରି ପାରୁନଥିବା ସେ ଦୁଃଖର ସହ ପ୍ରକାଶ କରିଛନ୍ତି ତେଣୁ ପ୍ରଶ୍ନ ପ୍ରଶାସନ ତତ୍ପରତା ଦେଖେଇ ଉଭୟ ଭୋଟର କାର୍ଡ ଓ ଧାର କାର୍ଡ କରିଦେବା ସହିତ ଯଥାଶୀଘ୍ର ବାର୍ଦ୍ଧକ୍ୟ ଭତ୍ତା ଯୋଗେଇ ଦେବାକୁ ଗ୍ରାମବାସି ଦାବୀ କରିଛନ୍ତି ।

## ଶାରୁଅ ଶିଳ୍ପାଞ୍ଚଳରେ ହତ୍ୟାକାଣ୍ଡ, ବିହାରୀ ଶ୍ରମିକ ଛୁରା ମାଡ଼ରେ ଓଡ଼ିଆ ଶ୍ରମିକ ମୃତ

ବେଗୁନିଆ, (ମହାଭାରତ) : ବେଗୁନିଆ ବାଘମାରି ଥାନା ସାରୁଅ ଶିଳ୍ପାଞ୍ଚଳରେ ହତ୍ୟାକାଣ୍ଡ । ଜଣେ ବିହାରୀ ଶ୍ରମିକଙ୍କ ଛୁରାମାଡରେ ଅନ୍ୟ ଜଣେ ଓଡ଼ିଆ ଶ୍ରମିକ ମୃତ। ମୋବାଇଲକୁ ନେଇ ହତ୍ୟାକାଣ୍ଡ ଘଟିଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ ବିହାରର ସୁନିଲ ମିଶ୍ରା ନାମକ ଜଣେ ବ୍ୟକ୍ତିଙ୍କ ସହିତ ଭଦ୍ରକ ଅଞ୍ଚଳର ମନୋଜ ତରାଇ ନାମକ ଯୁବକ ଉଭୟ ଶ୍ରମିକ ଭାବେ ସାରୁଅ ସ୍ଥିତ ନ୍ୟୁ ଲକ୍ଷ୍ମୀ ଷ୍ଟିଲ କମ୍ପାନୀରେ କାମ କରୁଥିଲେ। ଆଜି ସେମାନଙ୍କ ମଧ୍ୟରେ ଏକ ମୋବାଇଲକୁ ନେଇ ବଚସା ହୋଇଥିଲା। ତେବେ ବିହାରର ସୁନୀଲ ନାମକ ବ୍ୟକ୍ତି ଭଦ୍ରକ ଅଂଚଳର ଯୁବକ ମନୋଜ ତରାଇକୁ ଏକ ଧାରୁଆ ଛୁରୀରେ ଆକ୍ରମଣ କରି ତଣ୍ଟି କାଟି ଦେଇଥିଲା ଫଳରେ ଗୁରୁତର ହୋଇ ରକ୍ତାକ୍ତ ଅବସ୍ଥାରେ ମନୋଜକୁ ଖୋର୍ଦ୍ଧା ଡାକ୍ତରଖାନରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖବର ପାଇ ବାଘମାରି ପୋଲିସ ଘଟଣା ସ୍ଥଳରେ ପହଁଚି ହତ୍ୟାକାରୀର ଛୁରୀ ଜବତ କରିବା ସହିତ ଅଭିଯୁକ୍ତ ସୁନୀଲକୁ ଅଟକ ରଖି ଅଧିକ ତଦନ୍ତ ଆରମ୍ଭ କରିଛି। ତେବେ ଅଧିକ ତଦନ୍ତ ନିମନ୍ତେ ସାଇଣ୍ଟିଫିକ୍ ଟିମ୍ ର ସହାୟତା ନେଇଛି ବାଘମାରି ପୋଲିସ।

## ବେଡ଼ସିଟ୍‌ରେ ଝୁଲି ଯୁବକଙ୍କ ଆତ୍ମହତ୍ୟା

ବାଲିପାଟଣା, (ମହାଭାରତ) : ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅଧୀନ ରେ ଘଟିଛି ଏପରି ଅଭାବନୀୟ ଘଟଣା। ଶୋଇବା ଘରେ ବେଡ଼ସିଟ୍ ଲଗାଇ ଝୁଲି ପଡ଼ିଲେ ଯୁବକ। ସୂଚନା ମୁତାବକ ବାଲିପାଟଣା ଥାନା କୁରୁଞ୍ଜିପୁରର ଉମେଶ ପ୍ରଧାନଙ୍କ ପୁଅ ତରୁଣ ପ୍ରଧାନ ଓରଫ ଓମ (୨୦)ବାଲିପାଟଣାର ଏକ ଫିଜିଓଥେରାପି କ୍ଲିନିକରେ ଅଭ୍ୟାସ କରୁଥିଲେ। । ଓମ ଗତକାଲି ଏକ ବିବାହ ଭୋଜିରେ ଯୋଗଦେଇ ବିଳମ୍ବିତ ରାତିରେ ଘରକୁ ଫେରିଥିଲେ। ଆଜି ସକାଳୁ ଉଠିବାରେ ବିଳମ୍ବ ହେବାରୁ ଘର ଲୋକେ କବାଟ ବାଡେଇ ଡାକିଥିଲେ। ଘର ଭିତରୁ କୌଣସି ଶବ୍ଦ ଶୁଣାଯାଇ ନ ଥିଲା। ଶେଷରେ ପରିବାର ଲୋକେ କବାଟ ଲକ୍ ଭାଙ୍ଗି ଥିଲେ। ଆଜବେଷ୍ଟ ଘରେ ବେଡ଼ସିଟ ବେକରେ ବାନ୍ଧି ଓମଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିବା ପରେ ପୁଲିସକୁ ଖବର ଦେଇଥିଲେ। ବାଲିପାଟଣା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଛେଦ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲା। ଓମ୍ ର ମୃତ୍ୟୁରେ ପରିବାର ପୁରା ଭାଙ୍ଗି ପଡ଼ିଛି। ପୋଲିସ ଏହି ଘଟଣାର ଅଧିକ ତଦନ୍ତ କଲେ ପ୍ରକୃତ କାରଣ ଜଣା ପଡ଼ିବ ବୋଲି ସାଧାରଣରେ ଦାବି ହେଉଛି।

## ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ଦଶପଲ୍ଲା, (ମହାଭାରତ): ଆନ୍ତର୍ଜାତୀୟ ମାତୃଭାଷା ଦିବସ ଆଜି ସାରା ବିଶ୍ୱରେ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ଦଶପଲ୍ଲା ବ୍ଲକ ବୁଗୁଡା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି ଦିବସ ପାଳିତ ହୋଇଯାଇଛି । ଶିକ୍ଷକ ଲିଙ୍ଗରାଜ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ,ଅବସର ପ୍ରାପ୍ତ ମାର୍ଶାଲ ୱିଂଗ କର୍ମଚାରୀ ପଙ୍କଜ ଚରଣ ଜାନୀ ଓ ଅବସର ପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀ ନିତ୍ୟାନନ୍ଦ ପ୍ରଧାନ ଯୋଗଦେଇ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମ ରେ ମୂଖ୍ୟ ବକ୍ତା ଭାବରେ ଦଶପଲ୍ଲା ହୀରାଂଚଳ ପ୍ରତିନିଧି ରତ୍ନାକର ହୋତା ଯୋଗଦେଇ ଆଜିର ଦିବସ ଉପରେ ପୁଂଖାନୁପୁଂଖ ଆଲୋଚନା କରିଥିଲେ। ଆଜିର ଏହି ଉତ୍ସବରେ ସମସ୍ତ ଅଭିଭାବକ ଓ ସ୍ଥାନୀୟ ମାଣ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଶେଷରେ ସଭାପତି ସରୋଜ କୁମାର ଯାନୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିକ୍ଷା ବ୍ୟବସ୍ଥାର ନଗ୍ନଚିତ୍ର : ସକାଳ ୧୦ଟା ୩୫ରେ ସରକାରୀ ସ୍କୁଲରେ ଝୁଲୁଛି ତାଲା

ଲକ୍ଷ୍ମୀପୁର, (ମହାଭାରତ) : ଶିକ୍ଷା ବିଭାଗର ଅଦ୍ଭୁତ ନୀରବତା ଯୋଗୁଁ ଆଜି ଆଦିବାସୀ ଅଞ୍ଚଳର ଶିକ୍ଷା ବ୍ୟବସ୍ଥା ଧ୍ୱସ୍ତ ହେବାରେ ଲାଗିଛି। ସରକାରୀ କାଗଜରେ ସବୁ ଠିକ୍ ଥିବା ବେଳେ, ଭୂମିସ୍ତରରେ ତାହାର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ତୁନୁପାର ଜିପି ଅନ୍ତର୍ଗତ ସର୍ଗିଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ଆଜି ଶିକ୍ଷା ବ୍ୟବସ୍ଥାର ଏକ ନଗ୍ନ ଓ ଲଜ୍ଜାଜନକ ଚିତ୍ର ଭାବେ ଉଭୟସ୍ଥିତ। ସକାଳ ୧୦ଟା ୩୫... ଶିକ୍ଷାଦାନର ସର୍ବୋଚ୍ଚ ସମୟ। କିନ୍ତୁ ସେଇ ସମୟରେ ସ୍କୁଲ ଗେଟ୍‌ରେ ଝୁଲୁଛି ଏକ ବଡ଼ ତାଲା। ନା ଛାତ୍ରଛାତ୍ରୀ, ନା ଶିକ୍ଷକ–ଶିକ୍ଷୟତ୍ରୀ। ପୁରା ସ୍କୁଲ ନିରବ ଓ ନିର୍ଜନ। ଖବର ଅନୁଯାୟୀ, ଏହି ବିଦ୍ୟାଳୟରେ ପୂର୍ବରୁ ୨୯ ଛାତ୍ର ଛାତ୍ରୀ ପାଠ ପଢୁଥିଲେ କିନ୍ତୁ ଅନେକ ଛାତ୍ର ଛାତ୍ରୀ ବିଭିନ୍ନ ହଷ୍ଟେଲ ରେ ରହି



ଏବେ ପଢୁଥିବା ବେଳେ ଏବେ ମାତ୍ର ୯ ଜଣ ଛାତ୍ରଛାତ୍ରୀ ଅଛନ୍ତି ଏବଂ ସେମାନଙ୍କ ପାଇଁ ୨ ଜଣ ଶିକ୍ଷକ, ଶିକ୍ଷୟତ୍ରୀ ନିଯୁକ୍ତ ହେଇଛନ୍ତି । କିନ୍ତୁ ଦୁଃଖଦ ବିଷୟ ହେଲା,ଶିକ୍ଷକମାନେ ସମୟରେ ସ୍କୁଲକୁ ଆସୁନଥିବାରୁ ଛୋଟ ଛୁଆମାନେ ଉତ୍ତମ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କେବେ ମାଷ୍ଟର ମହୋଦୟ ଡେରିରେ ଆସୁଛନ୍ତି, ତ କେବେ ସମୟ ପୂର୍ବରୁ ସ୍କୁଲ ଛାଡ଼ି ଚାଲିଯାଉଛନ୍ତି। ଏଭଳି ଅନିୟମିତତା ଦ୍ୱାରା ଆଦିବାସୀ ଗାଁର ଭବିଷ୍ୟତ ପିଢ଼ୀ ଅନ୍ଧକାରକୁ ଠେଲାଯାଉଛି। ଏହା ଆଉ ଅଧିକ ଦୁଃଖଦ ଯେ, ଏ ବିଷୟରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରସାର ହେଲେ ସୁଦ୍ଧା ଶିକ୍ଷା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ପ୍ରଶ୍ନ ଉଠୁଛି— ଆଦିବାସୀ ଅଞ୍ଚଳର ଛୁଆମାନେ କ'ଣ ଶିକ୍ଷା ପାଇବାର ଅଧିକାରୀ ନୁହେଁ? ଦାୟିତ୍ୱହୀନ ଶିକ୍ଷକଙ୍କ ଉପରେ କେବେ କାର୍ଯ୍ୟାନୁଷ୍ଠାନ ହେବ ?। ବର୍ତ୍ତମାନ ସମୟ ଆସିଛି କଠୋର ପଦକ୍ଷେପ ନେବାର। ନହିଁଲେ ଏଭଳି ନଗ୍ନଚିତ୍ର ଆଉ ଅନେକ ସ୍କୁଲରୁ ସାମ୍ନାକୁ ଆସିବ। ଶିକ୍ଷା ବିଭାଗ କାର୍ଯ୍ୟାନୁଷ୍ଠାନ ନେବ କି ଆଗ ପରି ଏ ଖବରକୁ ମଧ୍ୟ ଚାପି ଦେବତାହା ଦେଖିବାକୁ ବାକି ରହିଲା।

# ସହରରେ ବଢୁଛି ଜବରଦଖଲ, ପ୍ରଶାସନ ନିରବଦ୍ରଷ୍ଟା

ନୟାଗଡ଼, (ମହାଭାରତ) : ନୟାଗଡ଼ ପୌର ପରିଷଦ ଅଧୀନ ବିଭିନ୍ନ ସ୍ଥାନରେ ଜବରଦଖଲ ବୃଦ୍ଧି ପାଉଛି। ସରକାରୀ ଜମି ଅକ୍ତିଆର କରି ପ୍ରଥମେ କୁଡ଼ିଆ ନିର୍ମାଣ କରାଯାଉଛି। ଏହାକୁ ଦଖଲରେ ରଖି ଧୀରେ ଧୀରେ ଘର ନିର୍ମାଣ କରାଯାଉଛି। କେବଳ ଘର ନିର୍ମାଣ ପାଇଁ ନୁହେଁ, ବ୍ୟବସାୟ ପ୍ରତିଷ୍ଠାନ ପାଇଁ ମଧ୍ୟ ଅନେକ ସ୍ଥାନରେ ଜବରଦଖଲ କରାଯାଉଛି। ନୟାଗଡ଼ ସହରରେ ଭେଣ୍ଡି ଜୋନ୍ ନିର୍ମାଣ କେବଳ ପ୍ରସ୍ତାବରେ ସୀମିତ ରହିଥ?ିବାରୁ ଯିଏ ଯେଉଁଠି ପାରିଲା ଜବରଦଖଲ କରି ଉଠା ଦୋକାନ ନିର୍ମାଣ କରୁଛି। ନୟାଗଡ଼ ସହର ଦିନ?କୁ ଦିନ ବୃଦ୍ଧି ପାଉଥିବା ବେଳେ ୧୦ ବର୍ଷ ତଳେ ଯେତିକି ବସ୍ତି ରହିଥିଲା, ଏହି ତାହାର ସଂଖ୍ୟା ବୃଦ୍ଧି ପାଇଛି। ଅନେକ ବସ୍ତିରେ ସହରର ପ୍ରମୁଖ ଲୋକ ମାନେ ମଧ୍ୟ ଜବରଦଖଲ କରିଛନ୍ତି। ସହରରେ ନିଜସ୍ୱ ଜାଗାରେ ଗୃହ ନିର୍ମାଣ କରି ହଜାର ହଜାର ଟଙ୍କା ଭଡ଼ା ପାଉଥିବା




ଲୋକେ ମଧ୍ୟ ବିଭିନ୍ନ ବସ୍ତିରେ ଜାଗା ଜବରଦଖଲ କରୁଛନ୍ତି। ଏହି ଜବରଦଖଲ କାର୍ଯ୍ୟରେ କିଛି ରାଜନୈତିକ ବ୍ୟକ୍ତିଙ୍କ ହାତ ମଧ୍ୟ ରହୁଛି। ନୟାଗଡ଼ ପୌର ପରିଷଦ ପକ୍ଷରୁ ଅନେକ ପ୍ରଭାବଶାଳୀ ଲୋକଙ୍କୁ ବିଗତ ଦିନରେ ଅନେକ ସ୍ଥାନରେ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସରକାରୀ ଚାକିରିଆ ଙ୍କଠାରୁ ଆରମ୍ଭକରି ପୌର ପରିଷଦ କର୍ମଚାରୀ ମଧ୍ୟ ନିଜ ପରିବାର ସଦସ୍ୟଙ୍କ ନାମରେ ସରକାରୀ ଜମିର ଭୂମି ଅଧିକାର ପ୍ରମାଣପତ୍ର ପାଇଛନ୍ତି। ଫଳରେ ଲୋକଙ୍କ ସାହସ ବୃଦ୍ଧି ପାଇବା ସହ ସହରରେ ଜବରଦଖଲ ବୃଦ୍ଧି ପାଉଛି। ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସାମ୍ନାରେ କିଛି ଦୋକାନ ଗୃହ ନିର୍ମାଣ ଚାଲିଛି। ଉକ୍ତ ୪ ଦୋକାନ ଗୃହ ମଧ୍ୟରୁ ଅଧା ସରକାରୀ ଜମି ଜବରଦଖଲ କରି ନିର୍ମାଣ କରାଯାଇଛି। ଦୀର୍ଘଦିନ ତଳୁ ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ପୌର ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ନୟାଗଡ଼ ତହସିଲ ନୟାଗଡ଼ ଆ?ର୍ଆଇଙ୍କ ଅଧୀନରେ ଏହି ସ୍ଥାନ ରହିଥ?ିବା ବେଳେ ଏହାକୁ ଜାଣିଶୁଣି ଅଣଦେଖା କରାଯାଉଛି। ସେହିଭଳି ଲେଙ୍କୁଡ଼ିପଡ଼ା ଆରଆଇଙ୍କ ଅଧୀନ ହରିହରପୁର ମୌଜାରେ ମଧ୍ୟ ଜବରଦଖଲ ବୃଦ୍ଧି ପାଉଥିବା ଦେଖ?ିବାକୁ ମିଳିଛି। ସରକାରୀ ଜମିକୁ ସୁରକ୍ଷା ଦେବା ପାଇଁ ପଦକ୍ଷେପ ନିଆଯିବା ବଦଳରେ ଏଥିପ୍ରତି ଆଦୌ ଗୁରୁତ୍ୱ ଦିଆଯାଉନାହିଁ। ଜିଲ୍ଲା ପ୍ରଶାସନ ସହରରେ ଥିବା ସରକାରୀ ଜମି ସୁରକ୍ଷିତ ରଖିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ନୟାଗଡ଼ ସହରର ବିଭିନ୍ନ ବସ୍ତି ବାସିନ୍ଦାଙ୍କୁ ଆଖିବୁଜା ଭାବେ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଯାହାର ତଦନ୍ତ ହେବା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ସରକାରୀ ଚାକିରିଆ, ପୌର ପରିଷଦ କର୍ମଚାରୀ ଏବଂ ବହୁ ପ୍ରଭାବଶାଳୀ ଲୋକ ଭୂମି ଅଧିକାର ପ୍ରମାଣପତ୍ର ହାତେଇ ଉକ୍ତ ଜମିରେ ଅଟ୍ଟାଳିକା ନିର୍ମାଣ କରିଛନ୍ତି। ଉକ୍ତ ଘରକୁ ଏକାଧିକ ଲୋକଙ୍କୁ ଭଡ଼ାରେ ଲଗାଇ ଅନ୍ୟତ୍ର ରହିଥ?ିବା ନିଜସ୍ୱ ଗୃହରେ ସେମାନେ ଅବସ୍ଥାନ କରୁଛନ୍ତି। ସରକାରୀ ଯୋଜନାର ଫାଇଦା ପାଇ ଏହି ହିତାଧିକାରୀ ମାନେ ଲାଭବାନ ହେଉଥ?ିବା ବେଳେ ପ୍ରକୃତ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ନୟାଗଡ଼ ପୌର ପରିଷଦ ପକ୍ଷରୁ ବିଗତ ଦିନରେ ପ୍ରଦାନ କରାଯାଇଥିବା ଭୂମି ଅଧିକାର ପ୍ରମାଣପତ୍ର ହିତାଧିକାରୀଙ୍କ ସମ୍ପର୍କରେ ସ୍ୱତନ୍ତ୍ର ଯାଞ୍ଚ କରିବାକୁ ଦାବି ହେଉଛି।

## ପାରାଦୀପ ବନ୍ଦର ଅଧ୍ୟକ୍ଷଙ୍କ ଦ୍ୱାରା 'ସାଇ ନିର୍ମଳ ଝର' ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦଘାଟିତ




ପାରାଦୀପ, (ମହାଭାରତ) : ଶ୍ରୀ ସତ୍ୟସାଇ ବାବାଙ୍କ ଦିବ୍ୟ ଅନୁଗ୍ରହରୁ ସାଇ ଜିଲ୍ଲା ଜଗତସିଂହପୁର ସୌଜନ୍ୟରୁ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତେର ଗାଁ ପଞ୍ଚାୟତର ସୁବଳା ଗ୍ରାମରେ ଶନିବାର ଦିନ ସକାଳ ୧୦ ଟା ୩୦ମିନିଟ ସମୟରେ ପାରାଦ୍ୱୀପ ବନ୍ଦର ପ୍ରାଧିକରଣ ଅଧକ୍ଷ ପି.ଏଲ.ହରନାଦଙ୍କ କରକମଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ 'ସାଇ ନିର୍ମଳ ଝର ପ୍ରକଳ୍ପ' ଉଦଘାଟିତ ହୋଇଯାଇଛିଙ ଏହି କାର୍ଯ୍ୟକ୍ରମ ପାରାଦୀପ ବନ୍ଦରର ସିଏସ୍ଆର ପାଣ୍ଠି ବିନିଯୋଗ ମାଧ୍ୟମରେ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ଆବାହକ, ଅବସରପ୍ରାପ୍ତ ଜିଲ୍ଲା ବିଚାରପତି, ବରିଷ୍ଠ ଟ୍ରଷ୍ଟି ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ସାଇ ଜଗତସିଂହପୁର ଜିଲ୍ଲାର ଜିଲ୍ଲା ସଭାପତି, ଜିଲ୍ଲା କର୍ମକର୍ତ୍ତା ତିର୍ତ୍ତୋଲ, ପାରାଦ୍ୱୀପ, ଯଦୁପୁର,ବିଶ୍ୱାଳି,ଗ୍ରାମର ଭାଇଭଉଣୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନଙ୍କୁ ସୁବଳା ଗ୍ରାମର ସଙ୍କୀର୍ତ୍ତନ ମଣ୍ଡଳୀ, ମା'ମାଉସୀ ଙ୍କ ହୁଳହୁଳି ଓ ଭାଇମାନଙ୍କ ହରିବୋଲ ଶବ୍ଦରେ ମଞ୍ଚ ଉପରକୁ ପାଛୋଟି ନିଆଯାଇଥିଲା। ଏହି ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଓ କାର୍ଯ୍ୟକ୍ରମକୁ ଗ୍ରାମବାସୀ ମାନେ ଉଚ୍ଚ ପ୍ରଶଂସା କରିଥିଲେ।

## ସରକାର ଓ ପ୍ରଶାସନଙ୍କ ଆନ୍ତରିକତା ଅଭାବରୁ ଅପହଞ୍ଚ ଇଲାକାରେ ପହଞ୍ଚି ପାରୁନି ବିକାଶ ଗାଁକୁ ନାହିଁ ପକ୍କା ରାସ୍ତା



ନୂଆଗାଁ, (ମହାଭାରତ) : ରାଜ୍ୟ ସରକାର ଓ ପ୍ରଶାସନଙ୍କ ଅପାରଗତା ଯୋଗୁଁ ଅପହଞ୍ଚ ଇଲାକାରେ ପହଞ୍ଚି ପାରୁନି ବିକାଶ ।ଲୋକଙ୍କ ସୁବିଧା ପାଇଁ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସରକାର କରିଛନ୍ତି ବିଭିନ୍ନ ଯୋଜନା। କିନ୍ତୁ ଦେଶ ସ୍ୱାଧୀନତାର ୭୯ବର୍ଷ ବିତି ଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଗାଁକୁ ପହଞ୍ଚି ପାରୁନି ମୌଳିକ ସୁବିଧା। ଯଦି ଦେଖିବା ସରକାର ଓ ପ୍ରଶାସନର ଆନ୍ତରିକତା ଅଭାବରୁ ଲୋକଙ୍କୁ ମିଳିପାରୁ ନାହିଁ ସୁବିଧା ।ଏପରିକି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟ ଜଳ ଭଳି ଲାଗି ରହିଛି ବିଭିନ୍ନ ସମସ୍ୟା ।ଲୋକେ ଯିବାଆସିବା ପାଇଁ ଗାଁକୁ ନାହିଁ ପକ୍କା ରାସ୍ତା ।ଏପରିକି ଗାଁକୁ ବି ପହଞ୍ଚି ପାରୁନି ଆମ୍ବୁଲାନ୍ସ ସେବା ।ଚିକିତ୍ସା ପାଇଁ ରୋଗୀ ଯାଇ ପାରୁନି ଡାକ୍ତରଖାନା ଏବଂ ପାଇ ପାରୁନି ଉତ୍ତମ ସ୍ୱାସ୍ଥ୍ୟ ସେବା ।ବେଳେବେଳେ ଚିକିତ୍ସା ଅଭାବରୁ ରୋଗୀ ଆଖି ବୁଜି ଦେଉଥିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। ଇଝଘଖ ନେଟୱାର୍କ ନିର୍ମାଣ ହୋଇଥିଲେ ମଧ୍ୟ ଯୋଗାଯୋଗ ହୋଇ ପାରୁନି। ଗାଁକୁ ଭଲ ରାସ୍ତା ନଥିବାରୁ ବର୍ଷା ଦିନେ ଯିବାଆସିବାରେ ନାହିଁ ନଥିବାର ଅସୁବିଧା ହେଉଛନ୍ତି ଲୋକେ ।ପ୍ରାୟ ୭ରୁ ୮ କିଲୋମିଟର ଘଞ୍ଚ ଜଙ୍ଗଲ ପାହାଡ଼ ରାସ୍ତା ।ପୁଣି ହିଂସ୍ର ଜନ୍ତୁ ମାନଙ୍କର ଭୟ ।ସେଥିରେ ଚାଲି ଚାଲି ଯାଇ ପଞ୍ଚାୟତରୁ ଭତ୍ତା,ଚାଉଳ ସହ ଖାଲମଡା କିମ୍ବା ନୂଆଗାଁ ଓ ନୟାଗଡ଼ ରୁ ବିଭିନ୍ନ ସଉଦା ସାମଗ୍ରୀ ଆଣି ଘରକୁ ଫେରନ୍ତି। ୫ ରୁ ୬ ମାସ ତଳେ ସଉଦା ସାରି ଘରକୁ ଫେରୁଥିବା ବେଳେ ଜଣଙ୍କୁ ହାତୀ ଆକ୍ରମଣ କରିଥିବା ଦେଖିବାକୁ ମିଳିଥିଲା ।ସନ୍ଧ୍ୟା ହେଲେ ଘରେ ତାଟି କବାଟ ପଡ଼ିଥିବା ଦେଖିବାକୁ ମିଳେ ।ଭୟରେ ଘରୁ ପଦାକୁ ବାହାରନ୍ତି ନାହିଁ ଲୋକେ ।ରାତି ହେଲେ ଲୋକଙ୍କୁ ଦେଖିବାକୁ ସାତଶପନ ।ଏଭଳି ସମସ୍ୟା ଦେଖିବାକୁ ମିଳିଛି ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଜାକେଡ଼ା ପଞ୍ଚାୟତ ବଡ଼ଜିରୀ ଓ ତୁକୁଡା ଗାଁରେ। ଏନେଇ ସ୍ଥାନୀୟ ଜନପ୍ରତିନିଧି ଠାରୁ ବିଡ଼ିଓ ଓ ଜିଲ୍ଲାପାଳଙ୍କ ଜନଶୁଣାଣୀ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଅଞ୍ଚଳବାସୀଙ୍କ ସମସ୍ୟା ଦୂର କରିବାରେ ବିଫଳ। ନିର୍ବାଚନ ଆସିଲେ ମୁଖ୍ୟମନ୍ତ୍ରୀ ଠାରୁ ନେତା, ମନ୍ତ୍ରୀ, ସାଂସଦ ଓ ବିଧାୟକ ଗଣ ଅଞ୍ଚଳର ବିକାଶ ପାଇଁ ବଡ଼ ବଡ଼ ଭାଷଣ ଦିଅନ୍ତି ଲୋକଙ୍କ ଆଗରେ ଆଉ ଭୋଟ ମଧ୍ୟ ହାତେଇ ନିଅନ୍ତି ।ଜିତିଗଲା ପରେ ଲୋକଙ୍କ ପାଖକୁ ଯିବାତ ଦୂରର କଥା ବାସୀ ପାଣିରେ ବି ପଚାରନ୍ତି ନାହିଁ ।ଘଞ୍ଚ ବଣ ଜଙ୍ଗଲ ପାହାଡ଼ ଘେରା ଭିତରେ ଥିବା ଆଦିବାସୀ ଲୋକଙ୍କୁ ବା ପଚାରେ କିଏ ? ଅଞ୍ଚଳର ବିକାଶ ଉପରେ ଶାସକ ଦଳ ବିଧାନସଭାରେ ଡ଼ିଣ୍ଡିମ ପିଟୁଥିବା ବେଳେ ଗ୍ରାଉଣ୍ଡ ଜିରୋକୁ ଯାଇ ଦେଖିଲେ ତାହା ସମ୍ପୂର୍ଣ୍ଣ ବିକାଶ ଠପ ।ଏକଥା ଆମେ କହୁନାହୁଁ ଅଞ୍ଚଳବାସୀଙ୍କ ଠାରୁ ଶୁଣିବାକୁ ମିଳିଛି। ଜାକେଡ଼ା ପଞ୍ଚାୟତବାସୀଙ୍କ ସମସ୍ୟା କେବେ ଦୂର କରିବେ ସରକାର ଆଗାମୀ ଦିନରେ ଦେଖିବାକୁ ବାକି ରହିଲା।

## ରାସ୍ତା ଉପରେ ମାଟି ଗାଡି ଜବତ କଲେ ତହସିଲଦାର

କାକଟପୁର, (ମହାଭାରତ) : ଅସ୍ତରଙ୍ଗ କାକଟପୁର ଅଞ୍ଚଳ ରେ ଦିନକୁ ଦିନ ବେ ଆଇନ ମାଟି ଚାଲାଣ, ବାଲି ଚୋରା ଚାଲାଣ ସହିତ ବେଆଇନ ଇଟା ଭାଟି ର ପାର୍ଦୁଭାବ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ଅନେକ ସମୟ ରେ ଖବର ପ୍ରସାରଣ ହେଇ ଆସୁଛି, ବର୍ତ୍ତମାନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି ଅସ୍ତରଙ୍ଗ କାକଟପୁରର ତହସିଲଦାର। ଶନିବାର ଦିନ ଅସ୍ତରଙ୍ଗ ବ୍ଲକ ଓ ନୀଳକଣ୍ଠପୁର ରାସ୍ତା ଛକରେ ଦୁଇ ଗୋଟି ନମ୍ବର ବିହୀନ ଟ୍ରାକ୍ଟରରେ ମାଟି ଚାଲାଣ ହେଉଥିବା ବେଳେ ରାସ୍ତା ଉପରେ କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା ଦୁଇ ଗୋଟି ଯାକ ଟ୍ରାକ୍ଟରକୁ ସିଜ୍ କରିଥିଲେ। ପରବର୍ତ୍ତୀ ସମୟ ରେ ଜଣାପଡିଥିଲା କାକଟପୁର ବ୍ଲକ କୌଣସି ଏକ ମେଗା ପ୍ରକଳ୍ପ ପାଇଁ ଏହି ମାଟି ଯାଉଥିଲା। ମାତ୍ର ତହସିଲଦାର ୱାଇ ଫର୍ମ ମାଗିବାରୁ ସେଠି ସଠିକ କାଗଜପତ୍ର ନପାଇ ଉକ୍ତ ଟ୍ରାକ୍ଟର କୁ କାକଟପୁର ପୋଲିସକୁ ହସ୍ତାନ୍ତର କରିବା ସହ ଫାଇନ ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଦିନରେ କାକଟପୁର ଅଞ୍ଚଳ ରେ ବିଭିନ୍ନ ବେଆଇନ ଇଟାଭାଟି, ବାଲି ଓ ମାଟି ଚାଲାଣ ଉପରେ ଅଙ୍କୁଶ ଲାଗିବା ସହିତ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା ଗଣମାଧ୍ୟମ କୁ ସୂଚନା ପ୍ରଦାନ କରିଛନ୍ତି ।

# ଇଟା ମାଫିଆଙ୍କ ଧମକରେ ଛାନିଆ ତହସିଲଦାର

ନୟାଗଡ଼, (ମହାଭାରତ) : ଇଟା ମାଫିଆଙ୍କ ଧମକରେ ଛାନିଆ ତହସିଲଦାର। ନୟାଗଡ ନୂଆଗାଁ ତହସିଲର ବନ୍ଧାଭୁଇଁ ଗାଁ ମାଟିଇଟା ଭାଙ୍ଗିବା ପାଇଁ ଯାଇଥିବା ତହସିଲଦାରଙ୍କୁ ଇଟା ମାଫିଆଙ୍କ ନାଲି ଆଖି। ଇଟାଭାଟି ଆଗାରେ କିଛି ମହିଳାଙ୍କୁ ଠିଆ କରି ଇଟାଭାଟି ମାଫିଆ ଭରତ ସାହୁ ତହସିଲଦାରଙ୍କୁ ଧମକ ଦେଉଥିବା ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ଘଟଣା ସ୍ଥଳରେ ତହସିଲଦାରଙ୍କୁ ବିଭିନ୍ନ ବାହାନା ଦେଖାଇ ଇଟା ମାଫିଆ କହୁଛନ୍ତି ଭୁଲ ହୋଇ ଯାଇଛି; ଏହି ଇଟା ଗାଁ ମନ୍ଦିର ନିର୍ମାଣ ପାଇଁ ପକାଯାଇଛି; ଇଟା ଭାଟିଙ୍କୁ ଭାଙ୍ଗନ୍ତୁ ନାହିଁ। ଏପରିକି ଇଟାଭାଟି ଭାଙ୍ଗିବା ପାଇଁ ଯାଇଥିବା ତହସିଲଦାର ଏବଂ ଅନ୍ୟ କର୍ମଚାରୀଙ୍କୁ ଭିକାରୀ ସାହୁ ଙ୍କ ଦ୍ୱାରା ଆସିଥିବା ଲୋକେ



ଘେରାଉ କରି ରଖି ଥିବା ଦେଖିବା ପାଇଁ ମିଳିଛି ଭିଡିଓରେ। ଫଳ ନିରାଶ ହୋଇ ଜେସିବି ମେସିନ ଧରି ଘଟଣା ସ୍ଥଳ ରୁ ଫେରିଛନ୍ତି ନୂଆଗାଁ ତହସିଲଦାର ଏବଂ ପୋଲିସ ଙ୍କ ସହ ଅନ୍ୟ କର୍ମଚାରୀ ମାନେ। ଇଟା ମାଫିଆ ଭାରତ ସାହୁ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କୁ ଭୟଭିତ କରି ବେଆଇନ ଭାବେ ମାଟି ଇଟା ଭାଟି ପୋଡି ଏହାକୁ ବିକ୍ରି କରି ଲକ୍ଷ ଲକ୍ଷ ଟଙ୍କା ମୁନାଫା ଉଠାଉଥିବା ଅଭିଯୋଗ ହୋଇଛି। ଏ ପରିକି ସେ ଜୋର ଜବରଦସ୍ତ ସରକାରୀ ଜମିକୁ ନିଜ ଦଖଲରେ ରଖିଥିବା ଅଭିଯୋଗ ହୋଇଛି। କେବଳ ଏତିକି ନୁହେଁ ବାଲି ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଏନେଇ ଜିଲ୍ଲାପାଳ ପାଖରେ ଅଭିଯୋଗ କରିଥିବା ସ୍ଥାନୀୟ ବାସିନ୍ଦା ଗୋବିନ୍ଦ ଚନ୍ଦ୍ର ସାହୁ କହିଛନ୍ତି। ସେପଟେ ଅତିରିକ୍ତ ଜିଲ୍ଲାପାଳ ବିଜୟା ନନ୍ଦ ନାୟକ କହିଛନ୍ତି ଯେତେ ବଡ଼ ମାଫିଆ ହେଲେ ମଧ୍ୟ ବେଆଇନ କାର୍ଯ୍ୟ କରୁଥିଲେ କ୍ଷମା ନାହିଁ। ଖୁବ ଶୀଘ୍ର ଭାରତ ସାହୁଙ୍କ ମାଟି ଇଟା ଭାଟିକୁ ପୋଲିସ ଫୋର୍ସ ସହାୟତାରେ ଭଙ୍ଗାଯିବ। ସେପଟେ ନୟାଗଡ଼ ତହସିଲ ପକ୍ଷରୁ ଆଜି ଖୁଣ୍ଟୁବନ୍ଧ ଆଇଟିଆଇ ସେଣ୍ଟର ନିକଟରେ ଗଢି ଉଠିଥିବା ମାଳା ମାଳା ବେଆଇନ ମାଟି ଇଟା ଭାଟିକୁ ଜେସିବି ଚଢାଇ ଭଙ୍ଗା ଯାଇଛି। ଅଚାନକ ଚଢ଼ାଉ କରି ଇଟାଭାଟି ଭାଙ୍ଗିବା ବେଳେ ଏହାକୁ ବିରୋଧ କରିଥିଲେ ଇଟା ଭାଟି ମାଲିକଙ୍କ ପରିବାର ଲୋକ। ପୋଲିସ ସେମାନଙ୍କୁ ଅଟକାଇଛି।

## ନିଆଁ ଲାଗି ଜଙ୍ଗଲ ପଡି ନଷ୍ଟ

କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା ବନାଞ୍ଚଳ ନିହାଣଗଣ୍ଡି ଗ୍ରାମ୍ୟ ଜଙ୍ଗଲ ର ନିଆଁ ଲାଗିଯିବାରୁ ଜଙ୍ଗଲ ପୁଡି ନଷ୍ଟ। ଗାଁ ଲୋକ ଦେଖିଲା ପରେ ବନବିଭାଗ କୁ ଖବର ଦେଇ ଥିଲେ। ନିହାଣଗଣ୍ଡି – ସୁଣିଦା ରାସ୍ତା କଡର ଜଙ୍ଗଲ ମଝିରେ ଆଜି ଦିନ ଦିପହର ବେଳେ ଜଙ୍ଗଲ ରେ ଏହି ନିଆଁ ଲାଗିଥିଲା। ଏହା ମନୁଷ୍ୟକୃତ ଏହି ନିଆଁ କୁ ବିଭାଗ ପକ୍ଷରୁ ଆୟତ୍ତ କରାଯାଇଛି । ଲାଗିଥିବା ଏହି ନିଆଁ ଧୀରେ ଧୀରେ ଜଙ୍ଗଲ ରେ ବ୍ୟାପିବାରେ ଲାଗିଥିଲା । ଗ୍ରୀଷ୍ମପ୍ରବାହ ର ଆରମ୍ଭ ରୁ ହେବା ଯୋଗୁଁ ଏବେ ଗଛର ଶୁଖିଲା ପତ୍ର ଝଡି ପଡିଥିବାରୁ ଶୁଖିଲା ପତ୍ର ନିଆଁ କୁ ଖୁବ ଶୀଘ୍ର ନିଆଁ ବ୍ୟାପକ କରିଛି। ତେବେ ଚଳିତ ବର୍ଷ ଜଙ୍ଗଲ ନିଆଁକୁ ଆୟତ୍ତ କରିବା ପାଇଁ ବିଭିନ୍ନ ସମୟରେ ସଚେତନତା ରାଲି କରିଛି ବନବିଭାଗ। ଏହା ସହ ପ୍ରତି ବିଟରେ ନିଆଁ ଲିଭାଇବା ଯନ୍ତ୍ରପାତି , ମେସିନ ଓ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଛି। ତେବେ ଆଜି ଦିନବେଳେ ତିନୋଟି ସ୍ଥାନରେ ନିଆଁ ଲାଗିଥିବା ବିଭାଗ ପକ୍ଷରୁ ସୂଚନା।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଉତ୍କଳ ସମ୍ମିଳନୀ ଗଜପତି ଶାଖାର ଜରୁରୀ ବୈଠକ

ଅପରାହ୍ନରେ ଉତ୍କଳ ସମ୍ମିଳନୀ ଗଜପତି ଶାଖାର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇ ସାରିଛି । ସଭାପତି ଭାରତ ଭୂଷଣ ମହାନ୍ତିଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସଭାରେ ଉପଦେଷ୍ଟା ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଓଡ଼ିଆ ଅସ୍ମିତାର ସୁରକ୍ଷା ରକ୍ଷା କିପରି କରାଯାଇପାରିବ ପ୍ରାଞ୍ଜଳ ଭାବେ କହିଥିଲେ । ଗତ ମାସ ଦଶପଲ୍ଲାରେ ଯୋଗଦେଇଥିବା ଗଜପତିର ପ୍ରତିନିଧି ମାନଙ୍କର ନିଜ ନିଜ ଅଭିଜ୍ଞତା ସମ୍ପର୍କରେ କହିଥିଲେ । ରାଜ୍ୟରେ ଅନୁଭୂତ ତିନୋଟି ଶାଖାର ଦୃଢ଼ ରହିବା ଏବଂ ଏହାର ସଶକ୍ତୀକରଣ ପାଇଁ ପଦକ୍ଷେପ ନେବା ଜରୁରୀ ବୋଲି ସଭାରେ ମୁଖ୍ୟ ଆଲୋଚନା ହୋଇଥିଲା । ସମ୍ପାଦକ ବିନୋଦ ଚନ୍ଦ୍ର ଜେନା ନିଜସ୍ୱ ମତ ଦେଇ କହିଥିଲେ ଏସବୁକୁ ଏକତ୍ରୀ କରଣ କରାଯାଇ ରାଜ୍ୟସ୍ତରରେ ନୂଆ ନିର୍ବାଚନ କରାଯାଇ ଅନୁଷ୍ଠାନକୁ ସୁଦୃଢ଼ କରିବା ପାଇଁ ଅନୁରୋଧ କରାଗଲା । ଆଶାଲତା ପାଣିଗ୍ରାହୀ, ଚିତ୍ତରଞ୍ଜନ ବେବର୍ତ୍ତା, ମୂଳାଧାର ପରିଚ୍ଛା, ଗୌରହରି କରସୁଧା ପଟ୍ଟନାୟକ, ସଚ୍ଚିଦାନନ୍ଦ ସାହୁ, ଆର୍ତ୍ତତ୍ରାଣ ଚଇନି, ପ୍ରଭୃତି ଯୋଗଦାନ କରି ନିଜସ୍ୱ ମତ ରଖିଥିଲେ । ଶେଷରେ ତ୍ରିପତି ପ୍ରସାଦ ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ଗଜପତି ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ



ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ତଥା ଜିଲ୍ଲା ପ୍ରଶାସନ ଗଜପତିଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ରାୟଗଡ ବ୍ଲକ ଅନ୍ତର୍ଗତ ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ମେଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ କେ.ତିରୁପତି ରାଓ, ସଭାପତି, ଜିଲ୍ଲାପରିଷଦ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ରାୟଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ପୂର୍ଣ୍ଣବାସୀ ନାୟକ, ଶ୍ରୀ ଜ୍ୟୋତି ପ୍ରସାଦ ପାଣି, ଉପ-ଅଧ୍ୟକ୍ଷ,ପଞ୍ଚାୟତ ସମିତି ରାୟଗଡ,ଶ୍ରୀମତୀ ଗୌତମୀ ଜାନି ,ଜିଲ୍ଲାପରିଷଦ ସଭ୍ୟା ରାୟଗଡ ପ୍ରମୁଖ ମଞ୍ଚାସିନ ଥିଲେ । ଆଜିର ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକ ରୁ ମୋଟ ୬୧୧ଜଣ ଯୁବକ ଓ ଯୁବତୀମାନେ ସେମାନଙ୍କ ନାମ ପଞ୍ଜିକରଣ କରିଥିବା ବେଳେ ୩୨୪ ଜଣଙ୍କୁ ଚୟନ କରାଯାଇଛି । ସେଥିମଧ୍ୟରୁ ୬୭ ଜଣଙ୍କୁ ସ୍ୱୀକୃତି ପତ୍ର ପ୍ରଦାନ କରାଯାଇଛି । ଆଜିର ନିଯୁକ୍ତି ମେଳାରେ ୧୯ଗୋଟି ସଂସ୍ଥା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଉକ୍ତ ମେଳାରେ ରାଜ୍ୟ ଓ ରାଜ୍ୟବାହାରର ଘରୋଇ କମ୍ପାନୀ ମାନେ ଯୋଗଦେଇ ପ୍ରତ୍ୟେକ ନିଯୁକ୍ତିର ସୁଯୋଗ ପ୍ରଦାନ କରିବା ସହିତ କିଛି ଘରୋଇ କମ୍ପାନୀ ତାଲିମ ପ୍ରଦାନ ପରେ ନିଯୁକ୍ତି ପ୍ରଦାନ କରିବେ୍ୟ ଆଜିର ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଶ୍ରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭାଗିୟ କର୍ମଚାରୀ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ବିଭିନ୍ନ ସଂସ୍ଥାର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ ।

## ଭୋଲାଙ୍କ ପରିବାରକୁ ନ୍ୟାୟ ଦାବିରେ ସାମ୍ବାଦିକ ସମ୍ମିଳନୀ

ଦଶପଲ୍ଲା,(ମହାଭାରତ):ଭୋଲାଙ୍କ ପରିବାରକୁ ନ୍ୟାୟ ଦାବିରେ ଜିଲ୍ଲାପାଳଙ୍କ କାର୍ଯାଳୟ ଆଗରେ ୨୩ରୁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଶୁକ୍ରବାର ଦିନ ଦଶପଲ୍ଲା ଏନଏସି ଅନ୍ତର୍ଗତ ଦୁର୍ଗା ବଜାର ସନ୍ନିକଟ ପୂଜା ଲଜ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭିମଆର୍ମି ଭାରତ ଏକତା ମିଶନ ଓଡିଶା ଶାଖା ତରଫରୁ ସୂଚନା ପ୍ରଦାନ କରାଯାଇଛି । ଘଟଣାକୁ ଭିମଆର୍ମି ତରଫରୁ ଦୃଢ ନିନ୍ଦା କରାଯାଇଛି । ୧୫ ଦିନ ବିତିଯାଇଥିଲେ ସୁଦ୍ଧା ପରିବାରକୁ କୋଣସି ପ୍ରକାରର ନ୍ୟାୟ ମିଳିପାରି ନାହିଁ ବୋଲି ଅଭିଯୋଗ କରାଯିବା ସହିତ ଘଟଣାରେ ଦୁଇଜଣ ଶିକ୍ଷୟତ୍ରୀ ଙ୍କୁ ଗିରଫ ପାଇଁ ଦାବୀ କରାଯାଇଛି । ସେଥିପାଇଁ ଭିମ୍ ଆର୍ମି ଭାରତ ଏକତା ମିଶନ ତରଫରୁ ଫେବୃଆରୀ ୨୩ ରିଖ ଦିନ ସକାଳ ୧୦.୩୦ ସମୟରେ ନୟାଗଡ ବ୍ଲକ ଅଫିସ ଆଗରୁ ଏକ ବିଶାଳ ରାଲି ବାହାରି ନୟାଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚିବ ଏବଂ ଯେ ପର୍ଯ୍ୟନ୍ତ ଦାବିଗୁଡିକ ପୂରଣ ନ ହୋଇଛି ଅର୍ନିଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦିବାରାତ୍ର ଧାରଣା ଦିଆଯିବ ବୋଲି ସମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି ।

## ଜିଲ୍ଲା ସ୍ତରୀୟ ସୁପୋଷିତ ଓଡ଼ିଶା ମିଶନ କର୍ମଶାଳା



ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଏକ ଦିନିଆ ଜିଲ୍ଲା ସ୍ତରୀୟ ସୁପୋଷିତ ଓଡ଼ିଶା ମିଶନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ମନୋରମା ଦେବୀ,ଉପ ଜିଲ୍ଲାପାଳ ଅନୁପ ପଣ୍ଡା, ରାଜ୍ୟ ସ୍ତରରୁ ଷ୍ଟେଟ କଂସଲଟେ□, ସାରଳା ପାତ୍ର, ସବ୍ ଡିଭିଜନ ପୋଗ୍ରାମ ଅଫିସର, ପ୍ରମୁଖ ମଞ୍ଚା ସିନ ଥିଲେ ।ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା ।ପ୍ରଶିକ୍ଷକ ଭାବେ ରାଜ୍ୟ ସ୍ତରରୁ ଷ୍ଟେଟ କଂସଲଟେ□ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି ।ଏହି କାର୍ଯ୍ୟକ୍ରମ ର ମୂଳ ଲକ୍ଷ୍ୟ ହେଉଛି ପିଲାମାନଙ୍କ ମଧ୍ୟରେ ଦେଖାଯାଉ ଥିବା କୁପୋଷଣକୁ ଦୂର କରି ପିଲା ମାନଙ୍କୁ ସୁପୋଷିତ କରିବା ।ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସିଡିପିଓ, ସୁପ୍ରଭାଇଜର,ଅଙ୍ଗନବାଡି କର୍ମୀ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଛନ୍ତି ।

# ସୁଭଦ୍ରା ଶକ୍ତି ମେଳାରେ ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ



ରଜପତି(ମହାଭାରତ):ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ୍ ଠାରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ତୃତୀୟ ଦିନରେ ସମ୍ମାନିତ ଅତିଥି ଭାବରେ ମୁଖ୍ୟ ଉଦ୍ୟାନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗଜପତି ଶ୍ରୀ ଏମ. ପ୍ରକାଶ ରାଓ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ତୁଷାରେନ୍ଦୁ ନାୟକ,ଡିପିଏମ, ଓଏଲଏମ ଶ୍ରୀ ଟିମନ ବାରା ପ୍ରମୁଖ ମଞ୍ଚାସିନ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ପରେ ପରେ ଓଡ଼ିଶାର କଣ୍ଠ ଶିଳ୍ପୀ ଅନନ୍ୟ ଶ୍ରୀତମ ନନ୍ଦଙ୍କ ଦ୍ୱାରା ରଙ୍ଗା ରଙ୍ଗ ସଙ୍ଗୀତ ପରିବେଷଣ କରାଯାଇଛି । ସେହିପରି ପ୍ରତିଦିନ ମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ନେଇ ପ୍ରତିଦିନ ନିଜର ଉତ୍ପାଦିତ ଜିନିଷ ଗୁଡ଼ିକୁ ବିକ୍ରିବଟା କରିବା ସହିତ ବ୍ରାଣ୍ଡିଂ ଏବଂ ପ୍ୟାକେଜିଂ ଉପରେ କର୍ମଶାଳା ଅନୁଷ୍ଠିତ ହେଉଛି । ସେହିପରି ପ୍ରତିଦିନ ମାଗଣାରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହେଉଛି । ଏହି ମେଳା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ଏହି ସୁଭଦ୍ରା ଶକ୍ତି ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ମେଳାରେ ରାଜ୍ୟର ସମସ୍ତ ଜିଲ୍ଲାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭାଗନେଇ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ପ୍ରଦର୍ଶନ କରୁଛନ୍ତି । ମେଳାରେ ବିବିଧ ହସ୍ତତନ୍ତ , ହସ୍ତଶିଳ୍ପ ଓ ଖାଦ୍ୟ ମେଳା ପ୍ରଦର୍ଶିତ ହେଉଛି । ସମସ୍ତ ଦର୍ଶକ ପରିଦର୍ଶନ କରି ଲୁଗାପଟା , ଖାଦ୍ୟଶସ୍ୟ , ଗୃହ ସାଜସଜ୍ଜା ଓ ଘରକରଣା ଜିନିଷର ଅପୂର୍ବ ସମ୍ଭାର କିଣିପାରିବେ୍ୟ ସେହିପରି ଏହି ମେଳା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ନିଜର ଉତ୍ପାଦକୁ ବୃହତ ବଜାର ସହିତ ସଂଯୋଗ କରି ଆୟ ବୃଦ୍ଧି କରିବା ସହିତ ଓ ଆତ୍ମନିର୍ଭରତା ଅର୍ଜନ କରିବେ । ଏହା ସେମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା ସହ ଲକ୍ଷପତି ଦିଦି ହେବା ସ୍ୱପ୍ନକୁ ସାକାର କରିବ । ମିଶନ ଶକ୍ତିର ଏହି ପଦକ୍ଷେପ ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ସ୍ୱପ୍ନକୁ ଆହୁରି ସୁଦୃଢ଼ କରିବ୍ୟ ଆଜିର ତୃତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ସମସ୍ତ ଲାଇନ୍ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମାସିକ ସମୀକ୍ଷା ବୈଠକ



କେନ୍ଦୁଝର,(ମହାଭାରତ): କେନ୍ଦୁଝର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଦରବାର ହଲ୍ ଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ (ସାଧାରଣ) ଙ୍କ ଅଧ୍ୟକ୍ଷତା ରେ ଏକ ଗୁରୁତ୍ୱପୂର୍ଣ୍ଣ ମାସିକ କର୍ମଚାରୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପ୍ରଶାସନର କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ଦୈନନ୍ଦିନ କାର୍ଯ୍ୟରେ ରହୁଥିବା ବାଧାବିଘ୍ନ ଦୂର କରିବା ପାଇଁ ବିସ୍ତୃତ ଆଲୋଚନା କରାଯାଇଛି । ବୈଠକର ମୁଖ୍ୟ ଆଲୋଚ୍ୟ ବିଷୟ ଓସୱାସ ମାଧ୍ୟମରେ ଫାଇଲ୍ ପରିଚାଳନା ସରକାରୀ ଫାଇଲ୍ଗୁଡ଼ିକର କାର୍ଯ୍ୟକାରିତାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଓସୱାସ ପୋର୍ଟାଲର ସଠିକ୍ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି । ସମସ୍ତ ଫାଇଲ୍ ମୁଭମେ□ ଯେପରି ଅନଲାଇନ୍ ମାଧ୍ୟମରେ ସୁରୁଖୁରୁରେ ହେବ, ସେଥିପାଇଁ ଅଧିକାରୀଙ୍କ ସହଯୋଗ ଲୋଡ଼ାଯାଇଛି । କର୍ମଚାରୀମାନଙ୍କୁ ଇ-ଡେସପାଚ୍ ସମ୍ବନ୍ଧରେ ଅଧିକ ଦକ୍ଷ କରିବା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରିବାକୁ ନିଷ୍ପ□ତ୍ତି ନିଆଯାଇଛି । ପେଣ୍ଡିଂ ରହୁଥିବା ଅଭିଯୋଗଗୁଡ଼ିକୁ ତୁରନ୍ତ ଯାଞ୍ଚ କରି ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ଇଂରାଜୀ ପରିବର୍ତ୍ତେ ଓଡ଼ିଆ ଭାଷାରେ କିଭଳି ସରକାରୀ ଚିଠିପତ୍ର ଓ ଡ୍ରାଫ୍ଟ ପ୍ରସ୍ତୁତ କରାଯିବ, ସେ ସମ୍ପର୍କରେ କର୍ମଚାରୀମାନଙ୍କୁ ତାଲିମ ଦିଆଯିବା ନେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାଲିକ (ସାଧାରଣ) ଏହି ବୈଠକ ରେ ଉପସ୍ଥାପନା କରିଥିଲେ । ପ୍ରଶାସନିକ କାର୍ଯ୍ୟରେ ଉନ୍ନତି ଆଣିବା ପାଇଁ ଏଣିକି ପ୍ରତି ମାସରେ ଏହିଭଳି ସମୀକ୍ଷା ବୈଠକ କରାଯାଇ କାର୍ଯ୍ୟର ଅଗ୍ରଗତି ଯାଞ୍ଚ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବିନ୍ଦ୍ର କୁମାର ପ୍ରଧାନ(ରାଜସ୍ୱ) ଯୋଗଦେଇ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ବିଶେଷ କରି ଓସୱାସ ମାଧ୍ୟମରେ ଫାଇଲ୍ ପରିଚାଳନା ସମୟରେ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ବୈଷୟିକ ସମସ୍ୟା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଡିଜିଟାଲ୍ ଫାଇଲ୍ ମୁଭମେଣ୍ଟରେ ଯେପରି କୌଣସି ବାଧା ଉପୁଜିବ ନାହିଁ ଏବଂ ବୈଷୟିକ ତ୍ରୁଟି ଯୋଗୁଁ କାର୍ଯ୍ୟ ଯେପରି ବିଳମ୍ବ ନହେବ, ସେଥିପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ଏବଂ ନୂତନ ଭାବେ ଯୋଗ ଦେଇଥିବା ଅଧିକାରୀମାନେ ଯେପରି ଓସୱାସ ପ୍ରକ୍ରିୟାକୁ ସହଜରେ ବୁଝିପାରିବେ, ସେଥିପାଇଁ ସେମାନଙ୍କୁ ସମ୍ୟକ ଜ୍ଞାନ ଓ ପ୍ରଶିକ୍ଷଣ ଦେବାକୁ କୁହାଯାଇଛି । ଏହି ସମୀକ୍ଷା ବୈଠକ ବିଭିନ୍ନ ବିଭାଗ ର ଉପରିସ୍ଥ ଅଧିକାରୀ ଏବଂ ସେକ୍ସନ ଅଫିସରମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର କାର୍ଯ୍ୟଧାରା ସମ୍ପର୍କରେ ମତାମତ ରଖିଥିଲେ ।

## ମନମରା ଜଙ୍ଗଲରୁ ୩ ଦିନ ହେଲା ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ, ଯୋଡ଼ା ସେକ୍ସନ ମନମରୟ ଜଙ୍ଗଲରୁ ଜଣେ ନିଖୋଜ ଥିବା ବ୍ୟକ୍ତିଙ୍କ ମୃତଦେହ ଶନିବାର ଉଦ୍ଧାର ହୋଇଛି । ମୃତକ ହେଲେ ଯୋଡ଼ା ପୌରାଞ୍ଚଳ ୬ନଂ ୱାର୍ଡ଼ ବାଚୁ ହଟିଂ ଅଞ୍ଚଳର ରଘୁ ବାଙ୍କିରା(୭୦) ୟ ହାତୀ ଆକ୍ରମଣ ରୁ ତାଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି । ସେ ଗତ ବୁଧବାର ନିକଟସ୍ଥ ଜଙ୍ଗଲକୁ ଜାଳେଣି କାଠ ଓ ଗିଲିରି ଫୁଲ ସଂଗ୍ରହ ପାଇଁ ଯାଇ ଆଉ ଫେରି ନ ଥିଲେ । ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିବା ସହ ଯୋଡ଼ା ଥାନାରେ ଜଣାଇଥିଲେ । ତେବେ ଶନିବାର ଜଙ୍ଗଲରେ ରଘୁଙ୍କ ମୃତଦେହ ପଡ଼ିଥିବା ପରିବାର ଲୋକ ଜାଣି ପାରି ଥିଲେ । ସେତେବେଳକୁ ଏକ ହାତୀ ମୃତଦେହ ନିକଟରେ ଜଗି ରହିଥିଲା, ଫଳରେ ପରିବାର ଲୋକେ ଭୟଭୀତ ହୋଇ ସେଠାରୁ ଫେରି ଆସିଥିଲେ ।

## ଶ୍ରମ ବିଭାଗ ର ଚଢ଼ାଉ, ଶିଶୁ ଶ୍ରମିକ ଉଦ୍ଧାର

ଅସ୍ତରଙ୍ଗ(ମହାଭାରତ : ଦିନକୁ ଦିନ ଆମ ଅଞ୍ଚଳ ରେ ଶିଶୁ ଶ୍ରମିକ ମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି, ସରକାର ଶିଶୁ ଶ୍ରମିକ ଆଇନ କୁ କଠୋର କରିବା ସହିତ ବିଭିନ୍ନ ସମୟ ରେ ସଚେତନତା ସୃଷ୍ଟି କରୁଥିବାବେଳେ ଅନେକ ସ୍ଥାନରେ ଏହାର ଓଲଟା ଦୃଶ୍ୟ ଅନେକ ସମୟ ରେ ଦେଖିବାକୁ ମିଳୁଛି, ଶିଶୁ ମାନଙ୍କୁ ନେଇ ଅନେକ ବ୍ୟବସାୟିକ ଅନୁଷ୍ଠାନ ଶ୍ରମିକ ହିସାବରେ କାର୍ଯ୍ୟ ରେ ନିୟୋଜିତ କରିବା ଏକ ପ୍ରକାର ଧର୍ତ୍ତବ୍ୟ ଅପରାଧ ଥିବା ବେଳେ ଅସ୍ତରଙ୍ଗ କାକଟପୁର ଅଞ୍ଚଳ ରେ ଏହାକୁ ବେଖାତିର କରୁଛନ୍ତି ଅନେକ ବ୍ୟବସାୟୀ, ଏହାକୁ ଦୃଷ୍ଟି ରେ ରଖି ଆଜି ପୁରୀ ଜିଲା ଶ୍ରମ ବିଭାଗ, ଚାଇଲଡ ହେଲ୍ପ ଲାଇନ ର ମିଳିତ ତିନି ଜଣିଆ ଟିମ୍ ଓ ଅସ୍ତରଙ୍ଗ ପୋଲିସ ବିଭାଗ ର ସହାୟତା ରେ ଅସ୍ତରଙ୍ଗ ଅଞ୍ଚଳ ରେ ଚାରି ଗୋଟି ସ୍ଥାନରେ ଚଢ଼ାଉ ଜାରି କରିଥିଲେ, ଇତି ମଧ୍ୟ ରେ ଅସ୍ତରଙ୍ଗ ମୁଖ୍ୟ ବଜାର ସ୍ଥିତ ଜେବିଏସ ହୋଟେଲ ରୁ ଜଣେ ଶିଶୁ ଶ୍ରମିକ କୁ ଉଦ୍ଧାର କରି ଅସ୍ତରଙ୍ଗ ଥାନା ରେ ରଖିଥିଲେ, ଅସ୍ତରଙ୍ଗ ପୋଲିସ ର ପଚରା ଉଚରା ପରେ ଜଣାପଡିଥିଲା ପିଲା ର ଘର ମୟୁରଭଞ୍ଜ ରେ, ଉକ୍ତ ପିଲା କୁ ଉଦ୍ଧାର କରି ପିରି ସିଡବ୍ଲୁସି ରେ ଛଡାଯାଇଛି । ଏହାପରେ ଉକ୍ତ ପିଲା ର ପରିବାର କୁ ଯୋଗାଯୋଗ କରି ତାକୁ ଛାଡିଦିଆଯିବ ବୋଲି ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି, ପୁରୀ ଜିଲ୍ଲା ଅସ୍ତରଙ୍ଗ କାକଟପୁର ର ଅତିରିକ୍ତ ଶ୍ରମ ଅଧିକାରୀ ଚିନ୍ମୟ ପ୍ରିୟଦର୍ଶୀ ଙ୍କ ନେତୃତ୍ୱ ରେ ଏହି ଶିଶୁ ବାଳକ ଶ୍ରମିକ କୁ ଉଦ୍ଧାର କରାଯିବା ପରେ ଆଗାମୀ ଦିନରେ ଘଟଣା ର ତଦନ୍ତ କରାଯାଇ ସମ୍ପୃକ୍ତ ହୋଟେଲ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗଣମାଧ୍ୟମ କୁ ସୂଚନା ପ୍ରଦାନ କରିଛନ୍ତି ।

## ବିଦ୍ୟୁତ କର୍ମଚାରୀ ଫେଡ଼େରେସନର ୫୧ତମ ରାଜ୍ୟ ସ୍ତରୀୟ ବାର୍ଷିକ ସମ୍ମିଳନୀ





କେନ୍ଦୁଝର,(ମହାଭାରତ) ଶନିବାର ଦିନ ଓଡ଼ିଶା ରାଜ୍ୟ ବିଦ୍ୟୁତ କର୍ମଚାରୀ ଫେଡ଼େରେସନର ୫୧ତମ ରାଜ୍ୟ ସ୍ତରୀୟ ବାର୍ଷିକ ସମ୍ମିଳନୀ କେନ୍ଦୁଝରଗଡ଼ ଅଡ଼ିଟୋରିୟମ୍ରେ ଅନୁଷ୍ଠିତ ହେଇଯାଇଅଛି । ନେସ୍କୋ ପାୱାର ଏମ୍ପ୍ଲୟିଜ୍ ୟୁନିୟନର ( ଏଆଇଟିୟୁସି ସହବନ୍ଧିତ ) କେନ୍ଦୁଝର କାର୍ଯ୍ୟାଳୟଠାରୁ ଏକ ବିରାଟ ପଟୁଆର ସହର ପରିକ୍ରମା କରି ଅଡିଟୋରିୟମରେ ପହଞ୍ଚି ଥିଲା ।ବିଦ୍ୟୁତ କର୍ମଚାରୀ ଫେଡ଼େରେସନର ୫୧ତମ ରାଜ୍ୟ ସ୍ତରୀୟ ସମ୍ମିଳନୀ ର ଅଭ୍ୟର୍ଥନା କମିଟିର ସଭାପତି ତଥା କେନ୍ଦୁଝରଗଡ଼ ପୌରପାଳିକାର ଅଧକ୍ଷା ଶ୍ରୀମତୀ ନିକୁ ସାହୁ ମଞ୍ଚାସିନ ହୋଇ ସାରା ଓଡିଶାରୁ ଆସିଥିବା ସଂଘର ସହସହ ସଦସ୍ୟଙ୍କୁ ପ୍ରଥମେ ଅଭିଭାଷଣ ମାଧ୍ୟମରେ ସ୍ୱାଗତ କରିଥିଲେ । ଓଡ଼ିଶା ରାଜ୍ୟ ବିଦ୍ୟୁ କର୍ମଚାରୀ ଫେଡ଼େରେସନ ଅନ୍ତର୍ଗତ ଓଡ଼ିଶାର ଉତ୍ପାଦନ,ପରିବହନ ଓ ବିତରଣ ର ସମସ୍ତ ପ୍ରତିନିଧି ସଭ୍ୟ ଉପସ୍ଥିତ ଥିଲେ ୟ ଉକ୍ତ ସମ୍ମିଳନୀରେ ରାଜ୍ୟ ବିଦ୍ୟୁ କର୍ମଚାରୀ ଫେଡ଼େରେସନର ଅଧକ୍ଷ ରାମକୃଷ୍ଣ ପଣ୍ଡା ଲାଲ ପତାକା ଉତ୍ତୋଳନ କରି ସମ୍ମିଳନୀକୁ ଉଦ୍ଘାଟନ କରିଥିଲେ ।ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ମୋହନ ଶର୍ମା ସାଧାରଣ ସମ୍ପାଦକ, ଭାରତୀୟ ବିଦ୍ୟୁତ କର୍ମଚାରୀ ଫେଡ଼େରେସନ ତଥା ମହାରାଷ୍ଟ୍ର ବିଦ୍ୟୁତ ଫେଡେରେସନର ଅଧକ୍ଷ (ନାଗପୁର),ଯୋଗଦାନ କରିଥିଲେ । ସଂମ୍ମାନିତ ଅତିଥି ଭାବେ ଶ୍ରୀଯୁକ୍ତ ବୈଦନାଥ ସିଂହ ଆଞ୍ଚଳିକ ସମ୍ପାଦକ, ଶ୍ରୀଯୁକ୍ତ ଅରୁଣ ଚୋଟରାଜ ଉତ୍ତର ପୂର୍ବାଞ୍ଚଳ ଉପସମ୍ପାଦକ, ଶ୍ରୀ ମହେଶ୍ୱର ରାଉତ କାର୍ଯ୍ୟକାରୀ ସଭାପତି ଏଆଇ.ଟି.ଇଉ.ସି ଓଡ଼ିଶା ରାଜ୍ୟ କମିଟି ଯୋଗଦାନ ସହ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ୟ ଏତଦ୍ ସହିତ ଓଡ଼ିଶା ରାଜ୍ୟ ବିଦ୍ୟୁ କର୍ମଚାରୀ ଫେଡ଼େରେସନର ଉପାଧକ୍ଷ ଆର୍ତ୍ତବନ୍ଧୁ ବିଶ୍ୱାଳ, ଶ୍ରୀଯୁକ୍ତ ଶ୍ରୀକୃଷ୍ଣ ପଟ୍ଟନାୟକ, ନିରଞ୍ଜନ ପାଣିଗ୍ରାହୀ,ନୃସିଂହ ଚରଣ ପଣ୍ଡା ମଞ୍ଚାସିନ ଥିଲେ । ଉକ୍ତ ସମ୍ମିଳନୀରେ ରଶ୍ମିକାନ୍ତବେହେରା ସୁପରିଟେଣ୍ଡିଂ ଇଞ୍ଜିନିୟର କେନ୍ଦୁଝର ସର୍କଲ ଟି.ପି.ଏନ.ଓ.ଡ଼ି.ଏଲ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ । ଆୟୋଯକ ନେସ୍କୋ ପାୱାର ଏମ୍ପ୍ଲୟିଜ୍ ୟୁନିୟନର କନଭେନର ପଙ୍କଜ କୁମାର ଜେନା ଏବଂ ସଂଗଠନର ସମସ୍ତ ନେତୃବର୍ଗ ନେତୃତ୍ୱ ରେ ସମ୍ମିଳନୀର ସମସ୍ତ କାର୍ଯ୍ୟ କ୍ରମ ପରିଚାଳିତ ହୋଇଥିଲା । ଫେଡେରେସନ ସାଧାରଣ ସମ୍ପାଦକ ଶ୍ରୀ ସତ୍ୟବାଦୀ ବାଘ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ସମ୍ମିଳନୀରେ ମୁଖ୍ୟତଃ କିଛି ସମସ୍ୟା ଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା ଯଥା ଓଡ଼ିଶାର ବିଦ୍ୟୁ ବିଭାଗରେ ପୁନଃ ଘରୋଇକରଣ ବନ୍ଦ କରିବା,ବିଦ୍ୟୁତ ବିଭାଗରେ କାର୍ଯ୍ୟରତ ସମସ୍ତ ଠିକା ଶ୍ରମିକ, ଏନ.ଏମ.ଆର ଓ କଣ୍ଟିଜେନସି ଖଲାସି(ଆଉଟ ସର୍ସିଙ୍ଗ)ମାନଙ୍କୁସ୍ଥାୟୀ କରିବା,ସ୍ଥାୟୀ ପଦବୀରେ ଅସ୍ଥାୟୀ କର୍ମଚାରୀ ନିଯୁକ୍ତି ବନ୍ଦ କରିବା,ବିଦ୍ୟୁ ବିଭାଗରେ ଖାଲି ଥିବା ସମସ୍ତ ସ୍ଥାୟୀ ପଦବୀ ଗୁଡ଼ିକୁ ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟାରେ ତୁରନ୍ତ ପୁରଣ କରିବା,ସୁପ୍ରିମ କୋର୍ଟଙ୍କର ରାୟ ଅନୁଯାୟି ସମାନ କାମକୁ ସମାନ ଦରମା ପ୍ରଦାନ କରିବା,ତା୦୧.୦୪.୨୦୨୦ରିଖ ଠାରୁ ନୂତନ ମଜୁରୀ ର୍ନିଦ୍ଧାରଣ ପରେ ବିଭିନ୍ନ ପଦବି ଗୁଡ଼ିକରେ ଥିବା ଅସଙ୍ଗତି ଶିଘ୍ର ଦୁରକରିବା,ବହୁଦିନରୁ ପ୍ରତିକ୍ଷିତ ପଦବି ଗୁଡ଼ିକୁ ପୁନଃ ସଙ୍କଳନ କରିବା, ଓ.ଏଚ.ପି.ସି ରେ ଓପିଟିସିଏଲ ଭଳି ପୁନଃ ବ୍ୟବସ୍ଥିତ ତୁରନ୍ତ ଲାଗୁ କରିବା, ବିଦ୍ୟୁତଗ୍ରାହକ ମାନଙ୍କୁ ଉତ୍ତମ ଗ୍ରାହକ ସେବା ଯୋଗାଇଦେବା, ଆଦି ସମସ୍ୟା ଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା ।

# ବଢୁଛି ପ୍ରଦୂଷଣ ଦିନ ଦ୍ୱି ପ୍ରହରରେ ଅବାଧରେ ଗଛକାଟି ନେଉଛନ୍ତି ଲୋକେ



ଦାନଗଦୀ : (ମହାଭାରତ) କଳିଙ୍ଗନଗର ଶିଳ୍ପାଞ୍ଚଳ ଅନେକ ଶିଳ୍ପ ଗଢିଉଠିଛି ପ୍ରଦୂଷଣମାତ୍ରା ହୁ ହୁ ହୋଇ ବଢ଼ିବାରେ ମଧ ଲାଗିଛି ଯେତିକି ମାତ୍ରାରେ ଶିଳ୍ପ ଗଠି ଉଠିଲାଣି ସେତିକି ପରିମାଣରେ ପରିବେଶ କୁ ସୁସ୍ଥ ଓ ସୁରକ୍ଷିତ ରଖିବା ପାଇଁ ପ୍ରଶାସନ ବୃକ୍ଷ ରୋପଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ଶିଳ୍ପ କର୍ତ୍ତୃପକ୍ଷ ମାନେ କାଗଜ କଲମ ର ଦସ୍ତାବି ରେ ବୃକ୍ଷ ରୋପଣ କରୁଥିବା ଦର୍ଶାଉଛନ୍ତି ବାସ୍ତବରେ ତାର ଅଧା ଗଛ ଥିବା ଦେଖିବାକୁ ମିଳୁନାହିଁ, ଯେତିକି କି ଗଛ ଲଗାଉଛନ୍ତି ସେଗୁଡିକ ବଞ୍ଚିଲା ପରେ ତାର ରକ୍ଷଣବେକ୍ଷଣା ଦାୟିତ୍ୱ କିଏ ନେବ ବୁଝା ପଡୁନାହିଁ, କଳିଙ୍ଗନଗର ଶିଳ୍ପାଞ୍ଚଳର ଡୁବୁରୀ ଛକରୁ ମାନପୁର ଓଭର ବ୍ରିଜ ପର୍ଯ୍ୟନ୍ତ ଟାଟା ଓ ଜିନ୍ଦଲ, ବି. ଆର. ପି. ଏଲ କାରଖାନା ପାଚେରୀ ପାର୍ଶ୍ୱରେ ରାସ୍ତା କଡେ କଡେ ବିଗତ ବର୍ଷ ବର୍ଷା ଦିନରେ ଯେଉଁ ସବୁ ବୃକ୍ଷ ରୋପଣ କରାଯାଇ ଥିଲା କାଳ କ୍ରମେ ତାହା ବଡ଼ ହୋଇ ଯାଇଥିଲା, ସେଥିପାଇଁ ଗ୍ରୀଷ୍ମ ଦିନେ ବାଟୋଇ ମାନେ ରାସ୍ତା କଡ଼ରେ ଛାଇ ରେ ବିଶ୍ରାମ ନେଉଥିଲେ, ଧୂଳି, ଧୂଆଁ ସବୁ ବୃକ୍ଷ ଅଟକାଉ ଥିଲା, ସବୁଜ ସୁନ୍ଦର ଲାଗୁଥିଲା,,ଟାଟା କାରଖାନା ଆରମ୍ଭ ଡି. ଇ. ଟି ଫାଟକ ପାଖରୁ ଖୁରୁଣ୍ଟି ଛକ ପର୍ଯ୍ୟନ୍ତ, ସେ ଗଛ ଗୁଡିକୁ ଲୋକ ମାନେ ଦୈନିକ ଦିନ ଦି୍ ପ୍ରହରରେ କାଟିକି ନେଇ ଧୀରେ ଧୀରେ ସଫା କଲେଣି, ଲୋକ ମାନେ ଏତେ ଚାଲାକ ଖରାବେଳେ ଆସି ନିଆଁ ଲଗାଇ ଦେଉଛନ୍ତି ଗଛ ମୂଳରେ ଥିବା ଘାସ, ଲଟା, ଡାଳ ପତ୍ର ପୋଡି ଗଲା ପରେ କିଛି ଦିନ ପରେ ଗଛ ଗୁଡିକ ଶୁଖି ଯାଉଛି, ଶୁଖିଲା ଗଛ ଜାଳ କାଠ ପାଇଁ ନେଉଛୁ କହି କାଟି ନେଉଛନ୍ତି । କଳିଙ୍ଗନଗର ଶିଳ୍ପାଞ୍ଚଳ ଚାରିପାଖରେ ରାସ୍ତା କଡ଼ରେ ଥିବା ଗଛ ଗୁଡିକୁ କାଟି ନେଉଥିବା ର ସମସ୍ତଙ୍କ ଦୃଷ୍ଟିରେ ପଡୁଥିବା ବେଳେ କମ୍ପାନୀ ସୁରକ୍ଷାକର୍ମୀ, ପୋଲିସ ପ୍ରଶାସନ, ବନ ବିଭାଗ, ପରିବେଶବିତ, ବୁଦ୍ଧିଜୀବୀ ସମସ୍ତେ ନୀରବ କାହିଁକି କିଛି ବୁଝା ପଡୁନାହିଁ, ବୃକ୍ଷର ଆବଶ୍ୟକତା କଣ କାହାର ନାହିଁ ? ଅନୁରୂପ ଭାବେ ଧୂଳିଗଡ଼ ପୁରୁଣା ଜଙ୍ଗଲ ଲୁଟ ହୋଇଗଲାଣି, ନୁଆଁ ଶାଗୁଆନ ଜଙ୍ଗଲ ଟିରେ ଲୋକମାନେ ପଶି ଗଛ କାଟିବା ଆରମ୍ଭ କଲେଣି, ବୃକ୍ଷ ରୋପଣ ନାଁ ରେ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି, ଗୋଟେ ଗଛ ପାଣି ଦେଇ, ତାର ବାଡ଼ ଦେଇ ବଞ୍ଚାଇ ବଡ଼ କରିବା ପାଇଁ କେତେ ଟଙ୍କା ଖର୍ଚ୍ଚ ଆଉ କେତେ ବର୍ଷ ସମୟ ଲାଗୁଛି କିନ୍ତୁ ତାର ସୁରକ୍ଷା କଥା କେହି ଚିନ୍ତା କରୁନାହାନ୍ତି କି ଦୃଷ୍ଟି ଦେଉନାହାନ୍ତି ଯାହା ଫଳରେ ବର୍ଷ ବର୍ଷ ଧରି ହୋଇଥିବା ଗଛ ଗୋଟେ ଗୋଟେ ଘଣ୍ଟା ରେ ସଫା ହୋଇ ପଦା ହୋଇ ଯାଉଛି, ବର୍ତ୍ତମାନ ପରିସ୍ଥିତିରେ ଜଳବାୟୁର ପରିବର୍ତ୍ତନ ଯାହା ହେଲାଣି, ଜଙ୍ଗଲ ଓ ବୃକ୍ଷ ରୋପଣ, ଗଛର ମାନବ ସମାଜ ପାଇଁ କେତେ ଆବଶ୍ୟକତା ତାହା ଜନସାଧାରଣଙ୍କୁ ସଚେତନତା କରିବା ସହ ଏହି ଗଛ ଗୁଡିକ କିପରି ସୁରକ୍ଷିତ ରହି ପାରିବ ତାହା ବନ ବିଭାଗ, କାରଖାନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ନିତ୍ୟାନ୍ତ ଆବଶ୍ୟକ, ଯେଉଁ ମାନେ ଗଛ କାଟୁଛନ୍ତି ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟନୁଷ୍ଠାନ ନେବା ଦରକାର ।

## ସୁନା, ରୁପା ଦରରେ ବୃଦ୍ଧି

ଭୁବନେଶ୍ୱର: ଶନିବାର ଭୁବନେଶ୍ୱରରେ ଉଭୟ ସୁନା ଓ ରୁପା ମୂଲ୍ୟରେ ବୃଦ୍ଧି ଘଟିଛି। ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ଦାମ୍ ୧୭୫୦ ଟଙ୍କା ବୃଦ୍ଧି ପାଇ ୧,୪୬,୦୦୦ ଟଙ୍କା ହୋଇଛି। ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ଦାମ୍ ୧୯୧୦ ଟଙ୍କା ବଢ଼ି, ୧୫୯, ୨୮୦ ଟଙ୍କାରେ ପହଞ୍ଚିଛି। ସେହିପରି ରୁପା ଦାମ୍ ୨୦ହଜାର ଟଙ୍କା ବୃଦ୍ଧି ପାଇ ୨,୯୦,୦୦୦ ଟଙ୍କା ହୋଇଛି। ଗତ ତିନି ଦିନ ଧରି ସୁନା ଦର ଲାଗାତାର ଭାବେ ବଢୁଛି। ଏହି ସମୟରେ ୨୨ କ୍ୟାରେଟ୍ ସୁନା ୪୬୫୦ ଟଙ୍କା ବଢ଼ିଛି। ୨୪ କ୍ୟାରେଟ୍ ସୁନା ସେହି ସମୟରେ ୫୦୮୦ ଟଙ୍କା ମହଙ୍ଗା ହୋଇଛି। ଏହି ତିନି ଦିନରେ ରୁପା କେଜି ମଧ୍ୟ ୩୦ ହଜାର ଟଙ୍କା ବଢ଼ିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ଦେଶରେ ଉପରେ ଲଗାଇଥିବା ଶୁଳ୍କକୁ ଆମେରିକା ସୁପ୍ରିମକୋର୍ଟ ବେଆଇନ ଘୋଷଣା କରିବା ଓ ସଙ୍ଗେ ସଙ୍ଗେ ଟ୍ରମ୍ପ ଆଉ ୧୦ ପ୍ରତିଶତ ଶୁଳ୍କ ଲଗାଇବା ଅନ୍ତର୍ଜାତୀୟ ବାଣିଜ୍ୟ ସ୍ଥିତିକୁ ଅତ୍ୟନ୍ତ ଗମ୍ଭୀର କରିଛି। ରପ୍ତାନିକାରୀମାନେ ଦ୍ୱନ୍ଦ୍ୱରେ ପଡ଼ିଯାଇଛି। ଆମେରିକା ସୁପ୍ରିମକୋର୍ଟଙ୍କ ରାୟର ପ୍ରଭାବକୁ ବିଭିନ୍ନ ଦେଶ ଅନୁଧ୍ୟାନ କରୁଥିବା ବେଳେ ଏହାକୁ ନେଇ ଅନିଶ୍ଚିତତା ଦେଖାଦେଇଥିବାରୁ ସୁନା ମହଙ୍ଗା ? ହେଉଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ପାକିସ୍ତାନରେ ଭୂକମ୍ପର ଝଟକା

ପାକିସ୍ତାନ : ଆଜି ଭାରତର ପଡୋଶୀ ଦେଶ ପାକିସ୍ତାନରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଯାହାର ତୀବ୍ରତା ୩.୯ ଥିବା ରେକର୍ଡ କରାଯାଇଛି। ଆଜି ସକାଳ ପ୍ରାୟ ୯ ଟା ୫୭ ମିନିଟରେ ଭୂକମ୍ପ ଅନୁଭୂତ ହୋଇଥିବା ଜଣାପଡିଛି । ଭୂକମ୍ପର କେନ୍ଦ୍ରସ୍ଥଳ ପ୍ରାୟ ୧୦ କିଲୋମିଟର ଗଭୀରତାରେ ଥିବା ଘଉଝ ପକ୍ଷରୁ ସୂଚନା ମିଳିଛି । ଅନ୍ୟପଟେ ବର୍ତ୍ତମାନ ସୁଦ୍ଧା କୌଣସି ମୃତାହତ କିମ୍ବା ସମ୍ପତ୍ତି କ୍ଷତିର ରିପୋର୍ଟ ମିଳିନାହିଁ । ସ୍ଥାନୀୟ କର୍ତ୍ତୃପକ୍ଷ ପରିସ୍ଥିତି ଉପରେ ନଜର ରଖିଛନ୍ତି ।

## କାରକୁ ଧକ୍କା ଦେଲା ବସ୍, ୫ ମୃତ



ମଧ୍ୟପ୍ରଦେଶ: ମଧ୍ୟପ୍ରଦେଶରେ ଘଟିଛି ଏକ ଭୟଙ୍କର ସଡ଼କ ଦୁର୍ଘଟଣା । ଏଥିରେ ୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୬ ଜଣ ଆହତ ହୋଇଥିବା ଜଣାପଡିଛି । ଏକ ଦ୍ରୁତଗାମୀ ବସ୍ ଯାତ୍ରୀ ଭର୍ତ୍ତି କାରକୁ ଧକ୍କା ଦେବା ଫଳରେ ଏଭଳି ଦୁର୍ଘଟଣା ଦେଖିବାକୁ ମିଳିଛି । ସୂଚନାନୁଯାୟୀ, ମଧ୍ୟ ପ୍ରଦେଶର ଭିଣ୍ଡ-ଗ୍ୱାଲିୟର ଜାତୀୟ ରାଜପଥ ୭୧୯ ର ଗୋହାଡ ଥାନା ଅଞ୍ଚଳର ଛିମକା ଗ୍ରାମ ନିକଟରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଥିଲା। ଶୁକ୍ରବାର ରାତି ପ୍ରାୟ ୨ଟା ୩୦ ସମୟରେ ଦୁର୍ଘଟଣା ହୋଇଥିଲା । ଏକ ଦ୍ରୁତଗାମୀ ବସ୍ ଯାତ୍ରୀ ଭର୍ତ୍ତି କାରକୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ଚାରି ଜଣଙ୍କର ମୃତ୍ୟୁ ହୋଇଥିଲାବେଳେ ଡାକ୍ତରଖାନାକୁ ଯାଉଥିବା ସମୟରେ ଜଣେ ପ୍ରାଣ ହରାଥିଲେ । ଏଥିସହ ଦୁର୍ଘଟଣାରେ ଛଅ ଜଣ ମଧ୍ୟ ଆହତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ଗ୍ୱାଲିୟରକୁ ରେଫର କରାଯାଇଥିଲା । ଅନ୍ୟପଟେ, ପୋଲିସ ବର୍ତ୍ତମାନ ମୃତକ ଏବଂ ଆହତମାନଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା କରୁଛି । ମୃତକଙ୍କ ମଧ୍ୟରୁ ଜଣଙ୍କର ନାମ ଜଗଦୀଶ ଭାଦୋରିଆ, ଯିଏକି ଭିଣ୍ଡର ବାସିନ୍ଦା । ଯିଏ ବର୍ତ୍ତମାନ ଜଣେ ପଟୱାରୀ ଏବଂ ପୂର୍ବତନ ସୈନିକ ଥିଲେ । ଏଥିସହ ଆଉ ଜଣେ ବ୍ୟକ୍ତିଙ୍କୁ ଅତୁଲ ଶିବହରେ ଭାବରେ ଚିହ୍ନଟ କରାଯାଇଥିବାବେଳେ ଅନ୍ୟମାନଙ୍କୁ ଚିହ୍ନଟ କରିବା ପାଇଁ ପ୍ରୟାସ ଜାରି ରହିଛି । ପୋଲିସ ବର୍ତ୍ତମାନ ଘଟଣାରେ ତଦନ୍ତ କରୁଛି ।


## କାର୍ ଧକ୍କାରେ ଡେଲିଭରି ବଏ ମୃତ

ନୂଆଦିଲ୍ଲୀ : ଦିଲ୍ଲୀରେ ପୁଣି ଥରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଯେଉଁଥିରେ ଜଣେ ଜମାଟୋ ଡେଲିଭରି ବଏଙ୍କର ମୃତ୍ୟୁ ଘଟିଛି । ଏକ ଦ୍ରୁତଗାମୀ କାର୍ ତାଙ୍କୁ ଧକ୍କା ଦେବାରୁ ଏପରି ଘଟଣା ଘଟିଥିବର ଜଣାପଡିଛି। ପୋଲିସ କାରକୁ ଜବତ କରିବା ସହ ଅଭିଯୁକ୍ତକୁ ମଧ୍ୟ ହେପାଜତକୁ ନେଇଛନ୍ତି । ସୂଚନାନୁଯାୟୀ, ଆଜି ଭୋର ପ୍ରାୟ ୩ଟାରେ ସୁଭାଷ ନଗର ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଥିଲା । ଜଣେ ମଦ୍ୟପ କାର୍ ଡ୍ରାଇଭର ନିୟନ୍ତ୍ରଣ ହରାଇ ଜଣେ ବାଇକ୍ ଆରୋହୀ ଜମାଟୋ ଡେଲିଭରି ବଏଙ୍କୁ ଧକ୍କା ଦେଇଥିଲା । ତୁରନ୍ତ ଡେଲିଭରି ବଏଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା । କିନ୍ତୁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି । ଧକ୍କା ଏତେ ଜୋରରେ ଥିଲା ଯେ କାରଟି ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଅନ୍ୟପଟେ ପୋଲିସ ବର୍ତ୍ତମାନ ଘଟଣାର ତଦନ୍ତ ଆରମ୍ଭ କରିଛି । ସିସିଟିଭି ଯାଞ୍ଚ କରିବା ସହ ପ୍ରତ୍ୟକ୍ଷଦର୍ଶୀଙ୍କୁ ପଚରାଉଚରା କରୁଛି । ଏଥିସହ କାରଟି ଯବତ କରିଛି ଏବଂ ତଦନ୍ତ ପରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି ।

## କାନାଡାରେ ଅପହରଣ ଅଭିଯୋଗରେ ୨ଭାରତୀୟ ଗିରଫ

ଓଟାୱା: କାନାଡାର ଅଣ୍ଟାରିଓର ବ୍ରାମ୍ପଟନରେ ଏକ ଚାଞ୍ଚଲ୍ୟକର ଅପହରଣ ମାମଲାରେ ପୁଲିସକୁ ବଡ଼ ସଫଳତା ମିଳିଛି। ପିଲ୍ ରିଜିଓନାଲ୍ ପୁଲିସ ଅପହରଣ ଓ ବଟି ଆଦାୟ ଅଭିଯୋଗରେ ଦୁଇ ଭାରତୀୟ ନାଗରିକ ହରକିରତ ସିଂହ (୨୭), ଅମୃତପାଲ ସିଂହ(୨୭)ଙ୍କୁ ଗିରଫ କରିଛି। ଏହି ମାମଲାରେ ଆଉଜଣେ ଅଭିଯୁକ୍ତ ହସନପ୍ରୀତ ସିଂହ (୨୮) ଫେରାର ଅଛି ଏବଂ ତା' ବିରୁଦ୍ଧରେ ଗିରଫ ପରୱାନା ଜାରି କରାଯାଇଛି। ଏହି ବ୍ୟକ୍ତିମାନେ କୌଣସି ଗ୍ୟାଙ୍ଗ ସହିତ ଜଡିତ କି ନାହିଁ ତାହା ପୁଲିସ ତଦନ୍ତ କରୁଛି। ପୁଲିସର ସୂଚନା ଅନୁଯାୟୀ, ନଭେମ୍ବର ୬ ତାରିଖ ୨୦୨୫ରେ ସନ୍ଧ୍ୟା ୬ଟା ସମୟରେ ଜଣେ ବ୍ୟକ୍ତି ପୁଲିସକୁ ଫୋନ୍ କରି ଜଣାଇଥିଲେ ଯେ ତାଙ୍କ ଘନିଷ୍ଠ ବନ୍ଧୁଙ୍କୁ ଅପହରଣ କରାଯାଇଛି ଏବଂ ତାଙ୍କୁ ଛାଡ଼ିବା ପାଇଁ ସନ୍ଦିଗ୍ଧମାନେ ୨ଲକ୍ଷ ଡଲାର ଦାବି କରିଥିଲେ। ଟଙ୍କା ନ ଦେଲେ ପିଡ଼ିତାଙ୍କ କ୍ଷତି କରିବାକୁ ମଧ୍ୟ ସେମାନେ ଧମକ ଦେଇଥିଲେ।

# ଭାରତ ଉପରେ ଶୁଳ୍କ ୧୦%କୁ ହ୍ରାସ: ୨୪ରୁ ଲାଗୁ ହେବ



ନୂଆଦିଲ୍ଲୀ: ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ଦେଶ ଉପରେ ଲଗାଇଥିବା ଶୁଳ୍କକୁ ଗତକାଲି ଆମେରିକାର ସୁପ୍ରିମକୋର୍ଟ ଅସିଦ୍ଧ ଘୋଷଣା କରିଥିଲେ। ଏହି ରାୟ ପ୍ରକାଶ ପାଇବାର କିଛି ଘଣ୍ଟା ପରେ ଟ୍ରମ୍ପ ନୂଆ ୧୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଏହାର ପ୍ରଭାବରେ ଭାରତ ଉପରେ ଆମେରିକାର ଶୁଳ୍କ ୧୮ ପ୍ରତିଶତରୁ ହ୍ରାସ ପାଇ ୧୦ ପ୍ରତିଶତ ହୋଇଛି। ଭାରତ ଉପରେ ଟ୍ରମ୍ପ ଗତବର୍ଷ ଅଗଷ୍ଟଠାରୁ ୫୦ ପ୍ରତିଶତ ଶୁଳ୍କ ଲଗାଇଥିଲେ। ସେଥିରୁ ୨୫ ପ୍ରତିଶତ ପାଲଟା ଶୁଳ୍କ ଥିଲା ଓ ଅବଶିଷ୍ଟ ୨୫ ପ୍ରତିଶତ ରୁଷରୁ ଭାରତ ତେଲ କିଣୁଥିବାରୁ ଜରିମାନା ଭାବେ ଲଗାଯାଇଥିଲା। ତେବେ ଭାରତ ସହ ବାଣିଜ୍ୟ ରାଜିନାମା ସମ୍ପର୍କରେ ସହମତି ହୋଇଥିବା ନେଇ ଆମେରିକା ତରଫରୁ ଘୋଷଣା କରାଯିବା ସହ ଶୁଳ୍କକୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଥିଲା। ନୂଆ ଶୁଳ୍କ ସମ୍ପର୍କରେ ଟ୍ରମ୍ପ କହିଥିଲେ ଯେ ଚଳିତ ମାସ ୨୪ ତାରିଖରୁ ତାହା ୧୫୦ ଦିନ ପାଇଁ ଲାଗୁ କରାଯାଇଛି। ଔଷଧ ଏବଂ ଆମେରିକା-ମେକ୍ସିକୋ-କାନାଡା ରାଜିନାମାରେ ଅନ୍ତର୍ଭୁକ୍ତ ସାମଗ୍ରୀ ଉପରେ ଏହି ଶୁଳ୍କ ଲାଗୁହେବ ନାହିଁ। ଏହା ବ୍ୟତୀତ ଆମେରିକାକୁ ଆମଦାନୀ କରାଯାଉଥିବା ସବୁ ସାମଗ୍ରୀ ଉପରେ ୧୦ ପ୍ରତିଶତ ଶୁଳ୍କ ଲାଗିବ ବୋଲି ଟ୍ରମ୍ପ କହିଥିଲେ। ୧୯୭୪ର ବାଣିଜ୍ୟ ନିୟମର ଧାରା ୧୨୨ରେ ଥିବା କ୍ଷମତାକୁ ଉପଯୋଗ କରି ଟ୍ରମ୍ପ ନୂଆ ଟିକସ ଲଗାଇଛନ୍ତି। ଏହି ଧାରା ରାଷ୍ଟ୍ରପତିଙ୍କୁ ୧୫ ପ୍ରତିଶତ ଟିକସକୁ ୧୫୦ ଦିନ ପର୍ଯ୍ୟନ୍ତ ଲଗାଇବାର କ୍ଷମତା ଦେଇଛି।

ଆମେରିକା ସୁପ୍ରିମକୋର୍ଟଙ୍କ ରାୟ ବିଶ୍ୱ ବାଣିଜ୍ୟ କାରବାରକୁ ନେଇ ନୂଆ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆମେରିକା ସହ ଭାରତ ସମେତ ବିଭିନ୍ନ ଦେଶ ସ୍ୱାକ୍ଷର କରିଥିବା ରାଜିନାମାର କ'ଣ ହେବ ତାହାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ବର୍ତ୍ତମାନ ସମୟରେ କୌଣସି ଦେଶକୁ ୧୦ ପ୍ରତିଶତରୁ ଅଧିକ ଶୁଳ୍କ ଦେବାକୁ ପଡ଼ିବ ନାହିଁ। କିନ୍ତୁ ସୁପ୍ରିମକୋର୍ଟଙ୍କ ରାୟକୁ ଟ୍ରମ୍ପ କିଭଳି ଗ୍ରହଣ କରୁଛନ୍ତି ଓ ଆଗକୁ କଣ ପଦକ୍ଷେପ ନେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିବ। ବିଶେଷଜ୍ଞଙ୍କ ମତରେ ଆମେରିକାକୁ ଜିନିଷ ପଠାଉଥିବା କୌଣସି ଦେଶକୁ ବର୍ତ୍ତମାନ ୧୦ ପ୍ରତିଶତରୁ ଅଧିକ ଶୁଳ୍କ ଗଣିବାକୁ ପଡ଼ିବନି। କିନ୍ତୁ ବାଣିଜ୍ୟ ନିୟମର ଧାରା ୧୨୨ ଆଧାରରେ ଲଗାଯାଇଥିବା ଶୁଳ୍କର ଅବଧି ୧୫୦ ଦିନ ପରେ ଆପେ ଶେଷ ହୋଇଯିବ। ଟ୍ରମ୍ପ ଚାହିଲେ ଜରୁରୀକାଳୀନ ସ୍ଥିତି ସୃଷ୍ଟି ହୋଇଥିବା ଦର୍ଶାଇ ଶୁଳ୍କକୁ ଆଗୁଆ ଉଚ୍ଛେଦ କରି ପୁଣି ଅଧିକ ଟିକସ ଲଗାଇପାରିବେ। ଗତକାଲି ଆମେରିକା ସୁପ୍ରିମକୋର୍ଟ ଶୁଳ୍କକୁ ଅସିଦ୍ଧ ଘୋଷଣା କରିବା ପରେ ଭାରତ ଭଳି ଦେଶ ପାଇଁ ଚମତ୍କାର ସୁଯୋଗ ସୃଷ୍ଟି ହୋଇଥିଲା। ସବୁଠୁ ଅନୁଗୃହୀତ ଦେଶ (ଏମଏଫଏନ) ମାନ୍ୟତା ପାଇଥିବାରୁ ଭାରତ ପାଇଁ ଶୁଳ୍କ ୩.୫ ପ୍ରତିଶତକୁ ହ୍ରାସ ପାଇଥିଲା। କିନ୍ତୁ ଟ୍ରମ୍ପ ସଙ୍ଗେ ସଙ୍ଗେ ୧୦ ପ୍ରତିଶତର ନୂଆ ଶୁଳ୍କ ଲଗାଇବା ପରେ ସବୁକିଛି ବିଗିଡ଼ିଯାଇଥିଲା। ସୁପ୍ରିମକୋର୍ଟଙ୍କ ରାୟ ପରେ ଟ୍ରମ୍ପ କହିଥିଲେ ଯେ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ରାଜିନାମା ବଜାୟ ରହିଛି। ଭରତ ସହ ମୋ ସମ୍ପର୍କ ବହୁତ ବଢ଼ିଆ। ଆମେ ଭାରତ ସହ କାରବାର କରୁଛୁ। ସେ କହିଥିଲେ ସୁପ୍ରିମକୋର୍ଟଙ୍କ ରାୟ ପ୍ରଭାବରେ କିଛି ବି ବଦଳିବନି। ଭାରତ ଆମକୁ ଶୁଳ୍କ ଦେବ। ଆମେ ସେମାନଙ୍କୁ ଶୁଳ୍କ ଦେବୁନାହିଁ। ଏହା ହିଁ ନିଷ୍ପତ୍ତି ହୋଇଛି ବୋଲି ଟ୍ରମ୍ପ କହିଥିଲେ।

## ଡିପ୍‌ଥେରିଆ ଟିକାର ଶୁଭାରମ୍ଭ

ନୂଆଦିଲ୍ଲୀ,୨୧।୨: ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ଟିଟାନସ୍ ଏବଂ ବୟସ୍କଙ୍କ ପାଇଁ ଡିପ୍‌ଥେରିଆ ଟିକାକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଶନିବାର ହିମାଚଳପ୍ରଦେଶର କସୌଲିସ୍ଥିତ ସେଣ୍ଟ୍ରାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ଶୁଭାରମ୍ଭ କରିଛନ୍ତି। ଏଣିକି ସାର୍ବଜନିକ ଟିକାକରଣ କାର୍ଯ୍ୟକ୍ରମ(ୟୁଆଇପି)ରେ ଡିପ୍‌ଥେରିଆ ଟିକାକୁ ସାମିଲ କରାଯିବ। ଏପ୍ରିଲ ସୁଦ୍ଧା ୟୁଆଇପିକୁ ସେଣ୍ଟ୍ରାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ୫୫ ଲକ୍ଷ ଡୋଜ୍ ଯୋଗାଇଦେବ। କେନ୍ଦ୍ର ସରକାରଙ୍କ ଟିକାକରଣ କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରିବା ପାଇଁ ଆଗାମୀ ଦିନରେ ଅଧିକ ପରିମାଣରେ ଟିକା ପ୍ରସ୍ତୁତ କରାଯିବ ବୋଲି ନଡ୍ଡା କହିଛନ୍ତି। ଡିପ୍‌ଥେରିଆ ଟିକା ଲଞ୍ଚ ହେବା ଏକ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ଅବସର ବୋଲି ସେ କହିବା ସହ ଇନ୍‌ଷ୍ଟିଚ୍ୟୁଟ୍‌ର ବୈଜ୍ଞାନିକ, ବୈଷୟିକ ବିଶେଷଜ୍ଞ ଏବଂ ଅନ୍ୟ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଏଆଇ ଘୋଷଣାନାମାରେ ୮୬ ଦେଶର ସ୍ୱାକ୍ଷର:ଏଆଇ ହେବ ମିଳିତ ଦାୟିତ୍ୱ-ସମାଜ ମଙ୍ଗଳ, ବିକାଶ ଟୁଲ୍ ଭାବେ ବ୍ୟବହାର ହେବ




ନୂଆଦିଲ୍ଲୀ: ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ ୨୦୨୬ ଶେଷ ହୋଇଛି। ଏହି ଅବସରରେ ଏଆଇ ଘୋଷଣାନାମାରେ ଆମେରିକା, ବ୍ରିଟେନ, କାନାଡା, ଚୀନ, ଡେନମାର୍କ ଓ ଜର୍ମାନୀ ଭଳି ୮୬ଟି ଦେଶ ଓ ଦୁଇଟି ଅନ୍ତର୍ଜାତୀୟ ସଂଗଠନ ସ୍ୱାକ୍ଷର କରିଛନ୍ତି। ୟୁରୋପୀୟ ସଂଘ (ଇୟୁ) ଓ ଆଇଏଫ୍‌ଏଡି ଭଳି ଅନ୍ତର୍ଜାତୀୟ ସଂଗଠନ ମଧ୍ୟ ଘୋଷଣାନାମାରେ ସ୍ୱାକ୍ଷର କରିଛନ୍ତି। ଏଆଇକୁ ବିକାଶମୂଳକ ଟୁଲ୍ ଭାବେ ବ୍ୟବହାର କରିବା ଏବଂ ଏହାକୁ ଏକ ମିଳିତ ଦାୟିତ୍ୱ ଭାବେ ଗ୍ରହଣ କରିବାକୁ ଦେଶଗୁଡ଼ିକ ରାଜି ହୋଇଛନ୍ତି।

ଏ ସମ୍ପର୍କରେ ସୂଚନା ଦେଇ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାନବ କେନ୍ଦ୍ରୀକ ଏଆଇ ଦୂରଦୃଷ୍ଟିକୁ ସାରା ବିଶ୍ୱ ଗ୍ରହଣ କରିଛି। ଏଆଇ ସୁବିଧା, ସେବା ଓ ପ୍ରଯୁକ୍ତିକୁ ସମାଜର ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟକୁ ସବୁ ରାଷ୍ଟ୍ର ଗ୍ରହଣ କରିଛନ୍ତି। ଦେଶଗୁଡ଼ିକ କେବଳ ଅଭିବୃଦ୍ଧି ନୁହେଁ, ବରଂ ସାମାଜିକ ସୌହାର୍ଦ୍ଦ୍ୟ ଉପରେ ଆଲୋଚନା କରିଥିଲେ। ସୁରକ୍ଷା ଓ ବିଶ୍ୱାସ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ବୋଲି ସେ କହିଛନ୍ତି।

ଏଆଇ ପ୍ରଯୁକ୍ତିକୁ ଅଧିକରୁ ଅଧିକ ସମାଜ ମଙ୍ଗଳ ଓ ଅର୍ଥନୈତିକ ବିକାଶ କାର୍ଯ୍ୟରେ ଲଗାଇବା ପାଇଁ ସମ୍ମିଳନୀରେ ଯୋଗ ଦେଇଥିବା ରାଷ୍ଟ୍ରଗୁଡ଼ିକ ସହମତି ପ୍ରକାଶ କରିଛନ୍ତି। ଭାରତୀୟ ସଂସ୍କୃତିରେ ଥିବା 'ସର୍ବଜନ ହିତାୟ, ସର୍ବଧର୍ମ ସୁଖାୟ' ନୀତି ଉପରେ 'ଏଆଇ'କୁ ପର୍ଯ୍ୟବେସିତ କରିବା ପାଇଁ ଆହ୍ୱାନ ଦିଆଯାଇଛି। ତେବେ ଏ ଦିଗରେ ଆନ୍ତର୍ଜାତିକ ସ୍ତରରେ ସମନ୍ୱୟ ଆହୁରି ଦୃଢ଼ ହେବା ଆବଶ୍ୟକ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି। ପ୍ରଶାସନିକ କ୍ଷେତ୍ରଠାରୁ ଆରମ୍ଭ କରି କୃଷି, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଅଧିକରୁ ଅଧିକ ଏଆଇ କିଭଳି ବିନିଯୋଗ ହୋଇ ପାରିବ ସେ ନେଇ ଗତ ଛଅ ଦିନ ଧରି ମାନସମନ୍ଥନ ହୋଇଥିଲା। ଆନ୍ତର୍ଜାତିକ ସ୍ତରର ନୀତି ନିର୍ଦ୍ଧାରକ ଓ ବୈଷୟିକ ବିଶେଷଜ୍ଞମାନେ ଏହି ସମ୍ମିଳନୀରେ ଯୋଗ ଦେଇଥିବାରୁ କୃତ୍ରିମ ବୁଦ୍ଧିମତା ଉପରେ ଅଧିକ ଗବେଷଣା ସହ ଏହାର ଅଧିକ ବିନିଯୋଗ ପାଇଁ ଏହି ସମ୍ମିଳନୀ ବାଟ ଫିଟାଇବ। ୬ ଦିନ ଧରି ଚାଲିଥିବା ଏଆଇ ସଂକ୍ରାନ୍ତ ପ୍ରଦର୍ଶନୀକୁ ୫ ଲକ୍ଷରୁ ଅଧିକ ଲୋକେ ବୁଲି ଦେଖିଥିଲେ ବୋଲି ସେ କହିଛନ୍ତି।

## ଇସ୍ରାଏଲ ଗସ୍ତରେ ଯିବେ ମୋଦି

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ଫେବୃଆରୀ ୨୫ ଓ ୨୬ ତାରିଖରେ ଦୁଇ ଦିନିଆ ଗସ୍ତରେ ଇସ୍ରାଏଲ ଯାଉଛନ୍ତି । ଏହି ଗସ୍ତ ପୂର୍ବରୁ ଭାରତ ଏବଂ ଇସ୍ରାଏଲ ପ୍ରତିରକ୍ଷା ଏବଂ ରଣନୈତିକ ସହଯୋଗକୁ ଆହୁରି ମଜବୁତ କରିବା ପାଇଁ ପ୍ରସ୍ତୁତି କରୁଛନ୍ତି । ଉଭୟ ଦେଶ ନୂତନ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟାରେ ମିଳିତ ଭାବରେ ସହଯୋଗ କରିବାକୁ ମଧ୍ୟ ଚାହୁଁଛନ୍ତି । ଏହି ଗସ୍ତ ସମୟରେ ସୁରକ୍ଷା ସହଯୋଗ ଉପରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ଆଶା କରାଯାଉଛି । ଆଗାମୀ ବର୍ଷଗୁଡ଼ିକରେ ଏହି ସହଯୋଗ ପ୍ରାୟ ୧୦ ବିଲିୟନ ଡଲାର ମୂଲ୍ୟର ହେବ ବୋଲି ଆକଳନ କରାଯାଉଛି । ସୂଚନାନୁଯାୟୀ, ଇସ୍ରାଏଲ ଭାରତକୁ ନୂତନ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ଯୋଗାଇବାକୁ ପ୍ରସ୍ତୁତ କରୁଛି । ଏଥିରେ ଲେଜର ଆଧାରିତ ପ୍ରତିରକ୍ଷା ପ୍ରଣାଳୀ, ଦୂରଗାମୀ ମିସାଇଲ ଏବଂ ଡ୍ରୋନ୍ ସାମିଲ ରହିଛି । ଇସ୍ରାଏଲ ଏଥର ପ୍ରଯୁକ୍ତିବିଦ୍ୟା ପ୍ରଦାନ କରିପାରେ ବୋଲି ସୂଚନା ମିଳୁଛି । ଯାହା ପୂର୍ବରୁ ଇସ୍ରାଏଲ ପ୍ରଦାନ କରିନଥିଲା । ଭାରତ ଏବଂ ଇସ୍ରାଏଲ ଏକ ଆଣ୍ଟି-ବାଲାଷ୍ଟିକ୍ ମିସାଇଲ ପ୍ରତିରକ୍ଷା ପ୍ରଣାଳୀ ଉପରେ ଏକାଠି କାମ କରିପାରନ୍ତି । ଏହା ଭାରତର ମିଶନ ସୁଦର୍ଶନର ଏକ ପ୍ରମୁଖ ଅଂଶ । ଯାହା ଦେଶକୁ ଶତ୍ରୁ ଦୂରଗାମୀ ମିସାଇଲରୁ ରକ୍ଷା କରିବା ପାଇଁ ଲକ୍ଷ୍ୟ ରଖିଛି । ଇସ୍ରାଏଲ ପାଖରେ ଆରୋ, ଡେଭିଡ୍ ସ୍ଲିଙ୍ଗ ଏବଂ ଆଇରନ୍ ଡୋମ୍ ଭଳି ଶକ୍ତିଶାଳୀ ପ୍ରତିରକ୍ଷା ପ୍ରଣାଳୀ ରହିଛି । ଏଥିସହ ଭାରତ ଦୂରଗାମୀ ମିସାଇଲ ଏବଂ ଡ୍ରୋନ୍ କିଣିବାର ବିଚାର କରୁଛି । ଯାହା ସୀମା ଭିତରକୁ ଆସୁଥିବା ଶତ୍ରୁମାନଙ୍କୁ ମାରିପାରିବ । ପୂର୍ବରୁ ରାମ୍ପେଜ୍ ମିସାଇଲ ଏବଂ ଅନ୍ୟ ଶସ୍ତ୍ରର ଉପଯୋଗ କରିସାରିଛି । ନୌସେନା ମଧ୍ୟ ଜାହାଜର ସୁରକ୍ଷା ପାଇଁ ବରାକ ମିସାଇଲ ସିଷ୍ଟମର ନୂଆ ଭର୍ସନ କିଣିବାକୁ ବିଚାର କରୁଛି । ଅନ୍ୟପଟେ ପ୍ରତିରକ୍ଷା ବ୍ୟତୀତ ଦୁଇ ଦେଶ ବିଜ୍ଞାନ, କୃଷି, ସ୍ୱଚ୍ଛ ଜଳ ଏବଂ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଭଳି ନୂତନ ପ୍ରଯୁକ୍ତିବିଦ୍ୟା ଉପରେ ମଧ୍ୟ ଆଲୋଚନା କରିବେ । ପ୍ରଧାନମନ୍ତ୍ରୀ ମୋଦି ଏବଂ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମଧ୍ୟରେ ଭଲ ସମ୍ପର୍କ ଥିବା ସୂଚନା ମିଳୁଛି । ଉଭୟ ଦେଶ ଆତଙ୍କବାଦ ବିରୋଧରେ ସମାନ ମନୋଭାବ ରଖିଛନ୍ତି ।


# ପାକିସ୍ତାନରେ ବଢ଼ିଚାଲିଛି ଦାରିଦ୍ର୍ୟ, ୬ବର୍ଷରେ ୭ପ୍ରତିଶତ ବୃଦ୍ଧି: ଖାଇବାକୁ ପାଉନାହାନ୍ତି ଲୋକେ

ଇସଲାମାବାଦ୍: ଭାରତର ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନ ଏବେ ଦାରିଦ୍ର୍ୟ ସୀମାରେଖା ତଳକୁ ଯାଉଛି । ଦେଶର ଅର୍ଥନୀତି ବର୍ତ୍ତମାନ ସବୁଠାରୁ କଠିନ ପର୍ଯ୍ୟାୟ ଦେଇ ଗତି କରୁଛି। ଯୁଦ୍ଧ ଓ ଦେଶର ଭୁଲ ନୀତି କାରଣରୁ ସାଧାରଣ ଲୋକଙ୍କ ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି, ଦକ୍ଷିଣ ଏସିଆରେ ଏକ ବିଶ୍ଳେଷଣରୁ ଜଣାପଡିଛି ଯେ ବିକାଶ ବଦଳରେ ଯୁଦ୍ଧ ଉପରେ ଧ୍ୟାନ ଦେବା ଦେଶ ପାଇଁ ବହୁତ ଘାତକ ପ୍ରମାଣିତ ହୋଇଛି। ଆଜି ପାକିସ୍ତାନର ପ୍ରତ୍ୟେକ ତୃତୀୟ ବ୍ୟକ୍ତି ନିଜର ମୌଳିକ ଆବଶ୍ୟକତା ପାଇଁ ସଂଘର୍ଷ କରୁଛନ୍ତି କାରଣ ଉଚ୍ଚ ମୁଦ୍ରାସ୍ଫୀତି ଲୋକଙ୍କ କ୍ରୟ ଶକ୍ତିକୁ ଛଡ଼ାଇ ନେଇଛି। ପାକିସ୍ତାନର କେନ୍ଦ୍ରୀୟ ଯୋଜନା ମନ୍ତ୍ରୀ ଆହସାନ ଇକବାଲଙ୍କ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଦେଶର ଦୁର୍ଦ୍ଦଶାର ଏକ ଭୟଙ୍କର ଚିତ୍ର ପ୍ରଦାନ କରିଛି। ୨୦୨୪-୨୫ ସୁଦ୍ଧା ପାକିସ୍ତାନର ମୋଟ ଜନସଂଖ୍ୟାର ୨୮.୮ ପ୍ରତିଶତ ଲୋକ ଆନୁଷ୍ଠାନିକ ଭାବରେ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନଯାପନ କରୁଛନ୍ତି। ଏହି ସଂଖ୍ୟା, ୨୦୧୮-୧୯ରେ ମାତ୍ର ୨୧.୯ ପ୍ରତିଶତ ଥିଲା, ଗତ ଛଅ ବର୍ଷ ମଧ୍ୟରେ ପ୍ରାୟ ୬.୯ ପ୍ରତିଶତ ଦାରିଦ୍ର୍ୟ ବୃଦ୍ଧି ପାଇଛି। ଭାରତ ଓ ବାଂଲାଦେଶ ଭଳି ପଡ଼ୋଶୀ ଦେଶମାନେ ଦାରିଦ୍ର୍ୟ ଦୂର କରିବାରେ ସଫଳ ହୋଇଥିଲେ ମଧ୍ୟ ପାକିସ୍ତାନର ପରିସ୍ଥିତି ସମ୍ପୂର୍ଣ୍ଣ ବିପରୀତ। ଭାରତ ଗତ ଦଶ ବର୍ଷ ମଧ୍ୟରେ ୧୭୧ ମିଲିୟନ୍ ଲୋକଙ୍କୁ ଦାରିଦ୍ର୍ୟରୁ ବାହାର କରିଛି, ଯାହା ସମଗ୍ର ଅନ୍ତର୍ଜାତୀୟ ସମୁଦାୟ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ବାଂଲାଦେଶ ତାର ପୋଷାକ ଶିଳ୍ପ ମାଧ୍ୟମରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନଧାରଣ ମାନକୁ ଉନ୍ନତ କରିଛି, କିନ୍ତୁ ପାକିସ୍ତାନ ନିଜର ଭୁଲ ଯୋଗୁଁ କ୍ରମାଗତ ଭାବରେ ପଛରେ ପଡ଼ିଛି। ସର୍ବଶେଷ ସର୍ଭେ ଫଳାଫଳରୁ ଏହା ମଧ୍ୟ ଜଣାପଡିଛି ଯେ ପାକିସ୍ତାନର ପ୍ରମୁଖ ରାଜ୍ୟ, ପଞ୍ଜାବ ଓ ସିନ୍ଧରେ ଦାରିଦ୍ର୍ୟ ସ୍ତର ସର୍ବାଧିକ ବୃଦ୍ଧି ପାଇଛି। ଖାଇବର ପଖତୁନଖ୍ୱାର ପରିସ୍ଥିତି ମଧ୍ୟ ବିଶେଷ ଚିନ୍ତାଜନକ, ଯେତେବେଳେ କି ବେଲୁଚିସ୍ତାନ ଅଞ୍ଚଳରେ ପୂର୍ବ ବର୍ଷ ତୁଳନାରେ ଦାରିଦ୍ର୍ୟ ସଂଖ୍ୟାରେ ସାମାନ୍ୟ ବୃଦ୍ଧି ଘଟିଛି। ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଓ କମ ଜିଡିପି ଅଭିବୃଦ୍ଧି ସାରା ଦେଶରେ ଦୁର୍ବଳ ଆର୍ଥିକ ଅବସ୍ଥାକୁ ଆହୁରି ଖରାପ କରିଛି। ତେଣୁ ଅର୍ଥନୈତିକ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯେପର୍ଯ୍ୟନ୍ତ ପାକିସ୍ତାନ ତାର ପ୍ରାଥମିକତା ପରିବର୍ତ୍ତନ ନକରେ, ସେପର୍ଯ୍ୟନ୍ତ ଦାରିଦ୍ର୍ୟ ଚକ୍ରରୁ ବାହାରିବା ଅସମ୍ଭବ। ରାଜନୈତିକ ଅସ୍ଥିରତା ଏବଂ ଆନ୍ତର୍ଜାତୀୟ ନିବେଶରେ ହ୍ରାସ ଗମ୍ଭୀର ଚିନ୍ତା ସୃଷ୍ଟି କରିଛି ଯେ ଭବିଷ୍ୟତରେ ନିଯୁକ୍ତି ସୁଯୋଗ ଆହୁରି ସଙ୍କୁଚିତ ହେବ। ପାକିସ୍ତାନକୁ ଏବେ ତାର ନୀତିରେ ସଂସ୍କାର ଆଣିବାକୁ ପଡିବ ଏବଂ ତାର ଲୋକଙ୍କ ଜୀବନଧାରଣ ମାନ ବୃଦ୍ଧି କରିବା ପାଇଁ ଠୋସ୍ ଓ ପ୍ରଭାବଶାଳୀ ପଦକ୍ଷେପ ନେବାକୁ ପଡିବ।

## ଖୋଲା ଦେହରେ ଯୁବ କଂଗ୍ରେସର ବିକ୍ଷୋଭ

ନୂଆଦିଲ୍ଲୀ,୨୧।୨: ଦିଲ୍ଲୀ ଭାରତ ମଣ୍ଡପମ୍‌ଠାରେ ଚାଲିଥିବା ଇଣ୍ଡିଆ ଏଆଇ ସମିଟ୍ ସ୍ଥଳରେ ଶୁକ୍ରବାର ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଛି । ଶନିବାର ଏହି ସମିଟ୍‌ର ଶେଷ ଦିବସ ରହିଥିଲା ବେଳେ ଏହାର ଦିନକ ପୂର୍ବରୁ ବହୁ ଯୁବ କଂଗ୍ରେସ କର୍ମୀ ହଲ୍ ନମ୍ବର ୫ରେ ପ୍ରବେଶକରି କେନ୍ଦ୍ର ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ନାରାବାଜି କରିଛନ୍ତି । ଭାରତ ମଣ୍ଡପମ୍‌ରେ ଏଆଇ ସମିଟ୍‌କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଭାରତ ଏବଂ ଆମେରିକା ମଧ୍ୟରେ ପାକ୍ସ ସିଲିକା ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ସମୟରେ ବିକ୍ଷୋଭକାରୀମାନେ ସଭାସ୍ଥଳରେ ପ୍ରବେଶକରି ସେମାନଙ୍କ ଶାର୍ଟ ଖୋଲି ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରୋଧରେ ସ୍ଲୋଗାନ୍ ଦେଇଥିଲେ।

# ଦିଲ୍ଲୀରେ ଆତଙ୍କୀ ଆକ୍ରମଣ ପାଇଁ ଲସ୍କରର ଯୋଜନା




ନୂଆଦିଲ୍ଲୀ : ଦେଶର ରାଜଧାନୀ ଦିଲ୍ଲୀରେ ପୁଣି ସମ୍ଭାବିତ ଆତଙ୍କୀ ଆକ୍ରମଣ ପାଇଁ ସୁରକ୍ଷା ଏଜେନ୍ସିଗୁଡିକ ହାଇ ଆଲର୍ଟ ଜାରି କରିଛନ୍ତି । ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା ସଦସ୍ୟମାନେ ଲାଲକିଲ୍ଲା ନିକଟରେ ବୋମା ବିସ୍ଫୋରଣ ଯୋଜନା କରୁଛନ୍ତି ବୋଲି ଗୁଇନ୍ଦା ସୂତ୍ରରୁ ଜଣାପଡିଛି । ଚାନ୍ଦିନୀ ଚୌକ ନିକଟରେ ଥିବା ପ୍ରମୁଖ ମନ୍ଦିଗୁଡିକୁ ଟାର୍ଗେଟ କରାଯାଇଛି ବୋଲି ମଧ୍ୟ ସୂଚନା ମିଳିଛି । ସୂଚନାନୁଯାୟୀ, ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା ଓରଉ ଆକ୍ରମଣ କରିବାକୁ ଯୋଜନା କରୁଛି । ଫେବୃଆରୀ ୬ ତାରିଖରେ ପାକିସ୍ତାନର ଇସଲାମାବାଦର ଏକ ମସଜିଦରେ ହୋଇଥିବା ବିସ୍ଫୋରଣ ପରେ, ଏହି ସଂଗଠନ ଭାରତରେ ଏକ ବଡ଼ ଆତଙ୍କବାଦୀ ଆକ୍ରମଣ କରିବାକୁ ଚାହୁଁଛି ବୋଲି ଜଣାପଡ଼ିଛି । ସୁରକ୍ଷା ଏଜେନ୍ସିଗୁଡ଼ିକ ଏହାରି ମଧ୍ୟରେ ସୂଚନା ପାଇବା ମାତ୍ରେ ଦିଲ୍ଲୀ ପୋଲିସ ଏବଂ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ତୁରନ୍ତ ସକ୍ରିୟ ହୋଇପଡିଛନ୍ତି । ଲାଲକିଲ୍ଲା, ଚାନ୍ଦିନୀ ଚୌକ ଏବଂ ଆଖପାଖ ଧାର୍ମିକ ସ୍ଥଳଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଇଛି । ଏଥିସହିତ ଭିଡ଼ ସମେତ ସନ୍ଦିଗ୍ଧ ବ୍ୟକ୍ତି ଏବଂ କାର୍ଯ୍ୟକଳାପ ଉପରେ ମଧ୍ୟ କଡ଼ା ନଜର ରଖାଯାଇଛି । ସମସ୍ତ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଞ୍ଚଳଗୁଡ଼ିକରେ ଅତିରିକ୍ତ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଅନ୍ୟପଟେ ସୁରକ୍ଷା ଏଜେନ୍ସିଗୁଡ଼ିକ କହିଛନ୍ତି ଯେ ଲସ୍କର-ଏ-ତୈବା ଆତଙ୍କବାଦୀମାନେ ଦେଶର ଏକ ପ୍ରମୁଖ ମନ୍ଦିରକୁ ଟାର୍ଗେଟ କରିପାରନ୍ତି। ବିଶେଷକରି ଦିଲ୍ଲୀର ଚାନ୍ଦିନୀ ଚୌକରେ ଥିବା ଏକ ପ୍ରମୁଖ ମନ୍ଦିର ବିପଦରେ ପଡ଼ିପାରେ । ଯେକୌଣସି ସମ୍ଭାବ୍ୟ ଆକ୍ରମଣକୁ ରୋକିବା ପାଇଁ ପ୍ରସ୍ତୁତି ଜୋରଦାର କରାଯାଇଛି । ସୂଚନାଯୋଗ୍ୟ, ୨୦୨୫ ନଭେମ୍ବର ୧୦ତାରିଖ ସନ୍ଧ୍ୟାରେ ଦିଲ୍ଲୀର ଲାଲକିଲ୍ଲା ନିକଟରେ ଏକ ବଡ଼ ବିସ୍ଫୋରଣ ଘଟିଥିଲା । ଏଥିରେ ଅନେକ ଲୋକ ଆହତ ହୋଇଥିଲେ ଏବଂ ଅନେକ ଯାନବାହନ ନଷ୍ଟ ହୋଇଯାଇଥିଲା। ଏହି ଘଟଣାରେ ଅନେକ ଲୋକଙ୍କର ମୃତ୍ୟୁ ହୋଇଥିଲା ଏବଂ ଅନେକ ଗୁରୁତର ଆହତ ହୋଇଥିଲେ । ଏକ ତଦନ୍ତରୁ ଜଣାପଡିଛି ଯେ ବିସ୍ଫୋରଣ ପୂର୍ବରୁ ପ୍ରାୟ ତିନି ଘଣ୍ଟା ଧରି ଲାଲକିଲ୍ଲା ଅଞ୍ଚଳରେ ପାର୍କିଂ ହୋଇଥିବା ଏକ କାରରୁ ହୋଇଥିଲା ।

# ନିଜ ମାଟିରେ ଅଷ୍ଟ୍ରେଲିଆକୁ ୨-୧ରେ ହରାଇଲେ ଭାରତୀୟ ମହିଳା



**ଆଡିଲେଡ,୨୧।୨:** ସ୍ମୃତି ମନ୍ଧାନା ଓ ଜେମିମା ରଡ୍ରିଗ୍ସଙ୍କ ଶତକୀୟ ଭାଗୀଦାରି ବଳରେ ଅଷ୍ଟ୍ରେଲିଆକୁ ନିର୍ଣ୍ଣାୟକ ତୃତୀୟ ତଥା ଶେଷ ଟ୍ୱେଣ୍ଟି-୨୦ରେ ଅଷ୍ଟ୍ରେଲିଆକୁ ୧୭ ରନ୍‌ରେ ହରାଇ ଦେଇଛି ଭାରତୀୟ ମହିଳା କ୍ରିକେଟ୍ ଦଳ। ଫଳରେ ୩ମ୍ୟାଚ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାକୁ ୨-୧ରେ ଜିତି ନେଇଛି। ୨୦୧୭ ମସିହାରେ ପରେ ଘରୋଇ ମାଟିରେ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳର କୌଣସି ଗୋଟିଏ ଫର୍ମାଟ୍‌ରେ ପ୍ରଥମ ଶୃଙ୍ଖଳା ପରାଜୟ। ଶନିବାର ଭ୍ରମଣକାରୀ ଭାରତୀୟ ଦଳ ଟସ୍ ଜିତି ବ୍ୟାଟିଂ କରିବା ପରେ ୧୯ ରନ୍‌ରେ ପ୍ରଥମ ୱିକେଟ୍ ହରାଇଥିଲା। ଦ୍ୱିତୀୟ ୱିକେଟ୍‌ରେ ମନ୍ଧାନା ଓ ରଡ୍ରିଗ୍ସ ୧୨୧ ରନ୍ ଯୋଡିବା କିନ୍ତୁ ଭାରତୀୟ ଦଳର ସ୍ଥିତିକୁ ମଜଭୂତ କରି ନେଇଥିଲା।

ଉଭୟ ଖେଳାଳି ରେକର୍ଡ ଭାଗୀଦାର ସହ ଅଷ୍ଟ୍ରେଲିଆ ମାଟିରେ ଅର୍ଦ୍ଧଶତକ ଅର୍ଜନ କରିବାର ଗୌରବ ହାସଲ କରିଥିଲେ। ସେହିଭଳି ଶେଷ ଆଡକୁ ୱିକେଟ୍ ରକ୍ଷକ ବ୍ୟାଟର୍ ରିଚ୍ଚା ଘୋଷ ଦ୍ରୁତ ୧୮ ରନ୍ କରିବାରୁ ଭାରତୀୟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୭୬ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆର ପଶ୍ଚାତବଧାବନ ପ୍ରଥମ ୪ ଓଭରରେ ହିଁ ବାଟ ହୁଡିଥିଲା। ୩୨ ରନ୍‌ରେ ୩ ୱିକେଟ୍ ହରାଇ ଦଳ ୧୭୭ ରନ୍‌ର ବଡ ଲକ୍ଷ୍ୟକୁ ହାସଲ କରିବା ଦିଗରେ ପାୱାର ପ୍ଲେ ଭିତରେ ହିଁ ଚ୍ଚାପଗ୍ରସ୍ତ ହୋଇଥିଲା। ମଧ୍ୟକ୍ରମରେ ଆସଲି ଗାର୍ଡନରଙ୍କ ଛଡା ଅନ୍ୟ କୌଣସି ଅଷ୍ଟ୍ରେଲିଆ ବ୍ୟାଟର୍ ଭାରତୀୟ ବୋଲର୍‌ଙ୍କ ସଠିକ ମୁକାବିଲା କରିପାରି ନଥିଲେ। ଫଳରେ ଘରୋଇ ଦଳ ୯ ୱିକେଟ୍‌ରେ ୧୫୯ ରନ୍ ?ରେ ଅଲଆଉଟ୍ ହୋଇଯାଇଥିଲା। ମ୍ୟାଚ୍‌ର ସର୍ବୋଚ୍ଚ ପାଳି ଖେଳିଥିବା ମନ୍ଧାନା ଶ୍ରେଷ୍ଠ ଖେଳାଳି ବିବେଚ୍ଚିତ ହୋଇଥିଲେ।

ସଂକ୍ଷିପ୍ତ ସ୍କୋର୍ : ଭାରତ ୨୦ ଓଭରରେ-୧୭୬/୬ (ସ୍ମୃତି ମନ୍ଧାନା ୮୨, ଜେମିମା ରଡ୍ରିଗ୍ସ ୫୯, ରିଚ୍ଚା ଘୋଷ ୧୮, ଆନାବେଲ ସଦରଲାଣ୍ଡ ୨/୩୪, କିମ୍ ଗର୍ଥ ୧/୨୫)। ଅଷ୍ଟ୍ରେଲିଆ ୨୦ ଓଭରରେ-୧୫୯/୯ (ଆସଲି ଗାର୍ଡନର ୫୭, ଫୋବେ ଲିଚ୍ଚଫିଲ୍‌ଡ ୨୬, ଶ୍ରୀୟଙ୍କା ପାଟିଲ ୩/ ୨୨, ଶ୍ରୀ ଚାରଣୀ ୩/୩୨, ଅରୁନ୍ଧତୀ ରେଡ୍ଡୀ ୨/୩୫)।

# ପୁଣି ହେବ ଭାରତ-ପାକିସ୍ତାନ ମ୍ୟାଚ



**ମୁମ୍ବାଇ,୨୧।୨:** ଆଉ ଏକ ଭାରତ-ପାକିସ୍ତାନ ମ୍ୟାଚ୍‌ର ସମ୍ଭାବନା। ଦୁଇ ଚ୍ଚିର ପ୍ରତିଦ୍ୱନ୍ଦ୍ୱୀ କ୍ରିକେଟ ମୈଦାନରେ ପରସ୍ପରକୁ ଟକ୍କର ଦେଇ ପାରନ୍ତି। ନିକଟରେ ଟି-୨୦ ବିଶ୍ୱକପରେ ଭାରତ-ପାକିସ୍ତାନ ମ୍ୟାଚ୍ ଦେଖିବାକୁ ମିଳିଥିଲା। ଏବେ ବିସିସିଆଇ ଏମିତି ଗୋଟିଏ ନିଷ୍ପତ୍ତି ନେଇଛି ଯେଉଁଥି ପାଇଁ ଏସିଆନ ଗେମ୍ସରେ ପୁଣି ଭାରତ-ପାକିସ୍ତାନ ଲଢେଇ ଦେଖିବାକୁ ମିଳିପାରେ। ଅନୁଷ୍ଠିତ ହେବାକୁ ଥିବା ଏସିଆନ ଗେମ୍ସ ପାଇଁ ଭାରତ ଉଭୟ ପୁରୁଷ ଓ ମହିଳା କ୍ରିକେଟ ଟିମକୁ ପଠାଇବାକୁ ନିଷ୍ପତ୍ତି ନେଇଛି। ଆସନ୍ତା ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ଏସିଆ ଗେମ୍ସ ଅନୁଷ୍ଠିତ ହେବ। ଏଥିରେ କ୍ରିକେଟ ମଧ୍ୟ ଭାଗ ନେବାକୁ ଯାଉଛି। ଏସିଆ ଗେମ୍ସରେ କ୍ରିକେଟ ମ୍ୟାଚ୍ ଗୁଡିକ ଟି-୨୦ ଫର୍ମାଟରେ ଖେଳାଯିବ। ୨୦୨୬ ଏସିଆନ ଗେମ୍ସରେ ୪ର୍ଥ ଥର ପାଇଁ କ୍ରିକେଟ ସାମିଲ ହେବ। ତଥାପି ଏସିଆରେ କ୍ରିକେଟ ଅନ୍ୟତମ ଲୋକପ୍ରିୟ ଖେଳ ଭାବେ ଉଭୟ ହୋଇଛି। ୨୦୧୦ରେ ଚାଇନାର ଗୁଆଙ୍ଗଝୋରେ କ୍ରିକେଟ ଡେବ୍ୟୁ କରିଥିଲା। ୨୦୧୪ରେ ମଧ୍ୟ କ୍ରିକେଟ ଖେଳା ଯାଇଥିଲା। କିନ୍ତୁ ସେତେବେଳେ ଏହାର ଅନ୍ତର୍ଜାତୀୟ ମାନ୍ୟତା ମିଳି ନଥିଲା। ଏଥିପାଇଁ ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ କ୍ରିକେଟକୁ ସାମିଲ କରାଯାଇ ନଥିଲା। କିନ୍ତୁ ୨୦୨୩ ହାଙ୍ଗଝୋକୁ ପୁଣି କ୍ରିକେଟ ଫେରିଥିଲା। ୨୦୨୩ରେ ଆଇସିସିର ନିୟମ ଅନୁସାରେ ପ୍ରତିଟି ମ୍ୟାଚ୍ ଖେଳା ଯାଇଥିଲା। ପ୍ରତିଟି ସଂସ୍କରଣରେ ପୁରୁଷ ଓ ମହିଳା ଟିମ ନଜର ଆସିଥିବା ବେଳେ ଟି-୨୦ ଫର୍ମାଟରେ ମ୍ୟାଚ ଗୁଡିକ ଖେଳା ଯାଉଛି। ୨୦୨୩ ଏସିଆନ ଗେମ୍ସରେ ଉଭୟ ପୁରୁଷ ଓ ମହିଳା ବର୍ଗରେ ଭାରତ ଚ୍ଚାମ୍ପିୟନ ହୋଇଥିଲା।

# ଚତୁର୍ଥ ବିବାହ କରିବେ ଶୋଏବ ମଲ୍ଲିକ!



**ଇସଲାମାବାଦ୍,୨୧।୨:** ପୂର୍ବତନ ପାକିସ୍ତାନୀ ବ୍ୟାଟ୍ସମ୍ୟାନ ଶୋଏବ ମାଲିକ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ପ୍ରାୟତଃ ଚ୍ଚର୍ଚ୍ଚାରେ ଥାନ୍ତି। ମଲିକ ୨୦୨୪ ଆରମ୍ଭରେ ତୃତୀୟ ଥର ପାଇଁ ପାକିସ୍ତାନୀ ଅଭିନେତ୍ରୀ ସନା ଜାଭେଦଙ୍କୁ ବିବାହ କରିଥିଲେ। ଏବେ ତାଙ୍କ ନାମ ପାକିସ୍ତାନୀ ଅଭିନେତ୍ରୀ ଲୈବା ଖାନ ସହ ଯୋଡା ଯାଉଛି। କୁହାଯାଉଛି ଯେ, ସେ ତାଙ୍କୁ ଚ୍ଚତୁର୍ଥଥର ପାଇଁ ବିବାହ କରିବେ। କିନ୍ତୁ ଚ୍ଚତୁର୍ଥ ବିବାହ ଖବର ସମ୍ପୂର୍ଣ୍ଣ ମିଥ୍ୟା। ଯେଉଁ ଅଭିନେତ୍ରୀଙ୍କ ସହ ମଲିକଙ୍କ ନାମ ଯୋଡାଯାଉଛି ସେ ଫେବୃଆରୀ ଆରମ୍ଭରେ ସୋସିଆଲ ମିଡିଆରେ ସେମାନଙ୍କର ବିବାହ ଫଟୋ ଶେୟାର କରିଥିଲେ। ଏହା ଖବରକୁ ସମ୍ପୂର୍ଣ୍ଣ ମିଥ୍ୟା ପ୍ରମାଣିତ କରେ। ଶୋଏବଙ୍କ ପ୍ରଥମ ବିବାହ ୨୦୦୨ରେ ଆୟେଶା ସିଦ୍ଦିକି ନାମକ ଜଣେ ମହିଳାଙ୍କ ସହିତ ହୋଇଥିଲା। ତା'ପରେ ୨୦୧୦ରେ ମଲିକ ଭାରତୀୟ ଟେନିସ ତାରକା ସାନିଆ ମିର୍ଜାଙ୍କୁ ବିବାହ କରିଥିଲେ। ୨୦୨୪ରେ ସେ ଭାରତୀୟ ଟେନିସ ତାରକାଙ୍କୁ ଛାଡପତ୍ର ଦେଇ ପାକିସ୍ତାନୀ ଅଭିନେତ୍ରୀ ସନା ଜାଭେଦଙ୍କୁ ବିବାହ କରିଥିଲେ। ଏହିପରି, ଶୋଏବ ଏପର୍ଯ୍ୟନ୍ତ ତିନୋଟି ବିବାହ କରିଛନ୍ତି। ଶୋଏବ ମଲିକ ତାଙ୍କ ଅନ୍ତର୍ଜାତୀୟ କ୍ୟାରିଅରରେ ୩୫ ଟେଷ୍ଟ, ୨୮୭ ଦିନିକିଆ ଏବଂ ୧୨୪ ଅନ୍ତର୍ଜାତୀୟ ଟି-୨୦ ଖେଳିଛନ୍ତି। ଟେଷ୍ଟରେ ଶୋଏବ ୧,୮୯୮ ରନ କରିଛନ୍ତି ଏବଂ ୩୨ ଉଇକେଟ ନେଇଛନ୍ତି। ଏକଦିବସୀୟରେ, ସେ ୭,୫୩୪ ରନ କରିଛନ୍ତି ଏବଂ ୧୫୮ ଉଇକେଟ ନେଇଛନ୍ତି। ଅନ୍ତର୍ଜାତୀୟ ଟି-୨୦ରେ, ମଲିକ ୨,୪୩୫ ରନ କରିଛନ୍ତି ଏବଂ ୨୮ ଉଇକେଟ ନେଇଛନ୍ତି।

# ଦ.ଆଫ୍ରିକା ବିପକ୍ଷରେ ଭାରତର ଅସଲ ପରୀକ୍ଷା



**ଅହମଦାବାଦ,୨୧।୨:** ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟରେ ରବିବାର ଭାରତର ମୁକାବିଲା ଦକ୍ଷିଣ ଆଫ୍ରିକା ସହ ହେବ। ଗ୍ରୁପ୍ ପର୍ଯ୍ୟାୟର କେବଳ ଭାରତ ନୁହେଁ ଦକ୍ଷିଣ ଆଫ୍ରିକା ବି ଅପରାଜିତ ରହି ସୁପର-୮ରେ ପ୍ରବେଶ କରିଥିଲା। ଏଣୁ ଭାରତ ପାଇଁ ଅସଲ ପରୀକ୍ଷା ଏହି ମ୍ୟାଚରୁ ଆରମ୍ଭ ହେବ। ଗତ ସଂସ୍କରଣ ଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକାକୁ ଭାରତ ରୋମାଞ୍ଚକ ଭାବେ ହରାଇଥିଲା। ଦକ୍ଷିଣ ଆଫ୍ରିକା ଏବେ ସେହି ପରାଜୟର ପ୍ରତିଶୋଧ କଡଗେଣ୍ଡାରେ ନେବାକୁ ଲକ୍ଷ୍ୟ ରଖିଛି। ଗ୍ରୁପ୍ ପର୍ଯ୍ୟାୟରେ ଉଭୟ ଦଳ ଚ୍ଚାରିଟି ଲେଖାଏଁ ମ୍ୟାଚ୍ ଜିତି ସୁପର-୮କୁ ଆସିଛନ୍ତି। ଏଣୁ ରବିବାର ଉଭୟ ଦଳ ମଧ୍ୟରେ ଜୋରଦାର ଲଢ଼େଇ ହେବ ବୋଲି ଆଶା କରାଯାଉଛି।ଭାରତ ପାଇଁ ମୁଖ୍ୟ ଚ୍ଚିନ୍ତା ବ୍ୟାଟିଂ ବିଭାଗ ରହିବ। କାରଣ ଗ୍ରୁପ୍ ? ପର୍ଯ୍ୟାୟରେ ନିଜର ସବୁ ମ୍ୟାଚ ଜିତିଥିଲେ ବି ଭାରତୀୟ ବ୍ୟାଟିଂର ଦୁର୍ବଳତା ପଦାରେ ପଡ଼ିଯାଇଥିଲା। ଅଫ୍-ସ୍ପିନ୍ ବିପକ୍ଷରେ ଭାରତୀୟ ବ୍ୟାଟରମାନେ ସଂଘର୍ଷ କରୁଥିବା ଦେଖାଯାଇଥିଲା। ବିଶେଷକରି ବିସ୍ଫୋରକ ଓପନର୍ ଅଭିଷେକ ଶର୍ମାଙ୍କ ଖରାପ ଫର୍ମ ଦଳପାଇଁ ଚ୍ଚିନ୍ତାର କାରଣ ପାଲଟିଛି। ଚ୍ଚଳିତ ବିଶ୍ୱକପ୍‌ରେ ସେ ଏପର୍ଯ୍ୟନ୍ତ ଖାତା ଖୋଲିପାରିନାହାନ୍ତି। କେବଳ ସେ ନୁହେଁ, ତିନି ନମ୍ବରରେ ଆସୁଥିବା ତିଳକ ବର୍ମା ବି ଖାପଛଡ଼ା ଲାଗୁଛନ୍ତି। ତାଙ୍କର ଷ୍ଟ୍ରାଇକ୍ ହାର ମାତ୍ର ୧୨୦ ରହିଛି। ପାକିସ୍ତାନ ବିପକ୍ଷରେ ସେ ୨୪ ବଲ୍ ? ଖେଳି ୨୫, ନାମିବ୍ୟା ବିପକ୍ଷରେ ୨୧ ବଲ୍ ?ରୁ ୨୫ ଓ ନେଦରଲାଣ୍ଡସ ବିପକ୍ଷରେ ୨୭ ବଲ୍ ?ରୁ ୩୧ ରନ୍ କରିଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ କେତୋଟି ଭଲ ପାଳି ଖେଳିଥିଲେ ବି ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ତାଙ୍କର ଷ୍ଟ୍ରାଇକ୍ ହାର ମାତ୍ର ୧୩୬ ରହିଛି। ଅନ୍ୟପକ୍ଷରେ ଫିଲଡିଂରେ ବି ଭାରତୀୟ ଦଳରେ ଥିବା ତ୍ରୁଟିକୁ ସୁଧାରିବାକୁ ପଡ଼ିବ। ଭାରତୀୟ ବ୍ୟାଟିର ଅସଲ ପରୀକ୍ଷା ଦକ୍ଷିଣ ଆଫ୍ରିକାର ଶକ୍ତିଶାଳୀ ବୋଲିଂ ବିପକ୍ଷରେ ଦେଖିବାକୁ ମିଳିବ। ଦକ୍ଷିଣ ଆଫ୍ରିକା ବୋଲିଂ ବିଭାଗରେ କାସିଗୋ ରାବାଡ଼ା, ଲୁଙ୍ଗି ଏନଗିଡି, ମାର୍କ ? ୟାନ୍‌ସେନ୍, କେଶବ ମହାରାଜ ଓ ଐଡେନ୍ ? ମାର୍କରାମ୍‌ଙ୍କ ପରି ଭଲ ବୋଲର ଅଛନ୍ତି। ଅନ୍ୟପକ୍ଷରେ ଭାରତର ବୋଲିଂ ବିଭାଗ ସନ୍ତୁଳିତ ଅଛି। ଯଶପ୍ରୀତ ବୁମରା ଓ ବରୁଣ ଚ୍ଚକ୍ରବର୍ତ୍ତୀଙ୍କ ଉପରେ ଭାରତର ବୋଲିଂ ଆକ୍ରମଣ ନିର୍ଭର କରିବ। ତେବେ ଦକ୍ଷିଣ ଆଫ୍ରିକାର ଆଗଧାଡ଼ିର ବ୍ୟାଟର୍ କ୍ୱିଣ୍ଟନ୍ ଡି'କକ୍, ଐଡେନ୍ ମାର୍କରାମ୍, ଦେୱାଲ୍ଡ ବ୍ରେଭିସ୍, ଟ୍ରିଷ୍ଟନ୍ ଷ୍ଟବ୍ସ, ଡେଭିଡ୍ ମିଲର୍ ଫର୍ମରେ ଥିବାରୁ ଭାରତୀୟ ବୋଲିଂର ଅସଲ ପରୀକ୍ଷା ହେବ। ତେବେ ଦୁଇ ଦଳ ଗତ ଦୁଇ ମାସ ମଧ୍ୟରେ ପରସ୍ପରକୁ ୬ଷ୍ଠ ଥର ପାଇଁ ଭେଟିବାକୁ ଯାଉଥିବାରୁ ଉଭୟ ନିଶ୍ଚିତଭାବେ ପରସ୍ପରର ଦୁର୍ବଳତା ଓ ଶକ୍ତି ସଂପର୍କରେ ଭଲଭାବରେ ଅବଗତ ଥିବେ।

# ଲଗାତାର ପଞ୍ଚମ ମ୍ୟାଚ ହାରିଲା ଭାରତୀୟ ହକି ଦଳ



**ନୂଆଦିଲ୍ଲୀ,୨୧।୨:** ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପୁରୁଷ ହକିରେ ଭାରତର ଲଜ୍ଜାଜନକ ପ୍ରଦର୍ଶନ ଜାରି ରହିଛି। ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ଖେଳିଥିବା ଘରୋଇ ପର୍ଯ୍ୟାୟର ଚ୍ଚାରିଟି ଯାକ ମ୍ୟାଚ୍ ହାରିଥିବା ଭାରତୀୟ ଦଳ ଅଷ୍ଟ୍ରେଲୀୟ ପର୍ଯ୍ୟାର ପ୍ରଥମ ମୁକାବିଲାରେ ୟୁରୋପୀୟ ଶକ୍ତି ସ୍ପେନ୍ ଠାରୁ ୦-୨ ଗୋଲ୍‌ରେ ହାରିଯାଇଛି। ଫଳରେ କ୍ରମାଗତ ଭାବେ ପଞ୍ଚମ ମ୍ୟାଚ୍ ହାରିବାର ଅପଯଶ ମୁଣ୍ଡାଇବା ସହ ଶୋଚ୍ଚନୀୟ ହକି ଖେଳିବା ଲାଗି ତୀବ୍ର ସମାଲୋଚ୍ଚିତ ହୋଇଛି। ଅଷ୍ଟ୍ରେଲିଆର ହୋବର୍ଟରେ ଖେଳାଯାଉଥିବା ଏହି ପର୍ଯ୍ୟାୟ ଲାଗି ଭାରତୀୟ ଦଳ ହର୍‌ମନ୍‌ପ୍ରୀତ ସିଂହଙ୍କ ସ୍ଥାନରେ ଦୁଇ ଥର ଅଲିମ୍ପିଆନ୍ ହାର୍ଦିକ ସିଂହଙ୍କୁ ଅଧିନାୟକ ନିଯୁକ୍ତ କରିଥିଲା। ଦଳରେ କେତେକ ନୂଆ ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ସାମିଲ ମଧ୍ୟ କରାଯାଇଥିଲା। ଏହା ସତ୍ତ୍ୱେ ପଡିଆ ଭିତରେ ଖେଳାଳିଙ୍କ ତାଳମେଳ, କୌଶଳ ଓ ଗତିରେ ଏହାର କୌଣସି ସକାରାତ୍ମକ ପ୍ରତିଫଳନ ଦେଖିବାକୁ ମିଳି ନଥିଲା। ଫଳରେ ଉଭୟାର୍ଦ୍ଧରେ ଗୋଟିଏ ଲେଖାଏଁ ଗୋଲ୍ ବରଣ କରି ମ୍ୟାଚ୍ ହାତଛଡା କରିଥିଲା ଭାରତୀୟ ଦଳ। ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ? ଫୁଲଟନ୍‌ଙ୍କ ବିଜୟ ଧାରାକୁ ଫେରିବାର ଦୃଢ଼ୋକ୍ତି ସତ୍ତ୍ୱେ ଭାରତୀୟ ରକ୍ଷଣଭାଗ ଶନିବାର ସକାଳର ଏହି ମ୍ୟାଚ୍‌ରେ ଦକ୍ଷତା ମୂଳକ ଖେଳ ପ୍ରଦର୍ଶନ କରି ପାରି ନଥିଲା। ବିଶେଷ କରି ପ୍ରଥମାର୍ଦ୍ଧରେ ସ୍ପେନ୍ ଖେଳାଳିଙ୍କ ରଚ୍ଚନାତ୍ମକ ପାସ୍ ଏବଂ ଉନ୍ନତ ରଣକୌଶଳ ଆଗରେ ପୂରା ହାର ମାନିଥିଲା ହାର୍ଦିକ ସେନା। ଷଷ୍ଠ ମିନିଟ୍‌ରେ ହିଁ ସ୍ପେନ୍‌ର ପ୍ରତିଆକ୍ରମଣକୁ ରୋକି ନପାରି ପ୍ରଥମ ଗୋଲ୍ ବରଣ କରିଥିଲା। ଏହି ଫିଲ୍‌ଡ ଗୋଲ୍‌ଟିକୁ ଇଗ୍ନାସିଓ ଆବାଜୋ ଦେଇଥିଲେ। ଗୋଲ୍‌ପୋଷ୍ଟରେ ବାଜି ଫେରୁ ଆସୁଥିବା ସଟ୍‌କୁ ପୁଣି ଥରେ ଭିତରକୁ ପୂରାଇ ଇଗ୍ନାସିଓ ଏହି ଦର୍ଶନୀୟ ଗୋଲ୍‌ଟିକୁ ଅର୍ଜନ କରିଥିଲେ। ଏହା ପରେ ଭାରତୀୟ ଦଳ କେତେକ ପେନାଲ୍ଟି କର୍ଣ୍ଣର ହାତଛଡା କରିଥିଲା। ହେଲେ ୩୦ ମିନିଟ୍ ପର୍ଯ୍ୟନ୍ତ ସ୍ପେନ୍ ଅଗ୍ରଭାଗକୁ ଅଟକାଇବାକୁ ସକ୍ଷମ ହୋଇଥିଲା।

ମଧ୍ୟାନ୍ତର ପରେ କିନ୍ତୁ ସ୍ପେନ୍ ଏହି ଗତିରୋଧ ଦୂର କରିବାକୁ ସକ୍ଷମ ହୋଇଥିଲା। ଇଗ୍ନାସିଓ କବୋସ୍ ଏକ ସୁନ୍ଦର ଷ୍ଟ୍ରୋକ୍ ଜରିଆରେ ଆଉ ଏକ ଫିଲ୍ ?ଡ ଗୋଲ୍ ଦେଇ ସ୍ଥିତି ୨-୦ କରି ନେଇଥିଲେ। ଭାରତୀୟ ଅଗ୍ରଭାଗ ଖେଳାଳିମାନେ ବହୁ ଚେଷ୍ଟା କରିଥିଲେ ମଧ୍ୟ ସ୍ପେନ୍ ରକ୍ଷଣଭାଗକୁ ଭେଦ କରିବାକୁ ସକ୍ଷମ ହୋଇ ନଥିଲେ। ଫଳରେ ସେହି ସ୍କୋର୍ ଲାଇନ୍‌ରେ ମ୍ୟାଚ୍ ହାରି ଭାରତ ପରାଜୟରୁ ତା'ର ଏହି ପର୍ଯ୍ୟାୟ ଆରମ୍ଭ କରିଥିଲା।

# ମହିଳା ରାଇଜିଂ ଷ୍ଟାର୍ସ ଏସିଆ କପ୍: ଫାଇନାଲରେ ଭାରତ

**ବ୍ୟାଙ୍କକ,୨୧।୨:** ଚ୍ଚଳିତ ମହିଳା ରାଇଜିଂ ଷ୍ଟାର୍ସ ଏସିଆ କପ୍ ଟ୍ୱେଣ୍ଟି-୨୦ ପ୍ରତିଯୋଗିତାର ଫାଇନାଲ୍‌ରେ ଭାରତୀୟ 'ଏ' ଦଳ ପ୍ରବେଶ କରିଛି। ଶୁକ୍ରବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଭାରତ ୫ ୱିକେଟ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଭାରତୀୟ ବୋଲିଂକୁ ସାମ୍ନା କରି ନପାରି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୧୯.୪ ଓଭରରେ ୧୧୮ ରନ୍ କରି ଅଲ୍ଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ ରାଧା ଯାଦବ (୩.୪-୦-୧୯-୪), ପ୍ରେମା ରାୱତ (୪-୧-୯-୨) ଓ ତନୁଜା କନୱର (୪-୦-୨୦-୨) ବୋଲିଂ ସଫଳତା ପାଇଥିଲେ।



ଜବାବରେ ଭାରତ ୧୩.୩ ଓଭରରେ ୫ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ବୃନ୍ଦା ଦିନେଶ (୨୦ ବଲ୍‌ରୁ ୪୨), ରାଧା ଯାଦବ (୧୮ ବଲ୍‌ରୁ ୩୧) ଓ ଅନୁଷ୍କା ଶର୍ମା (୧୮ ବଲ୍‌ରୁ ୨୭) ଦଳକୁ ସହଜ ବିଜୟ ଦେଇଥିଲେ। ଅଲ୍‌ରାଉଣ୍ଡ ସଫଳତା ପାଇଁ ରାଧାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ଭାରତ ରବିବାର ଫାଇନାଲ୍‌ରେ ବାଂଲାଦେଶକୁ ଭେଟିବ। ଅନ୍ୟ ଏକ ସେମିଫାଇନାଲ୍‌ରେ ବାଂଲାଦେଶ ୫୪ ରନ୍‌ରେ ପାକିସ୍ତାନକୁ ପରାସ୍ତ କରିଛି। ବାଂଲାଦେଶ ୧୧୦/୮ କରିଥିଲା ବେଳେ ପାକିସ୍ତାନ ୫୬ ରନ୍‌ରେ ଅଟକି ଯାଇଥିଲା।

# କୋକା-କୋଲା ଇଣ୍ଡିଆ ନୂଆ ଆକର୍ଷଣୀୟ ଅଭିଯାନ

**ନୂଆଦିଲ୍ଲୀ,୨୧।୨:** ଯେତେବେଳେ ଭାରତୀୟ ମାନେ ପୁଣି ଥରେ ଦେଶୀ ସ୍ୱାଦ ପ୍ରତି ଆକୃଷ୍ଟ ହେଉଛନ୍ତି, ସେହି ସମୟରେ କୋକା-କୋଲା ଏହାର ଲୋକପ୍ରିୟ ରିମଝିମ ଜିରାକୁ ପୁଣି ଥରେ ବଜାରକୁ ଆଣୁଛି, ଯାହାକି ଏକ ବଡ଼ ଧରଣର ପ୍ରତ୍ୟାବର୍ତ୍ତନ ଅଟେ। "ଜିରେ ମେଁ ହୀରା, ରିମଝିମ ଜିରା" ଚ୍ଚିନ୍ତାଧାରା ଉପରେ ଆଧାରିତ ଏହି ନୂତନ ଅଭିଯାନ ରିମଝିମର ଦମଦାର ପ୍ରତ୍ୟାବର୍ତ୍ତନକୁ ଦର୍ଶାଉଛି – କେବଳ ପୁରୁଣା ସ୍ମୃତିକୁ ସତେଜ କରିବା ତାହା ନୁହେଁ, ବରଂ ପ୍ରତ୍ୟେକ ପିଢ଼ି ପାଇଁ ଏକ ଦେଶୀ ପାନୀୟ ଭାବରେ ଗର୍ବର ସହ ଠିଆ ହେବା।

ପୁରୁଣା ସ୍ମୃତିକୁ ଏକ ମଜଦାର ଢ଼ଙ୍ଗରେ ଉପସ୍ଥାପନ କରି, ଏହି ଅଭିଯାନ ରିମଝିମ ଜିରାର ପୁରୁଣା ଆକର୍ଷଣକୁ ପୁନଃଜିବୀତ କରିଛି ଏବଂ ଆର ଡ଼ି ବର୍ମନଙ୍କ ଏକ ଲୋକପ୍ରିୟ ଗୀତ (ଦୁନିଆ ମେଁ ଲୋଗୋଁ କୋ....)କୁ ନୂଆରୂପ ଦେଇଛି, ଯେଉଁଥିରେ ପରିଚ୍ଚିତ "ହୀରା .... ତାରା ତାରା ତାରା ..... ବଦଳରେ 'ଜିରା' ଗାନ କରାଯାଇଛି। ଦୈନନ୍ଦିନ ଜୀବନର ମୁହୂର୍ତ୍ତ ଗୁଡ଼ିକ ଉପରେ ଆଧାରିତ ଏହି ଚ୍ଚଳଚ୍ଚିତ୍ର ରିମଝିମ ଜିରାର ନିଆର ସ୍ୱାଦ ଏବଂ ଏଥିରୁ ସୃଷ୍ଟି ହେଉଥିବା ପ୍ରତିକ୍ରିୟାକୁ ଦର୍ଶାଉଛି, ଯାହା ଗୋଟିଏ ଢ଼ୋକରେ ଲୋକଙ୍କ ମୁହଁରେ ହସ, କଥାବାର୍ତ୍ତା ଏବଂ ଏହାକୁ ପିଇବାର ଇଚ୍ଛା ଜାଗ୍ରତ କରୁଛି ଯାହାକୁ ଅଣଦେଖା କରିବା କଷ୍ଟକର।

ସୋଭନଜିତ୍ ରଥ, ସିନିୟର ନିର୍ଦ୍ଦେଶକ, ଏମର୍ଜିଙ୍ଗ କାଟେଗୋରୀ, କୋକା-କୋଲା ଇଣ୍ଡିଆ ଏବଂ ସାଉଥ ୱେଷ୍ଟ ଏସିଆ କହିଛନ୍ତି, "୭୦ ବର୍ଷରୁ ଅଧିକ ପୁରୁଣା ଏଭଳି ଏକ ଐତିହ୍ୟ ସହିତ, ରିମଝିମ ପୁଣି ଥରେ ଦମଦାର ପ୍ରତ୍ୟାବର୍ତ୍ତନ କରିଛି। ଏହି ଅଭିଯାନର ମୂଳଲକ୍ଷ୍ୟ ଥିଲା କିଛି ମଜାଦାର ଜିନିଷ ତିଆରି କରିବା, ଯାହା ମୁଖ୍ୟତଃ ରିମଝିମର ଦେଶୀ ବାଘରୋଇ ବୃଦ୍ଧି ପାଉଥିବା ଜିରା ସ୍ୱାଦ ଉପରେ ଆଧାରିତ। ଆର ଡ଼ି ବର୍ମନଙ୍କ ଲୋକପ୍ରିୟ ଗୀତର ନୂଆ ରୂପ, ଲୋକଙ୍କ ମନକୁଛୁଇଁଲା ଭଳି ହୋଇଛି। ଥରେ ଶୁଣିବା ପରେ, ଆପଣ ଜିରା ଶବ୍ଦକୁ ଭୁଲି ପାରିବେ ନାହିଁ! ଆମର ଉଦ୍ଦେଶ୍ୟ ସରଳ – ଯେପରିକି ଜିରେ ମେଁ ହୀରା ....... ରିମଝିମ ଜିରା।" ବ୍ରାଣ୍ଡ ଫିଲ୍ମର ନିର୍ଦ୍ଦେଶକ, ଅଭିଜିତ୍ ସୁଧାକର, ଜିଗଜାଗ ଫିଲ୍ମସ କହିଛନ୍ତି, "ତାଳ ଏବଂ ରିମଝିମର ସ୍ୱାଦରେ ପ୍ରସ୍ତୁତ!

# ଛାତ ଉପରେ ସୋଲାର ପ୍ୟାନେଲ୍ ବସାଇ ୭ ହାଜରରୁ ଉର୍ଦ୍ଧ୍ୱ ଗ୍ରାହକ ପାଇଲେ ଶୂନ ବିଦ୍ୟୁତ୍ ବିଲ୍

**ବୁର୍ଲା,୨୧।୨:** ଗ୍ରାହକ ସଶକ୍ତିକରଣ ଏବଂ ସବୁଜ ଶକ୍ତି ପ୍ରତି ଦୃଢ଼ ପ୍ରତିବଦ୍ଧତା ପ୍ରଦର୍ଶନ ପୂର୍ବକ, ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନା ଏବଂ କମ୍ପାନୀ ପକ୍ଷରୁ ପ୍ରଚ୍ଚଳିତ ଏହି ଯୋଜନାର ଏକ ଅଂଶ 'ଉଲା ମଡେଲ' ଅଧିନରେ ଛାତ ଉପରେ ସୋଲାର ପ୍ୟାନେଲ ସ୍ଥାପନରେ ଗୁରୁତ୍ୱପୂର୍ଣ୍ଣ ମାସିକ ଅଭିବୃଦ୍ଧି ରେକର୍ଡ କରାଯାଇଅଛି । ଏହି ସୋଲାର ପ୍ୟାନେଲ ସ୍ଥାପନ କରିବା ପରେ ପ୍ରାୟ ୫୬ ପ୍ରତିଶତରୁ ଉର୍ଦ୍ଧ୍ୱ ଗ୍ରାକହଙ୍କ ଗତ ଜାନୁୟାରୀ ମାସରେ ବିଦ୍ୟୁତ୍ ବିଲ୍ ଶୂନ୍ ହୋଇଯାଇଛି ।

ଟିପିଡବ୍ଲୁଓଡିଏଲର ବିତରଣ କ୍ଷେତ୍ରରେ, ଏପର୍ଯ୍ୟନ୍ତ ମୋଟ ୧୩,୦୦୦ରୁ ଅଧିକ ଗ୍ରାହକ ନିଜ ଛାତ ଉପରେ ସୋଲାର ପ୍ୟାନେଲ ସ୍ଥାପନ କରିସାରିଛନ୍ତି । ଯାହା ପାରମ୍ପରିକ ଗ୍ରୀଡ୍ ପାୱାର ଉପରେ ସେମାନଙ୍କର ନିର୍ଭରଶୀଳତାକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବା ସହିତ ସେମାନଙ୍କ ମାସିକ ବିଦ୍ୟୁତ୍ ଖର୍ଚ୍ଚକୁ ମଧ୍ୟ ହ୍ରାସ କରିପାରିଅଛି । କେବଳ ଯେ, ବିଦ୍ୟୁତ୍ ଖର୍ଚ୍ଚକୁ ହ୍ରାସ କରିନାହିଁ ବରଂ ସୋଲାର ପ୍ୟାନେଲ ସ୍ଥାପନ କରିବା ପରେ ଅନେକ ଗ୍ରାହକଙ୍କ ମାସିକ ବିଦ୍ୟୁତ୍ ବିଲ୍ ମଧ୍ୟ ଶୂନରେ ପରିବର୍ତ୍ତନ ହୋଇଯାଇଅଛି । ଖବର ପ୍ରକାଶ ପାଇବା ପର୍ଯ୍ୟନ୍ତ, ରେକର୍ଡ କରାଯାଇଥିବା ତଥ୍ୟ ଅନୁସାରେ, ଗତ ଜାନୁଆରୀ ମାସରେ ୭,୨୯୭ ଜଣ ଗ୍ରାହକଙ୍କ ବିଦ୍ୟୁତ୍ ବିଲ୍ ଶୂନ୍ୟ-ୟୁନିଟ୍ ରେକର୍ଡ କରାଯାଇଅଛି । ସାରା ଦେଶର ପ୍ରଚ୍ଚଳିତ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନାର ଏକ ଅଂଶ ତଥା ଟିପିଡବ୍ଲୁଓଡିଏଲ ପକ୍ଷରୁ ସମଗ୍ର ପଶ୍ଚିମ ଓଡ଼ିଶାରେ ପ୍ରଚ୍ଚଳିତ ଏକ କିଲୋୱାଟ୍-ୟୁଟିଲିଟି ଲେଡ୍ ଏଗ୍ରିଗେସନ୍ ମଡେଲ୍ (ଉଲା ମଡେଲ୍) ଅଧିନରେ ସୋଲାର ପ୍ୟାନେଲ ସ୍ଥାପନ କରି ଶୂନ୍ୟ ବିଦ୍ୟୁତ୍ ବିଲ୍ ପାଉଥିବା ଗ୍ରାହକଙ୍କ ସଂଖ୍ୟାରେ ଏକ ଉଲ୍ଲେଖନୀୟ ବୃଦ୍ଧି ଘଟିଛି । ଗତ ଡିସେମ୍ବର ୨୦୨୫ରେ ଶୂନ ବିଦ୍ୟୁତ୍ ବିଲ୍ ପାଇଥିବା ଗ୍ରାହକଙ୍କ ସଂଖ୍ୟା ୧୭୭ ଥିବାବେଳେ ଜାନୁଆରୀ ୨୦୨୬ରେ ଏହି ସଂଖ୍ୟା ପାଞ୍ଚ ଗୁଣରୁ ଅଧିକ ବୃଦ୍ଧି ପାଇ ୯୭୯ ଜଣରେ ପହଞ୍ଚିସାରିଛି । ଯାହା ଏହି ଯୋଜନାର ପ୍ରତ୍ୟକ୍ଷ ଆର୍ଥିକ ଲାଭକୁ ପ୍ରତିଫଳିତ କରୁଅଛି ।

ଉଲ୍ଲେଖଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନାରେ ସୋଲାର ପ୍ୟାନେଲ ସ୍ଥାପନ କରିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଆର୍ଥିକ ସହାୟତା ଉପଲବ୍ଧ ରହିଅଛି । ପ୍ରାୟ ୨ ଲକ୍ଷ ଟଙ୍କାର ମୂଲ୍ୟର ୩ କିଲୋୱାଟ୍ ସୋଲାର ପ୍ୟାନେଲ ସ୍ଥାପନ କଲେ ଜଣେ ଗ୍ରାହକଙ୍କୁ ପ୍ରାୟ ୧.୩୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ମିଳୁଅଛି । ସେହିଭଳି ପ୍ରାୟ ୧.୪୦ ଲକ୍ଷ ଟଙ୍କା ମୂଲ୍ୟର ୨ କିଲୋୱାଟ୍ ସୋଲାର ପ୍ୟାନେଲ ସ୍ଥାପନ ଦ୍ୱାରା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କଠାରୁ ମିଳିତ ଭାବରେ ପ୍ରାୟ ୧.୧୦ ଲକ୍ଷ ଟଙ୍କାର ସହାୟତା ମିଳୁଅଛି । ସେହିପରି ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ପ୍ରଚ୍ଚଳିତ ସ୍ୱତନ୍ତ୍ର ଏକ କିଲୋୱାଟ୍-ୟୁଟିଲିଟି ଲେଡ୍ ଏଗ୍ରିଗେସନ୍ ମଡେଲ୍ (ଉଲା ମଡେଲ୍) ଅଧିନରେ ଜଣେ ଯୋଗ୍ୟ ଗ୍ରାହକ କେବଳ ୫,୬୨୨ ଟଙ୍କା ପ୍ରଦାନ କରି (ଯେଉଁଥିରେ ସୋଲାର ପ୍ୟାନେଲ ବାବଦକୁ ୧୮୭୫ ଟଙ୍କା ଏବଂ ସୋଲାର ମିଟର ବାବଦକୁ ୩,୭୪୭ ଟଙ୍କା ଅନ୍ତର୍ଭୁକ୍ତ) ନିଜ ଘରର ଛାତ ଉପରେ ସୋଲାର ପ୍ୟାନେଲ ସ୍ଥାପନ କରିପାରିବେ । କମ୍ପାନୀ ପକ୍ଷରୁ ସମ୍ପୂର୍ଣ୍ଣ ସ୍ଥାପନ କାର୍ଯ୍ୟ ସମ୍ପାଦନ କରାଯିବ ଏବଂ ସମସ୍ତ ଯନ୍ତ୍ରପାତି ଉପରେ ପାଞ୍ଚ ବର୍ଷର ୱାରେଣ୍ଟି ଓ ସୋଲାର ପ୍ୟାନେଲ ଉପରେ ୨୫ ବର୍ଷର ୱାରେଣ୍ଟି କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଉଅଛି । ଯାହା ଦୀର୍ଘକାଳୀନ ନିର୍ଭରଯୋଗ୍ୟତା ସୁନିଶ୍ଚିତ କରୁଅଛି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ